ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV — Follow us:

ବର୍ଷ-୬ | ସଂଖ୍ୟା-୬୫ | ବୁଧବାର | ୨୮ ମଇ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-65 | Wednesday | 28 May 2025 | Bhubaneswar | Pages-8 | Rs. 2.00


**ଗୁଜରାଟ ସହରାଞ୍ଚଳ ବିକାଶ କାହାଣୀର ୨୦ ବର୍ଷ ପାଳନ ଅବସରରେ ପ୍ରଧାନମନ୍ତ୍ରୀଙ୍କ ଉଦବୋଧନ**

## ଆତଙ୍କବାଦୀ ୧୯୪୭ରେ ଶେଷ ହୋଇଯାଇଥାନ୍ତେ, ସର୍ଦ୍ଦାର ପଟେଲଙ୍କ କଥାକୁ କରାଯାଇଥିଲା ଅଣଦେଖା: ମୋଦି



ଗାନ୍ଧୀନଗର, ୨୭।୫ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଗୁଜରାଟର ଗାନ୍ଧୀନଗରରେ ଗୁଜରାଟ ସହରୀ ବିକାଶ କାହାଣୀର ୨୦ ବର୍ଷ ପାଳନ ସମାରୋହରେ ଉଦବୋଧନ ଦେଇଛନ୍ତି। ସମାବେଶକୁ ସମ୍ବୋଧିତ କରି ସେ କହିଥିଲେ ଯେ ଭଦୋଦରା, ଦାହୋଡ୍, ଭୁଜ, ଅହମ୍ମଦାବାଦ ଏବଂ ଗାନ୍ଧୀନଗର ଗସ୍ତ ସମୟରେ ସେ 'ଅପରେସନ ସିନ୍ଦୂର'ର ସଫଳତା ଶଙ୍ଖଶୁଣି ଏବଂ ତ୍ରିରଙ୍ଗା ଉଡ଼ିବାରଦେଖିବା ସହିତ ଦେଶପ୍ରେମର ଉତ୍ସାହ ଅନୁଭବ କରିଛନ୍ତି। ସେ ଆହୁରି ମଧ୍ୟ କହିଥିଲେ ଯେ, ଏହା ଦେଖିବା ଭଳି ଏକ ଦୃଶ୍ୟ ଥିଲା ଏବଂ ଏହି ଭାବନା କେବଳ ଗୁଜରାଟରେ ନୁହେଁ, ବରଂ ଭାରତର ପ୍ରତ୍ୟେକ କୋଣ ଏବଂ ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ଥିଲା। ଭାରତ ଆତଙ୍କବାଦର କଣ୍ଟାକୁ ଦୂର କରିବା ପାଇଁ ମନ ସ୍ଥିର କରିଥିଲା ଏବଂ ସମ୍ପୂର୍ଣ୍ଣ ଦୃଢ଼ତାର ସହିତ ଏହାକୁ କାର୍ଯ୍ୟକାରୀ କରିଥିଲା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ୧୯୪୭ ମସିହାରେ ଭାରତକୁ ତିନୋଟି ଭାଗରେ ବିଭାଜିତ କରାଯିବା ପରେ ଭାରତ ଉପରେ ହୋଇଥିବା ପ୍ରଥମ ଆତଙ୍କବାଦୀ ଆକ୍ରମଣକୁ ମନେ ପକାଇ ଶ୍ରୀ ମୋଦି କହିଥିଲେ ଯେ, ପାକିସ୍ତାନ ଆତଙ୍କବାଦୀମାନଙ୍କୁ ଆଶ୍ରୟ ଦେଇ ଗୋଟିଏ ଅଂଶ ହଡ଼ପ କରିଥିଲା। ସେ ସର୍ଦ୍ଦାର ପଟେଲଙ୍କ ଦୃଷ୍ଟିକୋଣକୁ ମନେ ପକାଇଥିଲେ ଏବଂ କହିଥିଲେ ଯେ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ପୁନରୁଦ୍ଧାର ନହେବା ପର୍ଯ୍ୟନ୍ତ ଭାରତୀୟ ସେନା ଅଟକିବା ଉଚିତ ନୁହେଁ। ତଥାପି, ପଟେଲଙ୍କ ପରାମର୍ଶ ପାଳନ କରାଯାଇ ନଥିଲା ବୋଲି ସେ କହିଥିଲେ। ଶ୍ରୀ ମୋଦି ଗୁରୁତ୍ୱାରୋପ କରି କହିଥିଲେ ଯେ, ଆତଙ୍କବାଦର ଏହି ଐତିହ୍ୟ ଗତ ୭୫ ବର୍ଷ ଧରି ଜାରି ରହିଛି ଏବଂ ପହଲଗାଓଁରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଏହାର ଆଉ ଏକ ଭୟଙ୍କର ରୂପ ଥିଲା। ସେ ଦୃଢ଼ତାର ସହିତ କହିଥିଲେ ଯେ କୂଟନୈତିକ ଖେଳ ଖେଳିବା ସତ୍ତ୍ୱେ, ପାକିସ୍ତାନ ବାରମ୍ବାର ଯୁଦ୍ଧରେ ଭାରତର ସାମରିକ ଶକ୍ତିର ସମ୍ମୁଖୀନ ହୋଇଛି। ସେ ଉଲ୍ଲେଖ କରିଥିଲେ ଯେ, ତିନି ଥର ଭାରତର ସଶସ୍ତ୍ର ବାହିନୀ ପାକିସ୍ତାନକୁ ନିର୍ଣ୍ଣାୟକ ଭାବରେ ପରାସ୍ତ କରିଥିଲା, ଯାହା ସ୍ପଷ୍ଟ କରେ ଯେ, ପାକିସ୍ତାନ ସିଧାସଳଖ ସାମରିକ ସଂଘର୍ଷରେ ବିଜୟୀ ହୋଇପାରିବ ନାହିଁ। ପାକିସ୍ତାନ ତାର ସୀମାସମ୍ପର୍କରେ ଜାଣିଛି ବୋଲି ସ୍ୱୀକାର କରି ଶ୍ରୀ ମୋଦି କହିଥିଲେ ଯେ, ପଡ଼ୋଶୀ ଦେଶ ଛାୟା ଯୁଦ୍ଧ ଆରମ୍ଭ କରିଛି। ସେ ବ୍ୟାଖ୍ୟା କରିଥିଲେ ଯେ, ପ୍ରଶିକ୍ଷିତ ଆତଙ୍କବାଦୀମାନଙ୍କୁ ରୀତିମତ ସାମରିକ ତାଲିମ ମାଧ୍ୟମରେ ଭାରତରେ ଅନୁପ୍ରବେଶ କରାଯାଉଥିଲା, ଯାହାର ଲକ୍ଷ୍ୟ ଥିଲା ଶାନ୍ତିପୂର୍ଣ୍ଣ ତୀର୍ଥଯାତ୍ରା କରୁଥିବା ଲୋକଙ୍କ ସମେତ ନିରୀହ ଏବଂ ନିରସ୍ତ୍ର ସାଧାରଣ ଲୋକଙ୍କୁ ଟାର୍ଗେଟ କରିବା। ଭାରତର ଗଭୀର ସାଂସ୍କୃତିକ ମୂଲ୍ୟବୋଧକୁ ଆଲୋକପାତ କରିବା, ବସୁଧୈବ କୁଟୁମ୍ବକମ୍‌ର ଦର୍ଶନ ଉପରେ ଗୁରୁତ୍ୱାରୋପ କରିବା, ଯାହା ସମଗ୍ର ବିଶ୍ୱକୁ ଗୋଟିଏ ପରିବାର ଭାବରେ ବିବେଚନା କରେବୋଲି ଉଲ୍ଲେଖ କରିବା ସହିତ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଭାରତ ଶହ ଶହ ବର୍ଷ ଧରି ଏହି ପରମ୍ପରାକୁ ବଜାୟ ରଖିଆସିଛି ଏବଂ ଏହାର ପଡ଼ୋଶୀମାନଙ୍କ ସହିତ ଶାନ୍ତିପୂର୍ଣ୍ଣ ଏବଂ ସଦ୍ଭାବନାପୂର୍ଣ୍ଣ ସମ୍ପର୍କ କିପରି ରଖିବ ସେଥିପାଇଁ ପ୍ରଚେଷ୍ଟା ଜାରି ରଖିଛି। ପ୍ରଧାନମନ୍ତ୍ରୀ ମନ୍ତବ୍ୟ ଦେଇଥିଲେ ଯେ, ଭାରତ ସର୍ବଦା ଶାନ୍ତି ଏବଂ ସ୍ଥିରତା ପାଇଁ ସମର୍ଥନ କରିଆସିଛି, କିନ୍ତୁ ଏହାର ଶକ୍ତି ପ୍ରତି ବାରମ୍ବାର ଆସୁଥିବା ଆହ୍ୱାନଗୁଡ଼ିକ ପାଇଁ ଦୃଢ଼ ପ୍ରତିକ୍ରିୟା ଆବଶ୍ୟକ କରିଛି। ସେ କହିଥିଲେ ଯେ, ଐତିହାସିକ ଭାବରେ, ଯାହାକୁ ଛାୟା ଯୁଦ୍ଧ ବୋଲି କୁହାଯାଉଥିଲା ତାହା ବର୍ତ୍ତମାନ ବ୍ୟାପକ ହୋଇଛି, ବିଶେଷ କରି ମେ' ୭ ତାରିଖର ଘଟଣା ପରେ ଏହା ଅଧିକରୁ ଅଧିକ ହୋଇଛି। ସେ ଦୃଢ଼ତାର ସହିତ କହିଥିଲେ ଯେ, ସାମ୍ପ୍ରତିକ ଘଟଣାବଳୀକୁ ଦୃଷ୍ଟିରେ ରଖି, ଏପରି କାର୍ଯ୍ୟକୁ ଛାୟା ଯୁଦ୍ଧ ବୋଲି ଉଲ୍ଲେଖ କରିବା ଏକ ଭୁଲ ହେବ। ସେ ଗୁରୁତ୍ୱାରୋପ କରିଥିଲେ ଯେ ୨୨ ମିନିଟ୍ ମଧ୍ୟରେ ନଅଟି ଚିହ୍ନଟ ଆତଙ୍କବାଦୀ ଶିବିରକୁ ଧ୍ୱଂସ କରାଯାଇଥିଲା, କ୍ୟାମେରା ତଥ୍ୟକୁ ରଖି ସମ୍ପୂର୍ଣ୍ଣ ସ୍ୱଚ୍ଛତା • ପୃଷ୍ଠା ୭ ଦେଖନ୍ତୁ...

## ୬୮ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ, ୨୭।୫ (ହି.ସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ରାଷ୍ଟ୍ରପତି ଭବନରେ ଦ୍ୱିତୀୟ ନାଗରିକ ଅନୁସନ୍ଧାନ ସମାରୋହରେ ପଦ୍ମ ପୁରସ୍କାର ପ୍ରଦାନ କରୁଛନ୍ତି। ଦେଶର ସର୍ବୋଚ୍ଚ ନାଗରିକ ପୁରସ୍କାର ମଧ୍ୟରୁ ଅନ୍ୟତମ ପଦ୍ମ ପୁରସ୍କାର ତିନୋଟି ବର୍ଗରେ ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଏବଂ ପଦ୍ମଶ୍ରୀ ପ୍ରଦାନ କରାଯାଏ। କଳା, ସାମାଜିକ କାର୍ଯ୍ୟ, ବିଜ୍ଞାନ ଏବଂ ଇଞ୍ଜିନିୟରିଂ, ବାଣିଜ୍ୟ ଏବଂ ଶିଳ୍ପ, ଔଷଧ, ସାହିତ୍ୟ ଏବଂ ଶିକ୍ଷା, କ୍ରୀଡା ଏବଂ ନାଗରିକ ସେବା ସମେତ ବିଭିନ୍ନ ବିଭାଗ ଓ କ୍ଷେତ୍ରରେ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଚଳିତ ବର୍ଷ ସରକାର ୧୩୯ଟି ପଦ୍ମ ପୁରସ୍କାର ଘୋଷଣା କରିଛନ୍ତି, ଯେଉଁଥିରେ ୭ଟି ପଦ୍ମ ବିଭୂଷଣ, ୧୯ଟି ପଦ୍ମ ଭୂଷଣ ଏବଂ ୧୧୩ଟି ପଦ୍ମଶ୍ରୀ ପୁରସ୍କାର ରହିଛି। ପ୍ରଥମ ସମାରୋହରେ ରାଷ୍ଟ୍ରପତି ୨୦୨୫ ବର୍ଷ ପାଇଁ ୭୧ ଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିଥିଲେ। ମଙ୍ଗଳବାର ଦ୍ୱିତୀୟ ସମାରୋହରେ ମୋଟ ୬୮ ଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ପଦ୍ମ ପୁରସ୍କାରରେ ସମ୍ମାନିତ କରାଯାଉଛି। ସେମାନଙ୍କ ମଧ୍ୟରେ, ଭାରତର ସର୍ବୋଚ୍ଚ ନ୍ୟାୟାଳୟର ପୂର୍ବତନ ପ୍ରଧାନ ବିଚାରପତି ଜଗଦୀଶ ସିଂ ଖେହର ଏବଂ କୁମୁଦନୀ ରଜନୀକାନ୍ତ ଲାଖିଆ ପଦ୍ମ ବିଭୂଷଣରେ ସମ୍ମାନିତ ହୋଇଛନ୍ତି। ଯେଉଁମାନଙ୍କୁ ପଦ୍ମ ଭୂଷଣ ପ୍ରଦାନ କରାଯାଉଛି ସେମାନଙ୍କ ମଧ୍ୟରେ ଅଛନ୍ତି ଜତିନ ଗୋସ୍ୱାମୀ, କୈଳାଶ ନାଥ ଦୀକ୍ଷିତ ଏବଂ ସାଧ୍ୱୀ ରତମ୍ଭରା ଓ ପ୍ରସିଦ୍ଧ ଅର୍ଥନୀତିଜ୍ଞ ବିବେକ ଦେବରଏଙ୍କୁ ମରଣୋତ୍ତର ଭାବେ ସମ୍ମାନିତ କରାଯାଇଛି। ପଦ୍ମଶ୍ରୀ ପୁରସ୍କାର ପାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ମନ୍ଦା କ୍ରିଷ୍ଣା ମାଦିଗା, ଡ.ନୀରଜା ଭଟଲା, ସନ୍ତୁ ରାମ ଦେଶୱାଲ ଏବଂ ସୟେଦ ଆଇନୁଲ ହାସନ ଅଛନ୍ତି।

## ଆଜି ରାଜ୍ୟ କ୍ୟାବିନେଟର ବୈଠକ

**ବିଭିନ୍ନ ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବରେ ବାଜିପାରେ ମୋହର**

ଭୁବନେଶ୍ୱର, ୨୭।୫ (ଡିକେ ନ୍ୟୁଜ୍): ବୁଧବାର ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ କ୍ୟାବିନେଟ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ବିଭିନ୍ନ ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆଲୋଚନା ପରେ ଗୃହୀତ ହେବ। ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନ ୫ଟାରେ ଲୋକସେବା ଭବନରେ ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତା କରିବେ। ଢାଞ୍ଚା ଗତ ନିୟମ ପରିବର୍ତ୍ତନ ଅନୁଯାୟୀ ବସିବ ବୈଠକ। ବିଭିନ୍ନ ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା ହେବ। କିଛି ପ୍ରସ୍ତାବରେ କ୍ୟାବିନେଟ୍ ମୋହର ବାଜିପାରେ ବୋଲି ସୂଚନା ମିଳିଛି।

## ପାକିସ୍ତାନ ସହିତ ଉତ୍ତେଜନା ମଧ୍ୟରେ ଭାରତ ଆଧୁନିକ ଯୁଦ୍ଧ ବିମାନ ନିର୍ମାଣକୁ ଦେଲା ଅନୁମୋଦନ




ନୂଆଦିଲ୍ଲୀ, ୨୭।୫ (ହି.ସ): ପାକିସ୍ତାନ ସହିତ ସାମ୍ପ୍ରତିକ ସାମରିକ ଉତ୍ତେଜନା ଏବଂ ଏକ ନୂତନ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ମଧ୍ୟରେ ଭାରତ ଦେଶର ସବୁଠାରୁ ଉନ୍ନତ ଗୁପ୍ତ ଯୁଦ୍ଧ ବିମାନ (ଷ୍ଟେଲଥ ଫାଇଟର ଜେଟ) ନିର୍ମାଣ ପାଇଁ ଏକ କାର୍ଯ୍ୟକ୍ରମକୁ ଅନୁମୋଦନ ଦେଇଛି। ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ନେତୃତ୍ୱରେ ଏହି ନିଷ୍ପତ୍ତି ନିଆଯାଇଛି, ଯାହା ଦେଶର ପ୍ରତିରକ୍ଷା କ୍ଷମତାକୁ ଆହୁରି ମଜବୁତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି। ଭାରତୀୟ ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, ଏହି କାର୍ଯ୍ୟକ୍ରମ ଅଡ଼ଭାନ୍ସଡ ମିଡିଅମ କମ୍ବାଟ ଏୟାରକ୍ରାଫ୍ଟ (ଏଏମ୍‌ସିଏ) ନାମରେ ପରିଚିତ, ଯାହା ଏକ ପଞ୍ଚମ ପିଢିର ଦୁଇ ଇଞ୍ଜିନ ବିଶିଷ୍ଟ ଗୁପ୍ତ ଯୁଦ୍ଧ ବିମାନ ନିର୍ମାଣ କରିବ। ଏହି ପ୍ରୋଜେକ୍ଟ ଭାରତୀୟ ବାୟୁସେନା (ଆଇଏଏଫ୍) ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କାରଣ ବାୟୁସେନାର ସ୍କ୍ୱାଡରନ ସଂଖ୍ୟା ଅନୁମୋଦିତ ୪୨ରୁ ହ୍ରାସ ପାଇ ୩୧କୁ ଆସିଛି, ଯେତେବେଳେ ପ୍ରତିଦ୍ୱନ୍ଦ୍ୱୀ ଚୀନ ନିଜର ବାୟୁସେନାକୁ ଦ୍ରୁତ ଗତିରେ ବିସ୍ତାର କରୁଛି। ଭାରତୀୟ ରାଷ୍ଟ୍ରୀୟ ଏୟାରୋନଟିକାଲ ଡେଭେଲପମେଣ୍ଟ ଏଜେନ୍ସି (ଏଡିଏ) ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରୁଛି ଏବଂ ଶୀଘ୍ର ପ୍ରୋଟୋଟାଇପ ବିକାଶ ପାଇଁ ପ୍ରତିରକ୍ଷା କମ୍ପାନୀମାନଙ୍କଠାରୁ ପ୍ରାରମ୍ଭିକ ଆଗ୍ରହ ଆହ୍ୱାନ କରିବ। ଏହି ବିମାନର ଡିଜାଇନ ଆମେରିକାର ଏଫ୍-୩୫ ସହ ସାମଞ୍ଜସ୍ୟ ରଖୁଥିବା ବେଳେ, ଏହାର ସର୍ବାଧିକ ଟେକଅଫ ଓଜନ ୨୫ ଟନ ହେବ ଏବଂ ଏହା ଦୁଇ ଇଞ୍ଜିନ ଦ୍ୱାରା ଚାଳିତ ହେବ। ତେବେ ପାକିସ୍ତାନର ଚାଇନା ନିର୍ମିତ ଜେ-୧୦ ଯୁଦ୍ଧ ବିମାନ ଏବଂ ସମ୍ଭାବ୍ୟ ଭାବେ ଶେନୟାଙ୍ଗ ଜେ-୩୫ଏ ଗୁପ୍ତ ଯୁଦ୍ଧ ବିମାନର ଆଗମନ ଭାରତୀୟ ବାୟୁସେନା ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏହା ସହିତ, ଚାଇନାର ଦ୍ରୁତ ବାୟୁସେନା ବିସ୍ତାର ମଧ୍ୟ ଭାରତର ପ୍ରତିରକ୍ଷା ରଣନୀତି ଉପରେ ଚାପ ସୃଷ୍ଟି କରୁଛି। ବର୍ତ୍ତମାନ ଭାରତୀୟ ବାୟୁସେନା ମୁଖ୍ୟତଃ ରୁଷୀୟ ଏବଂ ପୂର୍ବତନ ସୋଭିଏତ ବିମାନ • ପୃଷ୍ଠା ୭ ଦେଖନ୍ତୁ...

## ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ



ଭୁବନେଶ୍ୱର, ୨୭।୫ (ଡିକେ ନ୍ୟୁଜ୍): ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଲଘୁଚାପ କ୍ଷେତ୍ର। ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ମଙ୍ଗଳବାର ଉତ୍ତର ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ଉତ୍ତର ଦିଗରେ ଗତି କରି ଆସନ୍ତା ୪୮ ଘଣ୍ଟାରେ ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି। ଲଘୁଚାପ ପ୍ରଭାବରେ ରାଜ୍ୟରେ ମେ' ୩୧ ତାରିଖ ଯାଏଁ ବର୍ଷା ହେବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ମେଘୁଆ ପାଗ ରହିଥିବା ବେଳେ ଭୁବନେଶ୍ୱର ସମେତ ଆଉ କିଛି ସ୍ଥାନରେ ବର୍ଷା ହେଉଛି। କେଉଁଠି ଝିପିଝିପି ତ କେଉଁଠି ଜୋରରେ ବର୍ଷା ହେଉଛି। ଅନ୍ୟପକ୍ଷରେ ରାଜ୍ୟରେ ବର୍ଷା ନେଇ ସବୁ ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆରସି)। ସତର୍କ ରହିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଲୋକଙ୍କୁ ସଚେତନ କରିବା ସହ କ୍ଷୟକ୍ଷତି ବାବଦରେ ତୁରନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ଏସଆରସି। ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ 'ଏକ୍ସ'ରେ ଜାରି କରାଯାଇଥିବା ସୂଚନା ଅନୁଯାୟୀ, ବୁଧବାର ସକାଳ ସାଢେ ୮ ପର୍ଯ୍ୟନ୍ତ କଟକ, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି। ଏହି ସବୁ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ଅତି ପ୍ରବଳ ବର୍ଷା (୧୨ସେମିରୁ ୨୦ସେମି) ହେବାର ସମ୍ଭାବନା ରହିଛି। ଜିଲ୍ଲାରେ ବର୍ଷା ସହିତ ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ହେବାର ସମ୍ଭାବନା ରହିଛି। ତା' ସହିତ ବିଜୁଳି ମଧ୍ୟ ମାରିବ। ସେହିଭଳି ବୁଧବାର ସକାଳ ସାଢେ ୮ଟା ପର୍ଯ୍ୟନ୍ତ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଜପତି, କନ୍ଧମାଳ, ନୂଆପଡ଼ା, ବରଗଡ଼, ସୋନପୁର, ବୌଦ୍ଧ, ସମ୍ବଲପୁର, ସୁନ୍ଦରଗଡ଼, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଖୋର୍ଦ୍ଧା ଓ ପୁରୀ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସବୁ ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବର୍ଷା ସହିତ ଏହି ସବୁ ଜିଲ୍ଲାରେ ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ହେବ ଓ ବିଜୁଳି ବି ମାରିବ। ଗଞ୍ଜାମ, ବଲାଙ୍ଗିର, ନୟାଗଡ଼, ଅନୁଗୋଳ, ଦେବଗଡ଼, କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି। ଏହି ସବୁ ଜିଲ୍ଲାରେ ବର୍ଷା ସହିତ ବିଜୁଳି ମାରିବ ଓ ପବନ ହେବ। ୨୮ ତାରିଖ ସକାଳ ସାଢେ ୮ଟାରୁ ୨୯ ତାରିଖ ସକାଳ ସାଢେ ୮ଟା ପର୍ଯ୍ୟନ୍ତ କଟକ, ଜଗତସିଂହପୁର, ପୁରୀ, କୋରାପୁଟ ଓ ରାୟଗଡ଼ା ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସବୁ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତା' ସହିତ ଘଣ୍ଟା ପ୍ରତି ୫୦ରୁ ୬୦ କିମି ବେଗରେ ପବନ ହେବ ଓ ବିଜୁଳି ମଧ୍ୟ ମାରିବ। ବାକି ସବୁ ଜିଲ୍ଲାଗୁଡ଼ିକୁ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେଥିରୁ ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଜପତି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ଢେଙ୍କାନାଳ, • ପୃଷ୍ଠା ୭ ଦେଖନ୍ତୁ...

## କାର୍ ଭିତରେ ବିଷ ପିଇ ଆତ୍ମହତ୍ୟା କଲେ ଗୋଟିଏ ପରିବାରର ୭ ଜଣ




ଡେରାଡୁନ୍, ୨୭।୫ (ହି.ସ): ଋଣବୋଝରେ ଚାପଗ୍ରସ୍ତ ଡେରାଡୁନର ଏକ ପରିବାର ହରିୟାନା ପଞ୍ଚକୁଲାରେ କାର୍ ଭିତରେ ସମୂହ ଆତ୍ମହତ୍ୟା କରିଛନ୍ତି। ଏହି ଘଟଣା ସ୍ଥାନୀୟ ଲୋକଙ୍କମାନଙ୍କ ହୃଦୟକୁ ଦୋହଲାଇ ଦେଇଛି। ସାତ ଜଣ ଯାକ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ଛଅ ଜଣଙ୍କର ମୃତଦେହ କାର୍ ଭିତରୁ ମିଳିଥିବାବେଳେ ଜଣେ କାର୍ ବାହାରେ ମୃତ୍ୟୁକୁ ଅପେକ୍ଷା କରି ବସି ରହିଥିବାବେଳେ ଉଦ୍ଧାର ହୋଇଥିଲେ। ମାତ୍ର, ହସ୍ପିଟାଲରେ ତାଙ୍କୁ ମଧ୍ୟ ମୃତ ଘୋଷଣା କରାଯାଇଥିଲା। ଦୁଇ ଜଣ ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ସେମାନେ ରାତିରେ ଚାଲୁଥିବାବେଳେ ଡେରାଡୁନ୍ ନମ୍ବର ଥିବା ଏକ କାର୍ ସେକ୍ଟର ୨୭ର ଏକ ଘର ନିକଟରେ ପାର୍କ ହୋଇଥିବା ଦେଖିଥିଲେ। ଚାଲୁଥିବା ସେହି ଦୁଇ ଜଣଙ୍କ ମଧ୍ୟରୁ ଜଣଙ୍କର କାର୍ ସେଠାରେ ଆଗରୁ ପାର୍କିଂ ହୋଇଥିଲା। ତେଣୁ ଡେରାଡୁନ୍ ନମ୍ବରର ଗାଡ଼ି ଦେଖି ସେ ସେଠାକୁ ଯାଇ ଦେଖିଲେ ଯେ ଜଣେ ବ୍ୟକ୍ତି ସେହି ଡେରାଡୁନ୍ ନମ୍ବରର ଗାଡ଼ି ପାଖରେ ବସିଛନ୍ତି। ସେ ତାଙ୍କୁ ପଚାରିଲେ, କୁଆଡୁ ଆସିଛନ୍ତି ? ସେ କହିଲେ, ସେମାନେ ଡେରାଡୁନରୁ ପଞ୍ଚକୁଲା ଆସିଥିଲେ। ବାଗେଶ୍ୱର ଧାମରେ ହନୁମାନ କଥା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏବେ ସେମାନେ ଡେରାଡୁନ୍ ଫେରୁଛନ୍ତି। ପାଖରେ ହୋଟେଲ ନପାଇବାରୁ ଏଠାରେ ଗାଡ଼ି ରଖି ଟିକେ ବିଶ୍ରାମ କରୁଛନ୍ତି। ସ୍ଥାନୀୟ ଲୋକ ତାଙ୍କୁ କହିଲେ ଯେ କାରଟା ଏଠି ନରଖି ମାର୍କେଟ ପାଖକୁ ନେଇଯାଆନ୍ତୁ। ଏଥର ରାସ୍ତାକଡ଼ରେ ବସିଥିବା ଲୋକ ଜଣକ ଉଠି ଠିଆ ହେଲେ ଓ କାର୍ ପାଖକୁ ଗଲେ। ତାଙ୍କ ସହିତ ସେହି ପ୍ରତ୍ୟକ୍ଷଦର୍ଶୀ ଦୁଇ ଜଣ କାର୍ ନିକଟକୁ ଯାଇ ଯାହା ଦେଖିଲେ ସେଥିରେ ସେମାନଙ୍କର ମୁଣ୍ଡ ଘୂରଇଦେଲା। କାର୍ ଭିତରେ ଛଅ ଜଣଙ୍କର ନିଷ୍ପ୍ରାଣ ଶରୀର ଦେଖି ସେମାନେ ଛାନିଆ ହୋଇଯାଇଥିଲେ। ସେମାନେ ପରସ୍ପର ଉପରେ ବାନ୍ତି କରିଥିଲେ। ସେମାନେ ସେହି ଲୋକଙ୍କୁ ପଚାରିବାରୁ ସେ ସବୁ ସତ କଥା ମାନିକଲେ। ସେ କହିଲେ ଯେ ତାଙ୍କ ପରିବାର ଉପରେ ଅନେକ ଋଣର ବୋଝ। ସେମାନେ ତାହା ବୋହି ପାରୁନାହାନ୍ତି କି ଶୁଝି ପାରୁନାହାନ୍ତି। ତେଣୁ ସେମାନେ ସମୂହ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ। କାର୍ ଭିତରେ ସେମାନେ ମରି ସାରିଛନ୍ତି। ଆଉ ୫ ମିନିଟ ପରେ ସେ ବି ମରିଯିବେ। ଏ କଥା ଶୁଣିବା ପରେ ସ୍ଥାନୀୟ ଲୋକ ଦି' ଜଣ ପୋଲିସକୁ ଫୋନ କଲେ। ପୋଲିସ ଆସିବା ପରେ ସେମାନେ କାର୍ ଡୋର୍ ଖୋଲି ଭିତରେ ଥିବା ଲୋକମାନଙ୍କୁ ଉଦ୍ଧାର କରି ମେଡିକାଲ ପଠେଇଲେ। ସେତେବେଳ ଯାଏଁ ବଞ୍ଚି ରହିଥିବା ସେହି ବାହାରେ ବସିଥିବା ଲୋକଙ୍କୁ ବି ମେଡିକାଲ ନିଆଗଲା। କିନ୍ତୁ ଡାକ୍ତରମାନେ ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ୍ କାର୍ ଭିତରକୁ ଏକ ସୁଇସାଇଡ୍ ନୋଟ୍ ଜବତ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି। ମୃତକମାନେ ହେଉଛନ୍ତି ଗୋଟିଏ ପରିବାରର। କାର୍ ବାହାରେ ବସିଥିବା ଲୋକଙ୍କର ନାମ ପ୍ରବୀଣ ମିତ୍ତଲ ବୋଲି ଜଣାପଡ଼ିଛି। ତାଙ୍କର ବୟସ ୪୨। କାର୍ ଭିତରେ ତାଙ୍କ ବାପ-ମା', ସ୍ତ୍ରୀ ଓ ତିନି ଛୁଆ ଥିଲେ। ଛୁଆଙ୍କ ମଧ୍ୟରେ ଜଣେ ପୁଅ ଓ ଦି'ଜଣ ଝିଅ। ପଞ୍ଚକୁଲା ଡିସିପି ହିମାଦ୍ରୀ କୌଶିକ ଓ ଆଇନଶୃଙ୍ଖଳା ଡିସିପି ଅମିତ ଦହିୟା ଘଟଣାସ୍ଥଳରେ ପହଞ୍ଚି ହତଭାଗ୍ୟ ସାତ ଜଣଙ୍କୁ ହସ୍ପିଟାଲ ପଠାଇଥିଲେ। ସେମାନେ ଏହି ଦୁଃଖଦ ଘଟଣାର ତଦନ୍ତ ଚଳାଇଛନ୍ତି। ପୋଷ୍ଟମର୍ଟମ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ କେଉଁ ବିଷ ତାହ ଜଣାପଡ଼ିବ। ସେହିପରି ପରିବାର ଉପରେ ସତରେ ଋଣ ବୋଝ ଥିଲା ନା ଅନ୍ୟ କୌଣସି କାରଣରୁ ସେମାନେ ଆତ୍ମହତ୍ୟା କରିଛନ୍ତି ସେ ସଂପର୍କରେ ତଦନ୍ତ ଜାରି ରହିଛି। ସେମାନେ ଆତ୍ମହତ୍ୟା କରିବାକୁ ଡେରାଡୁନରୁ ଦିଲ୍ଲୀ କାହିଁକି ଆସିଲେ ଓ ବାଗେଶ୍ୱର ଧାମରେ ହନୁମାନ କଥା ଆଧ୍ୟାତ୍ମିକ ଅନୁଷ୍ଠାନରେ ଯୋଗଦେବା ପରେ କାହିଁକି ଆତ୍ମହତ୍ୟା କଲେ ସେ ନେଇ ମଧ୍ୟ ତଦନ୍ତ ହେବ ବୋଲି ପୋଲିସ କହିଛି।




## ଓରିଏଣ୍ଟାଲ ଟ୍ରାଇମେକ୍ସ ଲିମିଟେଡ ଆର୍ଥିକ ବର୍ଷ୨୫ରେ ବ୍ୟବସାୟିକ କାର୍ଯ୍ୟକଳାପରେ ରୂପାନ୍ତରଣ ଆଣିଛି

**ନୂଆଦିଲ୍ଲୀ,(ହି.ସ):** ଭାରତରେ ପ୍ରାକୃତିକ ପଥରଗୁଡିକର ଏକ ଅଗ୍ରଣୀ ପ୍ରକ୍ରିୟାକରଣକାରୀ ଏବଂ ଟ୍ରେଡର ଓରିଏଣ୍ଟାଲ ଟ୍ରାଇମେକ୍ସ ଲିମିଟେଡ ତାହାର ବ୍ୟବସାୟିକ କାର୍ଯ୍ୟକଳାପରେ ରୂପାନ୍ତରଣ ଆଣିଛି, ଏବଂ ତାହା ୨୦୨୫ ମାର୍ଚ୍ଚରେ ଶେଷ ହୋଇଥିବା ଆର୍ଥିକ ବର୍ଷ୨୫ର ଚତୁର୍ଥ ତ୍ରୟମାସିକ ନିମନ୍ତେ ଆର୍ଥିକ ଫଳାଫଳରେ ପ୍ରତିଫଳିତ ହୋଇଛି। କମ୍ପାନୀ ଗତବର୍ଷ ଚତୁର୍ଥ ତ୍ରୟମାସିକରେ ୬.୪୩ କୋଟି ଟଙ୍କା କ୍ଷତି କରିଥିବାବେଳେ ଆର୍ଥିକ ବର୍ଷ୨୫ର ଚତୁର୍ଥ ତ୍ରୟମାସିକରେ ୫.୯୭ କୋଟି ଟଙ୍କା ନେଟ୍ ଲାଭ ଉପାର୍ଜନ କରିଛି। ଆର୍ଥିକ ବର୍ଷ ୨୫ର ଚତୁର୍ଥ ତ୍ରୟମାସିକରେ ଏହାର ବ୍ୟବସାୟିକ କାର୍ଯ୍ୟକଳାପରୁ ରାଜସ୍ୱ ଆୟ ଚାରିଗୁଣରୁ ଅଧିକ ବୃଦ୍ଧିପାଇ ୧୬.୬୬ କୋଟି ଟଙ୍କା ହୋଇଛି, ଯାହା ଆର୍ଥିକ ବର୍ଷ୨୪ର ଚତୁର୍ଥ ତ୍ରୟମାସିକରେ ୩.୦୧ କୋଟି ଟଙ୍କା ହୋଇଥିଲା, ଏବଂ ଏହାଦ୍ୱାରା ପୂର୍ବବର୍ଷର ଚତୁର୍ଥ ତ୍ରୟମାସିକ ତୁଳନାରେ ଆର୍ଥିକ ବର୍ଷ୨୫ର ସେହି ସମୟରେ କମ୍ପାନୀର ରାଜସ୍ୱ ଆୟରେ ୪୫୩% ବୃଦ୍ଧି ଘଟିଛି। ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀ ନେଟ୍ ୮.୫୩ କୋଟି ଟଙ୍କା ଲାଭ ଉପାର୍ଜନ କରିଥିବା ପ୍ରକାଶ କରିଛି, ଅନ୍ୟପକ୍ଷରେ ଆର୍ଥିକ ବର୍ଷ ୨୩-୨୪ରେ ଏହା ୬.୪୮ କୋଟି ଟଙ୍କା ନେଟ୍ କ୍ଷତିର ସମ୍ମୁଖୀନ ହୋଇଥିଲା। ଆର୍ଥିକ ବର୍ଷ୨୪ରେ ଏହାର ବ୍ୟବସାୟିକ କାର୍ଯ୍ୟକଳାପରୁ ରାଜସ୍ୱ ଆୟ ୩.୬୪ କୋଟି ଟଙ୍କା ଥିବାବେଳେ ଆର୍ଥିକ ବର୍ଷ୨୫ରେ ତାହା ୪୭୬% ବୃଦ୍ଧିପାଇ ୨୧.୦୨ କୋଟି ଟଙ୍କା ହୋଇଛି। ଓଡ଼ିଶାରେ କମ୍ପାନୀ ଓଡ଼ିଶା ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ନିକଟରୁ ବ୍ଲାକ ଗ୍ରାନାଇଟ ଖଣି ୩୦ ବର୍ଷ ଲିଜ୍ ସୂତ୍ରରେ ହାସଲ କରିଛି। ଓରିଏଣ୍ଟାଲ ଟ୍ରାଇମେକ୍ସ ଏହି ଖଣି ସ୍ଥଳରୁ ଏହାର ବାର୍ଷିକ ରାଜସ୍ୱ ଆୟ ୧୦ କୋଟିରୁ ୧୫ କୋଟି ଟଙ୍କା ହେବା ଆଶା କରୁଛି। ଏହି ଲିଜ୍ ୨୦୨୫ ମେ ୨୧ ତାରିଖରେ ଆନୁଷ୍ଠାନିକ ଭାବରେ କମ୍ପାନୀକୁ ପ୍ରଦାନ କରାଯାଇଥିବା ବେଳେ ଏହା ମାଲକାନଗିରି ଜିଲ୍ଲାର ମୋଟୁ ତହସିଲ ଅଧୀନ ପୋଙ୍ଗେରୁ ଗ୍ରାମରେ ୪.୯୬୧ ହେକ୍ଟର ଅଞ୍ଚଳରେ ରହିଛି। ଏହି ଖଣିରେ ବ୍ୟବସାୟିକ କାର୍ଯ୍ୟକଳାପ ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି, ଯାହା ଉନ୍ନତ ସମ୍ପଦର ମାଲିକାନା, ମୂଲ୍ୟ ପାରଦର୍ଶିତା ଏବଂ କ୍ୱାରୀ ଖନନ ଠାରୁ ଆବଣ୍ଟନ ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ମୂଲ୍ୟ ଶୃଙ୍ଖଳକୁ ସଂଯୁକ୍ତ କରିବାରେ ଅବଦାନ ରଖିବ। ଏହି ଦୀର୍ଘସୂତ୍ରୀ ସମ୍ପତ୍ତି ଓରିଏଣ୍ଟାଲ ଟ୍ରାଇମେକ୍ସର ଦୀର୍ଘସ୍ଥାୟୀ ଅଭିବୃଦ୍ଧି ଏବଂ ଲାଭଗତ ସ୍ଥିରତା କ୍ଷେତ୍ରରେ ମୂଳଦୁଆକୁ ସୁଦୃଢ଼ କରୁଛି ଏବଂ ପ୍ରାକୃତିକ ପଥର ଓ ନିର୍ମାଣ ସାମଗ୍ରୀ ଶିଳ୍ପରେ ଏକ ଅଗ୍ରଣୀ କମ୍ପାନୀ ଭାବରେ ଏହାର ସ୍ଥିତିକୁ ପୁନଃ ସୁଦୃଢ଼ କରୁଛି। ନିର୍ମାଣ ସାମଗ୍ରୀ କ୍ଷେତ୍ରରେ ଏହାର ଅଭିବୃଦ୍ଧି ରଣକୌଶଳକୁ ସମର୍ଥନ କରିବା ନିମନ୍ତେ କମ୍ପାନୀ ତାହାର ଭର୍ଟିକାଲ ଡିଭିଜନ ନିମନ୍ତେ ଗ୍ରେଟର ନଏଡାରେ ଏକ ଦ୍ୱିତୀୟ ସୋରୁମ୍ ଏବଂ ଗୋଦାମଘର ଖୋଲିଛି, ଯେଉଁଠାରେ ପ୍ରିମିୟମ 'ବିରଳ ମୃତ୍ତିକା' ଭିଟ୍ରିଫାଏଡ ଟାଇଲ୍ସ ସ୍ୱତନ୍ତ୍ର ଭାବରେ ସ୍ଥାନପାଇଛି। ନିର୍ମାଣାଧୀନ ଜେୱାର ବିମାନ ବନ୍ଦର ଏବଂ ଏରୋଟ୍ରୋପୋଲିସ୍ ନିକଟରେ ରଣକୌଶଳାତ୍ମକ ଦୃଷ୍ଟିରୁ ଅବସ୍ଥିତ ଏହି ସ୍ଥଳ ୨୦୨୫ ଏପ୍ରିଲରୁ କାର୍ଯ୍ୟକ୍ଷମ ହୋଇସାରିଛି। ଉଚ୍ଚ ଗୁଣମାନର ମାର୍ବଲ-ଲୁକ୍ ଟାଇଲ୍ସଗୁଡିକର ବର୍ଦ୍ଧିତାକୁ ପ୍ରତିଦ୍ୱନ୍ଦ୍ୱିତାମୂଳକ ମୂଲ୍ୟରେ ପୂରଣ କରିବାକୁ ଏହା ଲକ୍ଷ୍ୟ ରଖିଛି। ପ୍ରଥମ ସୋରୁମ୍ ଖୋଲିବାର ମାତ୍ର ପନ୍ଦର ମାସ ମଧ୍ୟରେ ଏହି ସମ୍ପ୍ରସାରଣ ବ୍ୟାପକ ବଜାର ଗବେଷଣା ଆଧାରରେ କରାଯାଇଛି ଏବଂ ଏହା ଉତ୍ତର ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ରିଅଲ ଇଷ୍ଟେଟ ବଜାରର ସୁଯୋଗ ନେବା ନିମନ୍ତେ କମ୍ପାନୀର ଦୃଷ୍ଟିନିବନ୍ଧକୁ ପ୍ରତିଫଳିତ କରୁଛି। କମ୍ପାନୀ ୨୦୨୪ ସେପ୍ଟେମ୍ବରରେ ସଫଳତାର ସହିତ ୪୮.୫୧ କୋଟି ଟଙ୍କାର ରାଇଟସ୍ ଇସ୍ୟୁ ସମ୍ପୂର୍ଣ୍ଣ କରିଥିଲା। ଏହି ପାଣ୍ଠିକୁ କମ୍ପାନୀର ତାମିଲନାଡୁରେ ଥିବା କାରଖାନାରେ ମାର୍ବଲ ବ୍ଲକଗୁଡିକୁ କାଟି ଫିନିଶଡ ଉତ୍ପାଦରେ ପରିଣତ କରିବାକୁ ଅଧିକ ଯନ୍ତ୍ରପାତି ସ୍ଥାପନ, କାର୍ଯ୍ୟକାରୀ ମୂଳଧନ ଆବଶ୍ୟକତା ପୂରଣ, ଓଡ଼ିଶାରେ 'ଜେଟ୍ ବ୍ଲାକ' ଗ୍ରାନାଇଟ ଖଣିର ବିକାଶ, ପୂର୍ବର ବକେୟା ଥିବା ଅର୍ଥ ପରିଶୋଧନ କରିବା ଏବଂ ସାଧାରଣ କମ୍ପାନୀ ପରିଚାଳନା ବାବଦ ଖର୍ଚ୍ଚ ନିମନ୍ତେ ବିନିଯୋଗ କରାଯାଇଛି।

## ଆଶ୍ଚର୍ଯ୍ୟବିହାର ହେବ ଆଇଟି ହବ୍




**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଆଶ୍ଚର୍ଯ୍ୟ ବିହାରରେ ଥିବା ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର (ଓକାକ୍)ର ପୁରୁଣା କୋଠାକୁ ଭାଙ୍ଗି ସେଠାରେ ଏକ ଅତ୍ୟାଧୁନିକ ଟେକ୍ନୋଲୋଜି ବିଜନେସ୍ ଟାୱାର ନିର୍ମାଣ କରିବାକୁ ରାଜ୍ୟ ସରକାର ଯୋଜନା ରଖିଛନ୍ତି। ଏଥିପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଉଦ୍ୟୋଗଗୁଡ଼ିକଠାରୁ ଏକ୍ସପ୍ରେସନ୍ ଅଫ୍ ଇଣ୍ଟରେଷ୍ଟ(ଇଓଆଇ) ଆହ୍ୱାନ କରାଯାଇଛି। ସେହି ସଂସ୍ଥା ନୂଆ ଟାୱାର ନିର୍ମାଣ କରିବ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ ନୂଆ ଟେକ୍ନୋଲୋଜି ବିଜନେସ୍ ଟାୱାର ନିର୍ମାଣ କରିବାରେ ପ୍ରାୟ ୨୦୦ କୋଟି ଟଙ୍କା ନିବେଶ କରାଯିବ। ପ୍ରଯୁକ୍ତି ଦୁନିଆରେ ପରିଚାଳିତ ହେଉଥିବା କମ୍ପାନୀଗୁଡ଼ିକର ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୂଆ କୋଠା ନିର୍ମାଣ କରାଯିବ। ତିନି ଲକ୍ଷ ବର୍ଗଫୁଟ ସ୍ଥାନରେ ଏହି କୋଠା ନିର୍ମାଣ କରିବା ଯୋଜନା ରହିଛି। ସେହି କୋଠାକୁ ଉଭୟ ଓକାକ୍ ଓ ଆଇଟି କମ୍ପାନୀଗୁଡ଼ିକ ବ୍ୟବହାର କରିବା ଲାଗି ଉପଲବ୍ଧ କରାଯିବ। ୧୯୮୫ରେ ନିର୍ମାଣ କରାଯାଇଥିବା ଓକାକ୍ ପୂର୍ବରୁ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଅଧୀନରେ ପରିଚାଳିତ ହେଉଥିଲା। କିନ୍ତୁ ୨୦୦୩ଠାରୁ ତାହା ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ଅଧୀନରେ ପରିଚାଳିତ ହେଉଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ସରକାରୀ ବିଭାଗଗୁଡ଼ିକର କମ୍ପ୍ୟୁଟରୀକରଣ ଲାଗି ଗଠନ କରାଯାଇଥିବା ଓକାକ୍‌ର କାର୍ଯ୍ୟ ପରିସର ୨୦୦୦ ମସିହା ପରେ ବ୍ୟାପକ ହୋଇଥିଲା। ସୂଚନା ପ୍ରଯୁକ୍ତି ଦୁନିଆରେ ହୋଇଥିବା ଅଗ୍ରଗତି ଅନୁସାରେ ଏହାର କାର୍ଯ୍ୟ ପରିସୀମା ବଢ଼ିଥିଲା। ଧୀରେ ଧୀରେ ଆଶ୍ଚର୍ଯ୍ୟବିହାର ଅଞ୍ଚଳ ସହରର ଏକ ପ୍ରମୁଖ ଆଇଟି ହବ୍ ଭାବେ ଉଭା ହେବାରେ ଲାଗିଛି। ପୂର୍ବରୁ ଓକାକ୍ ପରିସରରେ ଏକ ସାତ ମହଲା ଅତ୍ୟାଧୁନିକ କୋଠା ରହିଛି। ଯେଉଁଥିରେ ଆଇଟି, ଆଇଟି ସମ୍ପର୍କିତ କମ୍ପାନି ଓ ଇଏସଡ଼ିଏମ୍ କମ୍ପାନିଗୁଡ଼ିକ କାର୍ଯ୍ୟ କରୁଛନ୍ତି। ସେହିପରି, ମହାରାଜା ଟକିଜ୍ ପାର୍ଶ୍ୱରେ 'ଓଡ଼ିଶା ଟେକ୍ନୋଲୋଜି ସେଣ୍ଟର' ସ୍ଥାପନ କରାଯାଇଛି। ସେହି ଅତ୍ୟାଧୁନିକ ପରିସରରେ ଆକ୍ସେଞ୍ଚର, କଗ୍ନିଜାଣ୍ଟ ଭଳି ବିଶ୍ୱସ୍ତରୀୟ କମ୍ପାନି କାର୍ଯ୍ୟ କରୁଛନ୍ତି। ଓଡ଼ିଶା ଟେକ୍ନୋଲୋଜି ସେଣ୍ଟରକୁ ୫୧ ହଜାର ବର୍ଗଫୁଟରେ ନିର୍ମାଣ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଏଥିରେ ଆଉ ୨୯ହଜାର ବର୍ଗଫୁଟ ଯୋଡ଼ିବା ଯୋଜନା ରହିଛି। ଓକାକ୍‌ର ପୁରୁଣା କୋଠା ଭାଙ୍ଗି ସେଠାରେ ନୂଆ ଟାୱାର ସ୍ଥାପନ କରାଯିବା ପରେ ଆଶ୍ଚର୍ଯ୍ୟ ବିହାର ଅଞ୍ଚଳ ଏକ ପ୍ରମୁଖ ଆଇଟି ହବ୍‌ରେ ପରିଣତ ହେବ।

## ନିଲାମ ହୋଇପାରୁନି ଖଣି : ଖଣି ରାଜସ୍ୱ ବୃଦ୍ଧି ବଦଳରେ ହ୍ରାସ



**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ବିକଶିତ ଓଡ଼ିଶା ଓ ଭାରତର ସମୃଦ୍ଧିରେ ଖଣିଖାଦାନର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ଏପରିକି ଖଣି କାରବାର ଆମ ରାଜ୍ୟ ଓ ଦେଶର ଅର୍ଥନୀତି ମେରୁଦଣ୍ଡ ବୋଲି କୁହାଯାଉଛି। ନୂତନ ଖଣିନୀତି ଅନୁଯାୟୀ ଦିନକୁ ଦିନ ଖଣି କାରବାର ସୁଦୃଢ଼ ହେବା ବଦଳରେ ଦୁର୍ବଳ ହେବାରେ ଲାଗିଛି। ଗତ ୨ବର୍ଷରେ ଗୋଟିଏ ବି ଲୁହାପଥର ଖଣି ନିଲାମ ହୋଇନାହିଁ। ସେହିପରି ଖଣିରୁ ରାଜସ୍ୱ ବୃଦ୍ଧି ବଦଳରେ ହ୍ରାସ ଘଟିଛି। ଯାହାକୁ ନେଇ ଅର୍ଥନୀତି ବିଶାରଦମାନେ ଚିନ୍ତା ପ୍ରକଟ କରିଛନ୍ତି। ଅନୁସନ୍ଧାନରୁ ଜଣାପଡ଼ିଛି ୨୦୦୯ ମସିହା ପୂର୍ବରୁ ରାଜ୍ୟରେ ୬୨୯ଟି ଲୁହାପଥର, ମାଙ୍ଗାନିଜ, କ୍ରୋମାଇଟ୍, ଗ୍ରାଫାଇଟି, ବକ୍ସାଇଟ୍ ପ୍ରଭୃତି ଖଣି ଲିଜ୍ ଥିଲା। ଏଥି ମଧ୍ୟରୁ ୪ଶହ ଖଣି କାର୍ଯ୍ୟକ୍ଷମ ଥିଲା। ବିଭିନ୍ନ କାରଣ ଓ ଖନନ ସମୟ ମିଆଦ ପୂରଣ ହୋଇଯାଇଥିବା ଯୋଗୁଁ ୨ଶହ ଖଣି ବନ୍ଦ ହୋଇଯାଇଛି। ଏବେ ବି ୩୮୩ଟି ଖଣି ଲିଜ୍ ମିଆଦ ରହିଛି। ପରିବେଶ ମଞ୍ଜୁରି ଓ ଜଙ୍ଗଲ ବିଭାଗ ଅନୁମତି ପ୍ରଭୃତି କାରଣରୁ ୧୮୧ଟି କାର୍ଯ୍ୟକ୍ଷମ ହୋଇପାରୁନଥିବା ବେଳେ ୨୦୨ଟି କାର୍ଯ୍ୟକ୍ଷମ ରହିଛି। ମାତ୍ର ୨୦୧୫ ନୂତନ ଖଣିନୀତି ଅନୁଯାଇ ଲିଜ୍ ବଦଳରେ ନିଲାମ ନୀତି ଗ୍ରହଣ କରାଯାଇଛି। ଏହି ନୀତି ଅନୁଯାୟୀ ନିଲାମଧାରୀମାନେ ଖୋଲା ନିଲାମରେ ଭାଗ ନେଇଥିଲେ। ଏବେ ସୁଦ୍ଧା ମାତ୍ର ୪୪ଟି ଖଣି ନିଲାମ୍ ହୋଇଛି। ପୂର୍ବ ନିୟମ ଅନୁଯାୟୀ ୨ଶହ ଖଣି ବଦଳରେ ମାତ୍ର ୨୪ଟି ଖଣି କାର୍ଯ୍ୟକ୍ଷମ ରହିଛି। ନିଲାମ ହୋଇଥିବା ୪୪ଟି ଖଣିରୁ ୨୦ଟି ଖଣିର ପରିବେଶ ମଞ୍ଜୁରି, ଜଙ୍ଗଲ ବିଭାଗ ଅନୁମତି ଓ ଅନ୍ୟାନ୍ୟ କାରଣ ପାଇଁ ଖଣିଗୁଡ଼ିକ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଖଣି, ଜଙ୍ଗଲ ଓ ପରିବେଶ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ଅଭାବ ରହିଛି। ୨୦୨୩ ଓ ୨୦୨୪ରେ ଗୋଟିଏ ବି ଲୁହାପଥର ଖଣି ନିଲାମ ହୋଇନାହିଁ। ଯାହା ଫଳରେ ଖଣି ରାଜସ୍ୱ ଦିନକୁ ଦିନ ହ୍ରାସ ଘଟୁଛି। ୨୦୨୧-୨୨ରେ ଖଣିରୁ ୪୯ହଜାର ୯ଶହ କୋଟି ଟଙ୍କା ରାଜସ୍ୱ ମିଳିଥିଲା। ପର୍ଯ୍ୟାୟକ୍ରମେ ଏହା ୮୦ହଜାର କୋଟି ଟଙ୍କାରେ ପହଞ୍ଚିବା ପରିବର୍ତ୍ତେ ତାହା ହ୍ରାସ ପାଇଁ ଏବେ ୪୦ ହଜାର କୋଟି ଟଙ୍କାରେ ପହଞ୍ଚିଛି। ଖଣିଜ ସମ୍ପଦ ପରିଚାଳନାରେ ଏପରି ତ୍ରୁଟି ଖଣିଜ ଶିଳ୍ପକୁ ବ୍ୟାପକ ଭାବରେ ପ୍ରଭାବିତ କରୁଛି। ଯାହାର ଫଳରେ ଖଣିଜ ସମ୍ପଦ ରପ୍ତାନି ବଦଳରେ ଆମଦାନିର ସ୍ଥିତି ଉପୁଜିଛି। ବିଗତ ଦଶବର୍ଷରେ ଖଣିଜ ସମ୍ପଦକୁ ନେଇ ଓଡ଼ିଶାର ଆର୍ଥିକ ପ୍ରଗତି ଦ୍ରୁତଗତିରେ ଗତି କରୁଥିଲା। ଏବେ ସେଥିରେ ରୋକ୍ ଲାଗିଛି। ଏହା ଉପରେ ବିଚାର କରି ବିଭିନ୍ନ ବିଭାଗ ଓ ନୀତିନିୟମରେ ଥିବା ତ୍ରୁଟିକୁ ସୁଧାରିଲେ ରାଜ୍ୟର ଖଣି ରାଜସ୍ୱ ବୃଦ୍ଧି ସହିତ ଶିଳ୍ପାୟନ ଉତ୍ସାହିତ କରିବ ବୋଲି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି।

## ଏଣିକି ଇପିଏଫ୍‌ରେ ମିଳିବ ୮.୨୫% ସୁଧ

**ନୂଆଦିଲ୍ଲୀ,(ହି.ସ):** କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ)ର ସଦସ୍ୟମାନେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସେମାନଙ୍କ ଜମାରାଶି ଉପରେ ୮.୨୫ ପ୍ରତିଶତ ସୁଧ ପାଇବେ। ଇପିଏଫ୍‌ଓର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ ଏ ନେଇ ପୂର୍ବରୁ ନେଇଥିବା ନିଷ୍ପତ୍ତିକୁ ଅର୍ଥ ମନ୍ତ୍ରାଳୟ ଚଳିତ ସପ୍ତାହରେ ମଞ୍ଜୁରି ପ୍ରଦାନ କରିଛି। ଅର୍ଥ ମନ୍ତ୍ରାଳୟର ଏଭଳି ନିଷ୍ପତ୍ତି ଫଳରେ ଇପିଏଫ୍‌ଓର ପ୍ରାୟ ୭ କୋଟିରୁ ଅଧିକ ସଦସ୍ୟ ଉପକୃତ ହେବେ। ଉଲ୍ଲେଖଯୋଗ୍ୟ, କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡଭୀୟଙ୍କ ଅଧ୍ୟକ୍ଷତାରେ ଚଳିତବର୍ଷ ଫେବୃଆରି ୨୮ରେ ଅନୁଷ୍ଠିତ ଇପିଏଫ୍‌ଓର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି)ର ୨୩୭ତମ ବୈଠକରେ ସଦସ୍ୟମାନଙ୍କୁ ୨୦୨୪-୨୫ ଆର୍ଥିକ ବର୍ଷ ଲାଗି ୮.୨୫ ପ୍ରତିଶତ ସୁଧ ପ୍ରଦାନ ନିମନ୍ତେ ସ୍ଥିର ହୋଇଥିଲା। ଏହାଦ୍ୱାରା କ୍ରମାଗତ ଭାବେ ଦ୍ୱିତୀୟ ବର୍ଷ ପାଇଁ ସଦସ୍ୟମାନଙ୍କୁ ୮.୨୫ ପ୍ରତିଶତ ଇପିଏଫ୍ ସୁଧ ମିଳିବ। ୨୦୨୨-୨୩ରେ ସଦସ୍ୟମାନଙ୍କୁ ୮.୧୫ ପ୍ରତିଶତ ସୁଧ ମିଳିଥିଲା। ୨୦୨୩-୨୪ରେ ଏଥିରେ ୦.୧୦ ପ୍ରତିଶତ ବୃଦ୍ଧି କରାଯାଇ ୮.୨୫ ପ୍ରତିଶତ ରଖାଯାଇଥିଲା। ୨୦୨୨ ମାର୍ଚ୍ଚରେ ଇପିଏଫ୍‌ଓ ଏହାର ସଦସ୍ୟମାନଙ୍କ ସୁଧ ହାରକୁ ୨୦୨୧-୨୨ ଆର୍ଥିକବର୍ଷ ପାଇଁ ୮.୧୦ ପ୍ରତିଶତକୁ ହ୍ରାସ କରିଥିଲା, ଯାହାକି ପ୍ରାୟ ୪ ଦଶନ୍ଧି ମଧ୍ୟରେ ସର୍ବନିମ୍ନ ଇପିଏଫ୍ ସୁଧ ହାର ୧୯୭୭-୭୮ରେ ୮ ପ୍ରତିଶତ ଏବଂ ୨୦୨୦-୨୧ରେ ୮.୫୦ ପ୍ରତିଶତ ରହିଥିଲା।

## ଡ୍ରାଗନ୍ ପାଇଁ ମୁଣ୍ଡବ୍ୟଥା ଭାରତୀୟ ଫାର୍ମା କମ୍ପାନୀ



**ନୂଆଦିଲ୍ଲୀ,(ହି.ସ):** ଭାରତୀୟ ଫାର୍ମା ଶିଳ୍ପ ବର୍ତ୍ତମାନ ଚୀନକୁ କଡ଼ା ଟକ୍କର ଦେଉଛି। ଆମେରିକା ଏବଂ ଚୀନ ମଧ୍ୟରେ ଜୋରଦାର ହୋଇଥିବା ବାଣିଜ୍ୟ ଯୁଦ୍ଧରୁ ଭାରତୀୟ ଫାର୍ମା ଶିଳ୍ପକୁ ଲାଭ ମିଳୁଛି। ଏହି କ୍ରମରେ କମ୍ପାନୀଗୁଡ଼ିକ ଏବେ ସେମାନଙ୍କ ଅପରେସନକୁ ଜୋରଦାର କରିଛନ୍ତି। ବର୍ତ୍ତମାନ ଅନେକ ଭାରତୀୟ ଫାର୍ମା କମ୍ପାନୀ ବିଦେଶୀ କମ୍ପାନିଙ୍କ ସହ ଡିଲ୍ କରୁଛନ୍ତି। ମୋଟାମୋଟି ଭାବେ କହିବାକୁ ଭାରତୀୟ ଫାର୍ମା ଶିଳ୍ପ ଚୀନ ଲାଗି ମୁଣ୍ଡ ବିନ୍ଧା ପାଲଟିଥିବା କୁହାଯାଉଛି। ଇକୋନୋମିକ ଟାଇମ୍ସର ଏକ ରିପୋର୍ଟ ମୁତାବକ, ସୁବେନ ଫାର୍ମାର ଅଧ୍ୟକ୍ଷ ବିକେଶ ଶର୍ମା ନିକଟରେ ଏକ ବଡ ଡିଲ ଲାଗି ବିଦେଶୀ କମ୍ପାନୀଙ୍କ ସହ ଆଲୋଚନା କରିଛନ୍ତି। ଏହି କମ୍ପାନୀ ଔଷଧ ପ୍ରସ୍ତୁତିରେ ଆବଶ୍ୟକୀୟ ଜରୁରୀ ସାମଗ୍ରୀ ଉତ୍ପାଦନ କରୁଛି। ହାଇଦ୍ରାବାଦ ଭିତ୍ତିକ ଏହି କମ୍ପାନୀ ନୂଆ ଟେକ୍ନୋଲୋଜି ଉପରେ କାମ କରୁଥିବା ଏକ କମ୍ପାନୀଙ୍କୁ ଅଧିଗ୍ରହଣ କରିବାକୁ ଚାହୁଁଛି। ଏହା ଦ୍ୱାରା ଆମେରିକା, ୟୁରୋପର ବିଭିନ୍ନ ଦେଶଗୁଡ଼ିକରେ ଏହାର ସାମଗ୍ରୀ ଦ୍ୱାରା ଉପସ୍ଥିତି ଦୃଢ଼ କରିବ। ଏହା ପୂର୍ବରୁ ଡିସେମ୍ବରରେ ସୁବେନ ଏନର୍ଜୀ ବାୟୋ ଇଙ୍କର ଅଧିକାଂଶ ଅଂଶଧନ କ୍ରୟ କରିଥିଲା। ଏହି କମ୍ପାନୀ ଆମେରିକାର ପ୍ରିନ୍ସଟନରେ ରହିଛି। ଏହା ଏକ ରିସର୍ଚ୍ଚ କମ୍ପାନୀ ହୋଇଥିବା ବେଳେ କର୍କଟ ଔଷଧ ପ୍ରସ୍ତୁତ କରୁଛି। ସୁବେନ ଏହି କମ୍ପାନୀକୁ ୬୫ ନିୟୁତ ଡଲାରରେ କ୍ରୟ କରୁଛି। ଏହି ଡିଲ୍ ଦ୍ୱାରା ସୁବେନ କଣ୍ଟ୍ରାକ୍ଟ ଡେଭଲପମେଣ୍ଟ ଆଣ୍ଡ ମାନୁଫାକଚରିଂ ଅର୍ଗାନାଇଜେସନ (ସିଡିଏମ୍‌ଓ) ବଜାରରେ ଏକ ପ୍ରମୁଖ କମ୍ପାନି ଭାବେ ଉଭା ହେବ। ସିଡିଏମ୍‌ଓ ବର୍ଗର କମ୍ପାନିଗୁଡ଼ିକ ସାଧାରଣତଃ ଅନ୍ୟ କମ୍ପାନୀ ଲାଗି ମେଡିସିନ ପ୍ରସ୍ତୁତ କରିଥାନ୍ତି। ଏହା ସହ ମେଡିସନ ଗୁଡ଼ିକର ବଜାରରେ ପହଞ୍ଚ ଉପରେ ମଧ ଏହି ବର୍ଗର କମ୍ପାନୀ କାମ କରିଥାନ୍ତି। ଏହା ମଧ୍ୟରେ ବାୟୋକନ କମ୍ପାନୀ ସିଞ୍ଜିନ ଇଣ୍ଟରନ୍ୟାସନାଲ ଆମେରିକାର ୱାଲ୍ଟିମୋରରେ ଏମର୍ଜେଣ୍ଟ ବାୟୋସଲ୍ୟୁଶନ ନାମକ ଏକ କମ୍ପାନିକୁ କ୍ରୟ କରିଛି। ଏହି କମ୍ପାନୀ ପ୍ରୋଟିନ ଏବଂ ଜିନ ଭଳି ବର୍ଗରେ ମେଡିସିନ ପ୍ରସ୍ତୁତ କରୁଛି। ୩୬.୫ ନିୟୁତ ଡଲାରରେ ଏହି ଡିଲ୍ ହୋଇଛି। ସିଞ୍ଜିନ ଇଣ୍ଟରନ୍ୟାଶନାଲର ଏମଡ଼ି ତଥା ସିଇଓ ପିଟର ଭ୍ୟାନ୍ସ କହିଛନ୍ତି, ଏହି ଡିଲ ଦ୍ୱାରା ଆମେରିକା ବଜାରରେ ଉପସ୍ଥିତି ଦୃଢ଼ କରିବାରେ ସହାୟକ ହେବ। ଏବେ ଭାରତର ସିଡିଏମ୍‌ଓ ଗୁଡିକ ପାଶ୍ଚାତ୍ୟ ଦେଶର ପ୍ରମୁଖ କମ୍ପାନୀଗୁଡ଼ିକ ଲାଗି ମେଡିସିନ ପ୍ରସ୍ତୁତ କରୁଛନ୍ତି। ସେହିଭଳି ଆମେରିକା ଏବଂ ୟୁରୋପ ଭିତ୍ତିକ କମ୍ପାନୀଗୁଡିକୁ ଅଧିଗ୍ରହଣ କରି ନିଜ କ୍ଷମତା ବୃଦ୍ଧି କରୁଛନ୍ତି। ପ୍ରକ୍ରିୟା ସହ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଭାରତୀୟ ଫାର୍ମା କମ୍ପାନିଗୁଡିକ ବିଦେଶୀ କମ୍ପାନୀ ଅଧିଗ୍ରହଣ ସୁଯୋଗ ହାତଛଡା କରିବାକୁ ଚାହୁଁନାହାନ୍ତି। କର୍କଟ, ଜୀନଥେରାପି ଏବଂ ବାୟୋଲୋଜି ଭଳି ବର୍ଗର କମ୍ପାନୀଙ୍କ ଉପରେ ସେମାନଙ୍କ ନଜର ରହିଛି। ଚୀନ ଉପରେ ଏବେ ବିଶ୍ୱ ବଜାର କମ୍ପାନିଗୁଡ଼ିକ ନିର୍ଭରତା କମାଇବାକୁ ଚାହୁଁଛନ୍ତି ଆମେରିକା ଏବଂ ଚୀନ ମଧ୍ୟରେ ଲାଗି ରହିଥିବା ସଙ୍କଟ ଯୋଗୁ କମ୍ପାନୀ ଗୁଡ଼ିକ ଚୀନ ବାହାରେ ଏକ ବିକଳ୍ପ ବଜାର ଉପରେ ନଜର ରଖିଛନ୍ତି। ଲୋଏଷ୍ଟ୍ରୋ ନାମକ ଏକ କନସଲଟିଂ ଫାର୍ମ ଅନୁସାରେ ପାଶ୍ଚାତ୍ୟ ଦେଶ ଗୁଡ଼ିକ ନିଜ ଦେଶରେ ଫ୍ୟାକ୍ଟ୍ରି ସ୍ଥାପନ କରୁଛନ୍ତି। ଏହା ଦ୍ୱାରା ଉଭୟ ଅନୁପାଳନ ଏବଂ ଯେଭଳି ମେଡିସିନ୍ ଯୋଗାଣରେ କୌଣସି ସମସ୍ୟା ରହିବ ନାହିଁ।



# ରାଷ୍ଟ୍ରୀୟ/ଅନ୍ତଃରାଷ୍ଟ୍ରୀୟ

## ସେପ୍ଟିକ ଟାଙ୍କିରେ ସୁନା ଖୋଜୁଥିଲେ ଚାଲିଗଲା ୪ ଜୀବନ



**ନୂଆଦିଲ୍ଲୀ,(ହି.ସ):** ସେପ୍ଟିକ ଟାଙ୍କିରେ ସୁନା ଖୋଜିବା ସମୟରେ ଚାଲିଯାଇଛି ୪ ଜଣଙ୍କ ଜୀବନ। ରାଜସ୍ଥାନର ଜୟପୁର ସହରରେ ଏଭଳି ଏକ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ଘଟିଛି। ଅନ୍ୟ ଦୁଇ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିବା ବେଳେ ଦୁଇ ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଘଟଣାଟି ସୀତାରପୁର ଅଞ୍ଚଳରେ ଥିବା ଅଚଳ ଜେମ୍ସ କମ୍ପାନୀ ପରିସରରେ ଘଟିଛି। ସୂଚନା ଅନୁସାରେ, ଗହଣା ତିଆରି କାରଖାନାରେ ଗହଣା ତିଆରି ସମୟରେ ସୁନା କଣିକାଗୁଡ଼ିକ ପାଣି ସହିତ ସେପ୍ଟିକ ଟାଙ୍କିକୁ ଚାଲିଯାଇଥାଏ। ପ୍ରତି ଦୁଇମାସରେ ଏହି ଟାଙ୍କି ସଫା କରାଯାଇଥାଏ। ଟାଙ୍କିରୁ ରସାୟନଯୁକ୍ତ ପାଣିକୁ ବାହାର କରାଯିବା ପରେ ସେଥିରୁ ସୁନାକୁ ଛାଣି ବାହାର କରାଯାଏ। ଏଥିପାଇଁ ସୋମବାର କାରଖାନା ପକ୍ଷରୁ ୮ଜଣ ସଫେଇ କର୍ମଚାରୀଙ୍କୁ ଟାଙ୍କି ଭିତରେ ସଫା କରିବାକୁ ଛଡ଼ାଯାଇଥିଲା। କିଛି ସମୟରେ ପରେ ଟାଙ୍କି ଭିତରେ ଥିବା ବିଷାକ୍ତ ଗ୍ୟାସ କବଳରେ ଆସି ୬ କର୍ମଚାରୀ ଚେତାଶୂନ୍ୟ ହୋଇପଡ଼ିଥିଲେ। ସେମାନଙ୍କୁ ତୁରନ୍ତ ଉଦ୍ଧାର କରି ଡାକ୍ତରଖାନା ନିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଦୁଇ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି।

## କରୋନା ସକ୍ରିୟ ମାମଲା ହଜାରେ ଟପିଲା ଦେଶରେ ଓମିକ୍ରନ୍‌ର ୪ ଉପପ୍ରଜାତି ଚିହ୍ନଟ

**ନୂଆଦିଲ୍ଲୀ,(ହି.ସ):** ଦେଶରେ ଗତ ଗୋଟିଏ ସପ୍ତାହ ହେବ କରୋନା ସଂକ୍ରମଣ ବଢ଼ୁଛି। କେବଳ ଗତ ସପ୍ତାହରେ ଦେଶରେ ୭୫୨ ନୂଆ କରୋନା ସଂକ୍ରମଣ ମାମଲା ଚିହ୍ନଟ ହୋଇଛି। ଏଥିସହ ଦେଶରେ ମୋଟ୍ ସକ୍ରିୟ ମାମଲା ୧ ହଜାର ଟପିଯାଇଛି। କେରଳ, ମହାରାଷ୍ଟ୍ର ଏବଂ ଦିଲ୍ଲୀ ଭଳି ରାଜ୍ୟରେ ସଂକ୍ରମଣ ଉପରମୁହାଁ ହୋଇଛି। କେରଳରେ ୩୩୫ ସଦ୍ୟ ସଂକ୍ରମଣ ମାମଲା ଚିହ୍ନଟ ହୋଇଛି ଏବଂ ଏଥିସହ କେରଳରେ ମୋଟ୍ ସକ୍ରିୟ ମାମଲା ୪୩୦ରେ ପହଞ୍ଚିଛି। ଅନ୍ୟପକ୍ଷେ ମହାରାଷ୍ଟ୍ର ଏବଂ ଦିଲ୍ଲୀରେ ଯଥାକ୍ରମେ ୧୫୩ ଓ ୯୯ ନୂଆ ମାମଲା ଚିହ୍ନଟ ହୋଇଛି। ମହାରାଷ୍ଟ୍ର ଏବଂ ଦିଲ୍ଲୀରେ ଏବେ ସକ୍ରିୟ ମାମଲା ଯଥାକ୍ରମେ ୨୦୯ ଏବଂ ୧୦୪ ଅଛି। ଗୁଜରାଟରେ ୮୩, କର୍ଣ୍ଣାଟକରେ ୪୭, ଉତ୍ତରପ୍ରଦେଶରେ ୧୫ ଏବଂ ପଶ୍ଚିମବଙ୍ଗରେ ୧୨ ମାମଲା ଚିହ୍ନଟ ହୋଇଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଇତି ମଧ୍ୟରେ କହିଛନ୍ତି ଯେ ସଂକ୍ରମଣ ବୃଦ୍ଧିକୁ ନେଇ ଭୟ କରିବାର କିଛି କାରଣ ନାହିଁ। ହସ୍ପିଟାଲ୍ ଗୁଡ଼ିକ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, କରୋନା ସଂକ୍ରାନ୍ତରେ ଆମ ନିକଟରେ ବିସ୍ତୃତ ବିବରଣୀ ରହିଛି। ଆମ ହସ୍ପିଟାଲ୍‌ରେ ସମସ୍ତ ସୁବିଧାସୁଯୋଗ ଅଛି। ଆମେ ମଧ ଏକ ନିର୍ଦ୍ଦେଶାବଳୀ ଜାରି କରିଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଭିନ୍ନ ସହରରେ ନୂଆ କରୋନା ସଂକ୍ରମଣ ବୃଦ୍ଧି ମଧ୍ୟରେ ଦେଶ ଏବେ ଓମିକ୍ରନର ୪ଟି ଉପପ୍ରଜାତି ଚିହ୍ନଟ ହୋଇଛି। ସେଗୁଡ଼ିକ ହେଲା ଏଲ୍.ଏଫ୍.୭, ଏକ୍ସଏଫିଜା, ଜେଏନ୍.୧ ଓ ଏନବି.୧.୮.୧। ସଂକ୍ରମଣ ବୃଥିବାରୁ ଆଇସିଏମ୍ଆର୍ ବିଭିନ୍ନ ଜଟିଳ ରୋଗରେ ପୀଡ଼ିତ ବ୍ୟକ୍ତିମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛି। ତେବେ ଲୋକମାନଙ୍କୁ ଭୟଭୀତ ନହେବା ପାଇଁ କହିଛି। ୱାସିଂଟନ୍: ଚୀନ୍‌ରେ ସଂକ୍ରମଣ ବୃଦ୍ଧି କରୁଥିବା କେତେକ ନୂଆ କରୋନା ପ୍ରଜାତି ପାଇଁ ଆମେରିକାରେ ବି ସଂକ୍ରମଣ ବଢ଼ିଲାଣି। ଚୀନ୍‌ରେ ସଂକ୍ରମଣ ବୃଦ୍ଧି ପଛର କାରଣ ଏନ୍‌ବି.୧.୮.୧ ପ୍ରଜାତି ଆମେରିକାରେ ଚିହ୍ନଟ ହୋଇଛି। ଆମେରିକାର ବିଭିନ୍ନ ବିମାନବନ୍ଦରରେ ପହଞ୍ଚୁଥିବା ବିଦେଶ ଯାତ୍ରୀଙ୍କ ସିଡିସିପି (ସେଣ୍ଟରସ୍ ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନସନ୍) ତଥା ରୋଗ ନିୟନ୍ତ୍ରଣ ଏବଂ ନିରାକରଣ କେନ୍ଦ୍ର ଦ୍ୱାରା ବିମାନବନ୍ଦରରେ କରାଯାଇଥିବା ସ୍କ୍ରିନିଂରୁ କିଛି ଯାତ୍ରୀଙ୍କଠାରେ ଏନ୍‌ବି.୧.୮.୧ ଚିହ୍ନଟ ହୋଇଛି। ଜାପାନ, ଦକ୍ଷିଣ କୋରିଆ, ଫ୍ରାନ୍ସ, ଚୀନ୍‌ରୁ ଆସିଥିବା ଅଧିକାଂଶ ଯାତ୍ରୀଙ୍କ ଶରୀରରେ ଏହି ଭାଇରସ୍ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଆମେରିକାରେ ଏନ୍‌ବି.୧.୮.୧ ପ୍ରଜାତିକୁ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ଅତ୍ୟନ୍ତ ଭଲଭାବେ ଯାଞ୍ଚ କରୁଛନ୍ତି। ଚୀନ୍ ସମେତ ଏସିଆର ଅନେକ ଦେଶରେ ଏହି ପ୍ରଜାତି ମାଡ଼ି ଚାଲିଛି। ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଏନ୍‌ବି.୧.୮.୧ ହେଉଛି ଜେଏନ୍.୧ ଗ୍ରୁପ୍ର ଏକ ଅଂଶବିଶେଷ। ଏହା ଅନ୍ୟ ପ୍ରଜାତିଠାରୁ ଅତି ସହଜରେ ବ୍ୟାପିଯାଇ ପାରେ। କିନ୍ତୁ ଏଥିଯୋଗୁଁ ଅତି ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବାର ଭୟ ନାହିଁ।

## ଏନ୍ଏସଏ ଅଜିତ ଡୋଭାଲ ଅସୁସ୍ଥ, ରଦ୍ଦ ହେଲା ରୁଷିଆ ଯାତ୍ରା



**ନୂଆଦିଲ୍ଲୀ,(ହି.ସ):** ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସଏ) ଅଜିତ ଡୋଭାଲ ଏହି ସପ୍ତାହରେ ମସ୍କୋ ଗସ୍ତ କରିବାର ଥିଲା। କିନ୍ତୁ ତାଙ୍କର ଯୋଜନା ହଠାତ ବାତିଲ ହୋଇଯାଇଛି। ଏକ ରିପୋର୍ଟ ଅନୁଯାୟୀ, ଏନ୍ଏସଏ ଡୋଭାଲ ଅସୁସ୍ଥ ଅଛନ୍ତି। ସେ ଋତୁକାଳୀନ ଫ୍ଲୁ ଯୋଗୁ ଅସୁସ୍ଥ ହୋଇପଡ଼ିଛନ୍ତି। ଡୋଭାଲ ମସ୍କୋରେ ୨୭ ରୁ ୨୯ ମସ୍କୋରେ ଅନୁଷ୍ଠିତ ହେବାକୁ ଥିବା ସୁରକ୍ଷା ପ୍ରସଙ୍ଗ ପାଇଁ ୧୩ତମ ଅନ୍ତର୍ଜାତୀୟ ଉଚ୍ଚସ୍ତରୀୟ ପ୍ରତିନିଧି ବୈଠକରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା। ପିଟିଆଇର ଏକ ରିପୋର୍ଟ ଅନୁଯାୟୀ, ଅଜିତ ଡୋଭାଲ ଋତୁକାଳୀନ ଫ୍ଲୁ ସମ୍ବନ୍ଧୀୟ ଅସୁସ୍ଥତା ଯୋଗୁ ବୈଠକରେ ଯୋଗ ଦେଇପାରିବେ ନାହିଁ। ସେ କହିଛନ୍ତି ଯେ ଏନ୍ଏସ୍ଏ ଶୀଘ୍ର ରଣନୈତିକ ଏବଂ ସୁରକ୍ଷା ପ୍ରସଙ୍ଗରେ ରୁଷିଆ ସହିତ ଦ୍ୱିପାକ୍ଷିକ ସମ୍ପର୍କକୁ ଆଗକୁ ବଢ଼ାଇବାକୁ ଅପେକ୍ଷା କରୁଛି। ଏନଏସଏ ଡୋଭାଲଙ୍କୁ ବର୍ତ୍ତମାନ ପାଇଁ ବିଶ୍ରାମ ନେବାକୁ ପରାମର୍ଶ ଦିଆଯାଇଛି। ଏହି କାରଣରୁ ସେ ମସ୍କୋ ଯାଉନାହାଁନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ତାଙ୍କ ଅବସ୍ଥା ବର୍ତ୍ତମାନ ଠିକ ଅଛି। ସେ କୌଣସି ଗୁରୁତର ସମସ୍ୟାର ସମ୍ମୁଖୀନ ହୋଇନାହାଁନ୍ତି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ରହିଛି। ଅପରେଶନ ସିନ୍ଦୂର ପରେ, ପାକିସ୍ତାନ ଭାରତ ବିରୁଦ୍ଧରେ ଏକ ମୋର୍ଚ୍ଚା ଖୋଲିଥିଲା। କିନ୍ତୁ ଭାରତୀୟ ସେନା ଏହାକୁ ଉଚିତ ଜବାବ ଦେଇଥିଲା। ଭାରତ-ପାକିସ୍ତାନ ଉତ୍ତେଜନା ମଧ୍ୟରେ ଡୋଭାଲ ମସ୍କୋ ଯାଉଥିଲେ। ଦ୍ୱିପାକ୍ଷିକ ସମ୍ପର୍କ ପାଇଁ ତାଙ୍କର ଗସ୍ତକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି।

## ବିଜେଡ଼ି ଅପପ୍ରଚାର କରୁଛି : ବିଜେପି

**ଭୁବନେଶ୍ୱର,(ଡିକେ ନ୍ୟୁଜ):** କୋଷ୍ଟାଲ ହାଇୱେ ନେଇ ବିଜେଡ଼ିର ଅଭିଯୋଗ ଉପରେ କଡ଼ା ଜବାବ ରଖିଛି ରାଜ୍ୟ ବିଜେପି। ରାଜ୍ୟ ବିଜେପି ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ କହିଛନ୍ତି ବିଜେଡ଼ି ଯେତେବେଳେ ସରକାରରେ ଥିଲା, ସହଯୋଗ କଲା ନାହିଁ। ବିଭିନ୍ନ ସମୟରେ ବିଭ୍ରାନ୍ତ କରିବାକୁ ପାଇଁ ବିଭିନ୍ନ ବକ୍ତବ୍ୟ ଦେଲେ। କିନ୍ତୁ ବିଜେପି ସରକାର ଆସିଲା ପରେ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସମୀକ୍ଷା କାମ ସରିଛି। ଜମି ଅଧିଗ୍ରହଣ କାମ ତ୍ୱରାନ୍ୱିତ କରିବା ପାଇଁ କାଗଜ ପତ୍ର ଯୋଗାଡ଼ କରି କାମ ଆରମ୍ଭ ହୋଇଗଲାଣି। ବିଜେଡ଼ି ଅପପ୍ରଚାର କରୁଛି। ଯଦି ତଥ୍ୟ ଅଛି, ଉପସ୍ଥାପନ କରନ୍ତୁ। ମିଛ କହି ଲୋକଙ୍କୁ ବିଭ୍ରାନ୍ତ କରନ୍ତୁ ନାହିଁ। କୋଷ୍ଟାଲ ହାଇୱେ ହେଉଛି ସରକାରଙ୍କ ଡ୍ରିମ୍ ପ୍ରୋଜେକ୍ଟ। ୬ଟି ବନ୍ଦର ଯୋଡ଼ି ହେବ। ଅର୍ଥନୈତିକ ବିକାଶ ହେବ। ପ୍ରାକୃତିକ ବିପର୍ଯ୍ୟୟ ରୋକିବାରେ ସହାୟକ ହେବ। ସେହିପରି ବିଜେପି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ କହିଛନ୍ତି ବିଜୁ ଜନତା ଦଳର ଅଭିଯୋଗ ହାସ୍ୟାସ୍ପଦ। ଉପକୂଳ ରାଜପଥର ଟେଣ୍ଡର ବାତିଲ ହୋଇନାହିଁ। ମିଛ କହି ବିଜେଡ଼ି ବିଭ୍ରାନ୍ତି ସୃଷ୍ଟି କରୁଛି । କୌଣସି ଟେଣ୍ଡର ବାତିଲ୍ ହୋଇନାହିଁ କେବଳ କିଛିଟା ଟେକ୍ନିକାଲ ପରିବର୍ତ୍ତନ କରାଯାଇଛି ଏବଂ ପୁନର୍ବାର ଟେଣ୍ଡର ହେବ। ଯାହା ନିଷ୍ପତି ଥିଲା, ୧୭୬ କିଲୋମିଟର କୋଷ୍ଟାଲ ହାଇୱେ ତାହା ନିଶ୍ଚୟ ହେବ । ସେଥିପାଇଁ ସରକାର ସଚେତନ ଅଛନ୍ତି।

# ସଚିବସ୍ତରୀୟ ବୈଠକ ଅନୁଷ୍ଠିତ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ସଚିବ ସ୍ତରୀୟ ବୈଠକ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଖାରବେଳଭବନ ସ୍ଥିତ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ପ୍ରାବଧାନ ଅନୁସାରେ ଚଳିତ ଅପ୍ରେଲ ମାସ ସୁଦ୍ଧା ରାଜ୍ୟର ବିତ୍ତୀୟ ପ୍ରଦର୍ଶନ ସଂପର୍କରେ ଅର୍ଥ ବିଭାଗ ତରଫରୁ ସ୍ଥିତି ଉପସ୍ଥାପନ କରାଯାଇଥିଲା । ଦେଖାଯାଇଛି ଯେ, ଗତବର୍ଷ ତୁଳନାରେ ଚଳିତ ବର୍ଷ ଅପ୍ରେଲ ସୁଦ୍ଧା ସାମଗ୍ରିକ ଖର୍ଚ୍ଚ ୩୫ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ଗତ ବର୍ଷ ତୁଳନାରେ ୬୬ ପ୍ରତିଶତ ଖର୍ଚ୍ଚ ବୃଦ୍ଧି ଘଟିଛି । ବଜେଟ୍ ପ୍ରାବଧାନ ଅନୁସାରେ ପ୍ରତି ବିଭାଗମାନେ ନିଜ ନିଜ ସ୍ତରରେ ପ୍ରତି ମାସରେ କାର୍ଯ୍ୟ ଅଗ୍ରଗତି ଓ ତଦନୁସାରେ ଖର୍ଚ୍ଚ ସମୀକ୍ଷା କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ମାଧ୍ୟମରୁ ସଂଗୃହିତ ନିଜସ୍ୱ କର ଆଦାୟ ଓ ଅଣକର ଆଦାୟ ସ୍ଥିତି ଅନୁଧ୍ୟାନ କରାଯାଇଥିଲା । ୨୦୨୫-୨୬ବଜେଟ୍ ରେ ରହିଥିବା ନୂଆଯୋଜନାରକାର୍ଯ୍ୟକାରିତା ଅଗ୍ରଗତି ସଂପର୍କରେସମୀକ୍ଷା କରାଯାଇଥିଲା। ବିଭିନ୍ନ ବିଭାଗରେ ଓସ୍ୱାସ୍ ବା କମ୍ପ୍ୟୁଟରୀକରଣ ବ୍ୟବସ୍ଥାରେ ସରକାରୀ ନଥି ପ୍ରୋସେସିଂ କାର୍ଯ୍ୟସାଧାରଣତଃ ସହକାରୀ ଉପବିଭାଗ ଅଧିକାରୀ, ଉପବିଭାଗ ଅଧିକାରୀ(ଏଏସ୍‌ଓ-ଏସ୍‌ଓଙ୍କ) ଠାରୁ ଆରମ୍ଭ ହୋଇ ବିଭିନ୍ନ ଉପରିସ୍ଥ ଅଧିକାରୀଙ୍କ ସ୍ତର ଦେଇ ପ୍ରାୟ ୫-୬ଟି ପର୍ଯ୍ୟାୟରେ ଶେଷରେ ବିଭାଗୀୟ ସଚିବଙ୍କ ନିକଟରେ ପରବର୍ତ୍ତୀ ନିଷ୍ପତ୍ତି ବା ଆଦେଶ ପାଇଁ ନଥି ପହଁଚୁଥିବାରୁ ସରକାରୀ କାର୍ଯ୍ୟ ବିଳମ୍ବିତ ହେଉଥିବା ପରିଲକ୍ଷିତ ହେଉଛି। ଆଗାମୀଦିନରେଏହି ପ୍ରକ୍ରିୟାକୁ ସରଳ କରାଯାଇ ଯେପରି ସର୍ବାଧିକ ୩ଟି ସ୍ତର ଦେଇ ନିଷ୍ପତ୍ତି ପ୍ରଦାନକାରୀ କର୍ତ୍ତୃପକ୍ଷଙ୍କ ନିକଟରେ ନଥି ପହଁଚିବ, ସେଥିପାଇଁ ଏହି ବିଭିନ୍ନ ସ୍ତରୀୟ ବ୍ୟବସ୍ଥାକୁ କମାଯାଇ (ଡିଲେୟାରିଂ) ପ୍ରକ୍ରିୟାରେ ଏହି ବ୍ୟବସ୍ଥାର ସରଳୀକରଣ କରାଯିବ। ଫଳରେ ସରକାରୀ କାର୍ଯ୍ୟ, ସେବା ପ୍ରଦାନ ଓ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ଏଥିପାଇଁ ବିଭିନ୍ନ ବିଭାଗରୁ ମତାମତ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି ଓ ଖୁବ୍ ଶିଘ୍ର ତାହା କାର୍ଯ୍ୟକାରୀ ହେବା ପାଇଁ ବିଧିବଦ୍ଧ ନିଷ୍ପତ୍ତି ନିଆଯିବା ସଂପର୍କରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଆଲୋଚନା କରିଥିଲେ । ସେହିପରି ଆଗାମୀ ଦିନରେ କେତେକ ବିଭାଗ ତରଫରୁ ଆଗତ ହେବାକୁ ଥିବା ବିଭିନ୍ନ ନୀତି ଓ ନିର୍ଦ୍ଦେଶାବଳୀ ସଂପର୍କରେ ଚୂଡ଼ାନ୍ତ ପ୍ରସ୍ତାବ ପାଇଁ ବିଭାଗମାନଙ୍କୁ ପରାମର୍ଶ ଦିଆଯାଇଛି। ବୈଠକରେ ନୂତନ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଜୁନ୍ ୧୨ ତାରିଖରୁ ଆରମ୍ଭ ହେବାକୁ ଥିବା ରାଜ୍ୟସ୍ତରରେ ଏବଂ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତି ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୃହ ତଥା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଏସଆରସି ଦେଓରଞ୍ଜନ କୁମାର ସିଂ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ, ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ଅନ୍ୟ ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ।

## କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଟିପ୍ପଣୀ ଉପରେ କେନ୍ଦ୍ରମନ୍ତ୍ରୀଙ୍କ କଡ଼ା ଜବାବ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଦଳ ଦେଶରେ ମିଛ ଏବଂ ପ୍ରତାରଣାର ସବୁଠାରୁ ବଡ଼ ବ୍ରାଣ୍ଡ ଆମ୍ବାସେଡର ହୋଇସାରିଛନ୍ତି । କଂଗ୍ରେସର ରାଜପରିବାର ଦ୍ୱାରା ଏସସି,ଏସଟି ଏବଂ ଓବିସି ସର୍ବଦା ପ୍ରତାରିତ ହୋଇଆସୁଛନ୍ତି, କିନ୍ତୁ ରାଜକୁମାର ତାଙ୍କ ନିଜ ପରିବାରର ବଞ୍ଚିତ ଏବଂ ଦଳିତ ବିରୋଧୀ ଇତିହାସ ବିଷୟରେ ଜାଣିନାହାନ୍ତି । ଏଥିପାଇଁ କଂଗ୍ରେସ ଦ୍ୱାରା ଜାରି ଟୁଲକିଟ୍ ଆଧାରରେ ରାଜକୁମାର ମିଛରେ ଭରପୁର ଥିବା ପେଡିକୁ ଧରି ସବୁଠି ଉପସ୍ଥିତ ହେଇଯାଉଛନ୍ତି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏନଏଏଫଏସକୁ ତାସଲ୍ୟ କରିବା ଉପରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଦୀର୍ଘ ସମୟ ଶାସନ କରିବା ପରେ ମଧ୍ୟ କଂଗ୍ରେସ ଦଳିତ, ପଛୁଆ ଏବଂ ବଞ୍ଚିତ ଲୋକମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ ରଖିଲା। ୨୦୧୪ରେ ଯେତେବେଳେ ୟୁପିଏ ସରକାରକୁ ଲୋକମାନେ ପ୍ରତ୍ୟାଖ୍ୟାନ କଲେ, ସେତେବେଳେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ୫୭% ଏସସି, ୬୩% ଏସଟି ଏବଂ ୬୦% ଓବିସି ଶିକ୍ଷକ ପଦବୀ ଖାଲି ଥିଲା, ଯାହାକୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସରକାର କ୍ଷମତାକୁ ଆସିବା ମାତ୍ରେ ପୂରଣ କରିବାର କାମ କରିଥିଲେ । ଏହାବ୍ୟତୀତ, ୨୦୧୪ ମସିହାରେ ଶିକ୍ଷକ ପଦବୀ ସଂଖ୍ୟା ୧୬,୨୧୭ରୁ ୧୮,୯୪୦ କୁ ବୃଦ୍ଧି କରିବାର କାମ ମଧ୍ୟ ମୋଦୀ ସରକାର କରିଥିଲେ । ୨୦୧୪ ମସିହାରେ ଖାଲି ପଦବୀ ସଂଖ୍ୟା ୩୭% ଥିଲା, ଆଜି ତାହା ୨୫.୯୫ ପ୍ରତିଶତ ଅଛି ଏବଂ ପ୍ରଧାନମନ୍ତ୍ରୀ ମୋଦୀ ଜୀଙ୍କ ସରକାରରେ ଏହି ଖାଲି ପଦବୀ ପୂରଣ ପ୍ରକ୍ରିୟା ଏବେ ବି ଜାରି ରହିଛି। ୨୦୦୪ରୁ ୧୪ କଂଗ୍ରେସ କାର୍ଯ୍ୟକାଳରେ ଆଇଆଇଟିରେ କେବଳ ୮୩ ଜଣ ଏସସି, ୧୪ ଏସଟି ଏବଂ ୧୬୬ ଜଣ ଓବିସି ଅଧ୍ୟାପକ ଥିଲେ। ଏନଆଇଟିରେ କେବଳ ୨୬୧ ଜଣ ଏସସି, ୭୨ ଏସଟି ଏବଂ ୩୩୪ ଓବିସି ନିଯୁକ୍ତି ହୋଇଥିଲେ। ସେହିପରି ମୋଦୀ ସରକାରଙ୍କ ୨୦୧୪ ରୁ ୨୪ ପର୍ଯ୍ୟନ୍ତ କାର୍ଯ୍ୟକାଳ ମଧ୍ୟରେ ଆଇଆଇଟିରେ ୩୯୮ ଏସସି , ୯୯ ଏସଟି ଏବଂ ୭୪୬ ଓବିସି ତଥା ଏନ୍‌ଆଇଟିରେ ୯୨୯ ଏସସି, ୨୬୫ ଏସଟି ଏବଂ ୧୫୧୦ ଓବିସି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଥିଲା। ଆସିଷ୍ଟାଣ୍ଟ ପ୍ରଫେସରଙ୍କ ପାଇଁ ପିଏଚଡିର ଆବଶ୍ୟକତାକୁ ମୋଦୀଜୀଙ୍କ ସରକାର ହିଁ ଉଚ୍ଛେଦ କରିଛନ୍ତି। ରାହୁଲ ଗାନ୍ଧୀ ଯେଉଁ 'ଏନଏଫଏସ – 'ନଟ୍ ଫାଉଣ୍ଡ୍ ସୁଇଟେବୁଲ' ବିଷୟରେ କହୁଛନ୍ତି, ତାହା ବାବାସେହବଙ୍କ ନାମ ନେଇ ରାଜନୀତି କରୁଥିବା ଦଳିତ, ଶୋଷିତ ଏବଂ ବଞ୍ଚିତ ବିରୋଧୀ କଂଗ୍ରେସ ଚିନ୍ତାଧାରାରେ ହିଁ ଅଟେ । ସ୍ୱାଧୀନତା ପରେ କଂଗ୍ରେସର ନୀତି ଯୋଗୁଁ ଏହି ଏନଏଫଏସ ଏ ପର୍ଯ୍ୟନ୍ତ ଜାରି ରହିଥିଲା, ଯାହା ଦ୍ୱାରା ଏସସି, ଏସଟି ଏବଂ ଓବିସିମାନଙ୍କର ଅଧିକାରକୁ ନିଶ୍ଚିହ୍ନ କରିଦିଆଯାଉଥିଲା। ସେହି ଅନ୍ୟାୟରୁ ବଞ୍ଚିତ ବର୍ଗକୁ ମୁକ୍ତି ଦେବା ପାଇଁ ସାମାଜିକ ନ୍ୟାୟ ପ୍ରତି ସମର୍ପିତ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସରକାର ପ୍ରଥମ ଥର ପାଇଁ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ (ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ଆଇନ, ୨୦୧୯ ଆଣିଲା, ଯାହା ପରେ ଏନଏଫଏସ ଏବେ ଇତିହାସରେ ପରିଣତ ହୋଇଛି। ଏବେ ଏସସି, ଏସଟି ଏବଂ ଓବିସି ବର୍ଗଙ୍କ ପାଇଁ ସଂରକ୍ଷିତ ପଦବୀଗୁଡ଼ିକ ଅନ୍ୟ କୌଣସି ବର୍ଗ ଦ୍ୱାରା ପୂରଣ କରାଯିବ ନାହିଁ, ଏହା ହିଁ ପ୍ରଧାନମନ୍ତ୍ରୀ ମୋଦୀ ଜୀଙ୍କ ପ୍ରତିବଦ୍ଧତା । ଏହାବ୍ୟତୀତ, ମୋଦୀଜୀଙ୍କ ସରକାର ଅନୁସୂଚିତ ଜାତି, ଜନଜାତି, ସାମାଜିକ ଏବଂ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣରେ ଥିବା ପ୍ରତିବନ୍ଧକଗୁଡ଼ିକୁ ମଧ୍ୟ ଦୂର କରିଛନ୍ତି, ଯାହା ପୂର୍ବ କଂଗ୍ରେସ ସରକାର କେବେ ବି କରିପାରି ନଥିଲା। ଶ୍ରୀ ପ୍ରଧାନ କହିଛନ୍ତି ଯେ କଂଗ୍ରେସ ଦଳ ଜଣ୍ଡିସ ରୋଗରେ ପୀଡିତ, ସେଥିପାଇଁ ସେମାନଙ୍କୁ ସବୁ କିଛି ହଳଦିଆ ରଙ୍ଗ ଦେଖାଯାଉଛି । ଏହା ମଧ୍ୟ କୁହାଯାଇପାରେ ଯେ ସେମାନଙ୍କୁ ପ୍ରତ୍ୟେକ ଭଲ ଜିନିଷ ଖରାପ ଦେଖାଯାଏ । କଥା କଥାରେ ସମ୍ବିଧାନର ନାମ ନେଉଥିବା କଂଗ୍ରେସ ଦଳ ନିଜେ ବାବାସାହେବଙ୍କ ସମ୍ବିଧାନ ଉପରେ ସବୁଠାରୁ ବଡ଼ ଆକ୍ରମଣ କରୁଛି । ଆଜି ଦେଶର ଯୁବପିଢ଼ି ଜାଣନ୍ତି ଯେ ଯଦି କେହି ପ୍ରକୃତ ସାମାଜିକ ନ୍ୟାୟର କାମ କରିଛନ୍ତି, ତେବେ ତାହା ହେଉଛି ପ୍ରଧାନମନ୍ତ୍ରୀ ମୋଦୀ ଜୀଙ୍କ ସରକାର । କଂଗ୍ରେସ ଯେତେ ମିଛ ପ୍ରଚାର କଲେ ମଧ୍ୟ ଦେଶର ଯୁବପିଢ଼ି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉପରେ ଅତୁଟ ବିଶ୍ୱାସ ରଖିଛନ୍ତି।

## ଉନ୍ନୟନ କମିଶନରଙ୍କ ଜଳ ସମ୍ପଦ ବିଭାଗ ଶାଖାର କାର୍ଯ୍ୟ ଓ ପ୍ରକଳ୍ପ ଅଗ୍ରଗତି ସମୀକ୍ଷା



**ଭୁବନେଶ୍ୱର,(ଡିକେ ନ୍ୟୁଜ):** ଉନ୍ନୟନ କମିଶନର ତଥା ଜଳ ସଂପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମଙ୍ଗଳବାର ଜଳ ସଂପଦ ବିଭାଗର ବିଭିନ୍ନ ଶାଖାର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନଙ୍କ ସହିତ ବିଭାଗୀୟ କାର୍ଯ୍ୟ ଓ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ। ବୈଠକରେ ବୃହତ୍, ମଧ୍ୟମ, କ୍ଷୁଦ୍ର ଜଳ ସେଚନ, ଉଠା ଜଳସେଚନ, ମେଗା ଲିଫ୍ ସଂପର୍କିତ ବିଭିନ୍ନ କାର୍ଯ୍ୟ ସହିତ ନିର୍ମାଣାଧିନ ଅନ୍ୟାନ୍ୟ ପ୍ରକଳ୍ପ କାର୍ଯ୍ୟ ଅଗ୍ରଗତି ସ୍ଥିତି ଅନୁଧ୍ୟାନ କରାଯାଇଥିଲା। ବୈଠକରେ ସମୀକ୍ଷା କରି ଉନ୍ନୟନ କମିଶନର ଅନୁମୋଦନ ଅପେକ୍ଷାରେ ଥିବା ପ୍ରକଳ୍ପ ଏବଂ ଯୋଜନାରେ ଅନ୍ତର୍ଭୁକ୍ତ କାର୍ଯ୍ୟଗୁଡ଼ିକୁ ମଞ୍ଜୁରୀ ପାଇଁ ପ୍ରୟାସ କରିବା, ନିର୍ମାଣାଧିନ ପ୍ରକଳ୍ପକୁ ତ୍ୱରାନ୍ୱିତ କରାଯିବା, ବଜେଟ୍ ପ୍ରାବଧାନ ଏବଂ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ କାର୍ଯ୍ୟ ତ୍ୱରାନ୍ୱିତ କରି ବିଭାଗୀୟ ଖର୍ଚ୍ଚ ବୃଦ୍ଧି କରିବା ଏବଂ ବିଭାଗରେ ଖାଲି ରହିଥିବା ବିଭିନ୍ନ ପଦବୀ ପୂରଣ ସଂପର୍କରେ ପଦକ୍ଷେପ ନେବାକୁବିଭାଗର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବିଭିନ୍ନ ଶାଖାର କାର୍ଯ୍ୟ ପ୍ରଦର୍ଶନ ସଂପର୍କରେ ସମୀକ୍ଷା କରିବା ସହ ସମସ୍ତେ ନିଜ ନିଜ ଶାଖାର କାର୍ଯ୍ୟରେ କିପରି ଉଲ୍ଲେଖନୀୟ ତଥା ଆଖିଦୃଶିଆ ଉନ୍ନତି ଆଣିପାରିବେ, ସେଥିପ୍ରତି ଆନ୍ତରିକତା ଓ ସମ୍ମିଳିତ ପ୍ରଚେଷ୍ଟା ଜାରି ରଖିବାକୁ ସେ ଆବଶ୍ୟକ ପରାମର୍ଶ ଦେଇଛନ୍ତି।

## ପରୀକ୍ଷା ପରିଚାଳନାରେ ଅସାଧୁ ନୀତି ଅବଲମ୍ବନ କରିଥିବା ଶିକ୍ଷକ ଓ କର୍ମଚାରୀଙ୍କ ବିରୁଦ୍ଧରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ନିକଟରେ କେନ୍ଦ୍ରୀୟ ଶିକ୍ଷା ବୋର୍ଡ଼ ଦଶମ ଓ ଦ୍ୱାଦଶ ଶ୍ରେଣୀର ପରୀକ୍ଷାଫଳ ପ୍ରକାଶ ପାଇଥିଲା। ବରଗଡ଼ ଜିଲ୍ଲାର ବାନ୍ଦୁପାଲିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ପଦ୍ମପୁର ପବ୍ଲିକ ସ୍କୁଲରେ ପରୀକ୍ଷା ପରିଚାଳନା ସମୟରେ ଅନୈତିକ ନୀତି ଅବଲମ୍ବନ କରିଥିବା ରିପୋର୍ଟ ସାମ୍ନାକୁ ଆସିଥିଲା । ଏହି ଦୁଇଟି ପରୀକ୍ଷା କେନ୍ଦ୍ରରେ ମୋଟ୍ ୬ ଗୋଟି ବିଦ୍ୟାଳୟର ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ ୪ ଗୋଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରହିଛି। ଭୁବନେଶ୍ୱରସ୍ଥିତ ସିବିଏସଇ ଆଞ୍ଚଳିକ କାର୍ଯ୍ୟାଳୟର ରିପୋର୍ଟ ଅନୁଯାୟୀ, ଏହି ଘଟଣା ସାମ୍ନାକୁ ଆସିବା ପରେ ସିବିଏସଇ ଏହି ଘଟଣାର ତଦନ୍ତ ପାଇଁ ଏକ ସବ୍ କମିଟି ଗଠନ କରିଥିଲା । କମିଟି ସମସ୍ତ ପ୍ରମାଣ, ଉତର ପୁସ୍ତକ, ବିଭିନ୍ନ ରିପୋର୍ଟ, ସିସିଟିଭି ଫୁଟେଜ୍ ଏବଂ ଅନ୍ୟାନ୍ୟ ସମ୍ପର୍କିତ ଦସ୍ତାବିଜ ଯାଂଚ କରିବା ପରେ ବରଗଡ଼ ଜିଲ୍ଲାର ଦୁଇଟି ପରୀକ୍ଷା କେନ୍ଦ୍ରରେ ଅସାଧୁ ଉପାୟରେ ପରୀକ୍ଷା ପରିଚାଳନା ହୋଇଥିବା ରିପୋର୍ଟ ପ୍ରଦାନ କରିଥିଲା। ରାଜ୍ୟ ସରକାର ଏହାକୁ ଗମ୍ଭୀରତାର ସହ ନେଇଛନ୍ତି। ପରୀକ୍ଷା ପରିଚାଳନାରେ ଅନିୟମିତତା କାରଣରୁ କଠୋର ପରିଶ୍ରମ କରୁଥିବା ଛାତ୍ରଛାତ୍ରୀଙ୍କ ପ୍ରତି ଅନ୍ୟାୟ ହେଉଥିବା ରାଜ୍ୟ ସରକାର ଅନୁଭବ କରିଛନ୍ତି। ଶିକ୍ଷା ବୋର୍ଡ଼ର ସୁପାରିଶ ଅନୁସାରେ, ରାଜ୍ୟ ସରକାର ସମ୍ପୃକ୍ତ ଘଟଣାରେ ଜଡ଼ିତ ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ସୂଚନା ମିଳିଛି। କେନ୍ଦ୍ରୀୟ ଶିକ୍ଷା ବୋର୍ଡ଼ର ୨୬.୦୫.୨୦୨୫ ରିପୋର୍ଟ ଅନୁଯାୟୀ ଯେଉଁ ଛାତ୍ରଛାତ୍ରୀମାନେ ଅସାଧୁ ଉପାୟରେ ପରୀକ୍ଷା ଦେଇଛନ୍ତି, ସେମାନେ ୧୫ ଜୁଲାଇ ୨୦୨୫ ରୁ ଅନୁଷ୍ଠିତ ହେବାକୁ ଥିବା ସପ୍ଲିମେଂଟାରୀ ପରୀକ୍ଷା ଦେଇପାରିବେ କିମ୍ବା ୨୦୨୬ରେ କେନ୍ଦ୍ରୀୟ ଶିକ୍ଷା ବୋର୍ଡ଼ର ବାର୍ଷିକ ମୁଖ୍ୟ ପରୀକ୍ଷା ଦେଇପାରିବେ । ପରୀକ୍ଷାରେ ଅନିୟମିତତାକୁ ନେଇ ରାଜ୍ୟ ସରକାର ଶୂନ୍ୟ ସହନଶୀଳତାକୁ ପ୍ରାଧାନ୍ୟ ଦେଇଛନ୍ତି ଏବଂ ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କୁ କୌଣସି ସମସ୍ୟା ନହୁଏ ସେନେଇ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ଦୃଢ଼ ପ୍ରତିବଦ୍ଧ।

## ନୂଆ ଏନଏସି ପାଇଁ ଆସିଥିବା ପ୍ରସ୍ତାବର ତର୍ଜମା କରି ଗୃହ ଓ ନଗର ଉନ୍ନୟନ ବିଭାଗକୁ ପଠାଇଲା ପଞ୍ଚାୟତିରାଜ ବିଭାଗ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ନୂଆ ଏନଏସି ପାଇଁ ଆସିଥିବା ପ୍ରସ୍ତାବର ତର୍ଜମା କରି ଗୃହ ଓ ନଗର ଉନ୍ନୟନ ବିଭାଗକୁ ପଠାଇଲା ପଞ୍ଚାୟତିରାଜ ବିଭାଗ । ୱାର୍ଡ଼ ଓ ପଞ୍ଚାୟତ ପାଇଁ ଥିବା ସମସ୍ୟାର ସମାଧାନ କରି ନଗର ଉନ୍ନୟନ ବିଭାଗକୁ ପଠାଇଲା ପଞ୍ଚାୟତିରାଜ ବିଭାଗ। ପଞ୍ଚାୟତିରାଜ ମନ୍ତ୍ରୀ କହିଛନ୍ତି ନୂଆ ଏନଏସି ଓ ମୁନିସିପାଲିଟି ପାଇଁ ଦୁଇ ବିଭାଗ ଗୁରୁତ୍ୱପୁର୍ଣ୍ଣ ଦାୟିତ୍ୱ ରହୁଛି। ଉଭୟ ବିଭାଗ ମଧ୍ୟରେ ଦୁଇ ଥର ବୈଠକ ଶେଷ ହୋଇଛି।ଗୃହ ଓ ନଗର ଉନ୍ନୟନ ବିଭାଗ ପାଖରେ ନୂଆ ଏନଏସି ଓ ମୁନିସିପାଲିଟି ପାଇଁ ପ୍ରସ୍ତାବ ପହଞ୍ଚିବା ପରେ ଏହାର ତର୍ଜମା ପାଇଁ ପଞ୍ଚାୟତ ବିଭାଗକୁ ପଠାଇଥିଲା ନଗର ଉନ୍ନୟନ ବିଭାଗ। ଏନଏସି ପାଇଁ ୧୧ ଟି ୱାର୍ଡ ଆବଶ୍ୟକ। ପଞ୍ଚାୟତିରାଜ ବିଭାଗ ପାଖକୁ ୭ ଏନଏସି ପାଇଁ ଏଯାଏଁ ପ୍ରସ୍ତାବ ନଗର ଉନ୍ନୟନ ବିଭାଗରୁ ଆସିଛି। ସବୁକୁ କ୍ଲିୟରାନ୍ସ ଦିଆଯାଇଥିବା ପଞ୍ଚାୟତିରାଜ ମନ୍ତ୍ରୀ ସୂଚନା ଦେଇଛନ୍ତି ।

## ୮ ବର୍ଷ ଭିତରେ ନବୀନ ମାତ୍ର ୫୨ ଥର ଅଭିଯୋଗ ପ୍ରକୋଷ୍ଠକୁ ଯାଇଥିଲେ : ପୃଥ୍ୱୀରାଜ ହରିଚନ୍ଦନ

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ମୁଖ୍ୟମନ୍ତ୍ରୀଙ୍କ ଜନ ଶୁଣାଣିକୁ ନେଇ ବିଜେଡି ବିଧାୟକ ଅରୁଣ ସାହୁ ଦେଇଥିବା ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି ଯେ୨୦୦୦ ମସିହାରେ ନବୀନ ପଟ୍ଟନାୟକ ସରକାରକୁ ଆସିଲେ । ୨୦୦୦ରୁ ୨୦୦୮ ପର୍ଯ୍ୟନ୍ତ ୮ ବର୍ଷ ଭିତରେ ନବୀନ ମାତ୍ର ୫୨ ଥର ଅଭିଯୋଗ ପ୍ରକୋଷ୍ଠକୁ ଯାଇଥିଲେ । ୨୦୦୮ ପର ଠାରୁ ଆଉ ନବୀନ ଅଭିଯୋଗ ଶୁଣାଣୀ ପାଇଁ ଗଲେ ନାହିଁ । କଣ ଅଭିଯୋଗ ଆସୁଛି, କଣ ଶୁଣାଣି ହେବ, ଭାଷାଗତ ସମସ୍ୟା ହେଉଥିଲା, ଲୋକ ଓଡ଼ିଆ କହିଲା ବେଳେ ମୁଖ୍ୟମନ୍ତ୍ରୀ ବୁଝିବାରେ ଅସୁବିଧା ହେଉଥିଲା, ନବୀନ ଇଂରାଜୀରେ କହିଲା ବେଳେ ଲୋକ ବୁଝି ପାରିନଥିଲେ । ବୋଧେ ଏହି ସବୁ କାରଣ ପାଇଁ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି କରିବାକୁ ଚାହିଁଲେ ନାହିଁ। ସାଧାରଣ ଲୋକଙ୍କ ଅଭିଯୋଗ ସରକାରୀ ବାବୁ ଶୁଣିଲେ ଓ ସରକାରୀ ବାବୁ ମାନେ ମାଲିକ ପାଲଟିଲେ। ତେଣୁ ସରକାରୀ ବାବୁଙ୍କ ଅଧୀନରେ ଚାଲୁଥିବା ବିଜେଡିର ନେତା ମନ୍ତ୍ରୀ ମାନେ ସମାଲୋଚନା କରିବା ଠିକ୍ ନୁହେଁ ବୋଲି କହିଛନ୍ତି ପୃଥ୍ୱୀରାଜ ହରିଚନ୍ଦନ।

## ଆଜି ବିଶ୍ୱ ରତୁସ୍ରାବ ପରିଚ୍ଛନ୍ନତା ଦିବସ

# ରତୁସ୍ରାବ ପରିଚ୍ଛନ୍ନତା ସଚେତନତା ଅଭିଯାନ : 'ଚାଲ ପିରିୟଡ଼୍‌ସ ବିଷୟରେ କଥା ହେବା'

**ଭୁବନେଶ୍ୱର,(ଡିକେ ନ୍ୟୁଜ):** ମାସିକ ରତୁସ୍ରାବ ବା ପିରିୟଡ଼୍‌ସ ଜଣେ କିଶୋରୀ ଓ ନାରୀ ଜୀବନର ଏକ ପ୍ରାକୃତିକ ତଥା ସ୍ୱାଭାବିକ ପ୍ରକ୍ରିୟା। କିନ୍ତୁ ଏହାକୁ ନେଇ ଏବେ ବି ମହିଳାଙ୍କ ଭିତରେ ଲାଜ ଓ ସଙ୍କୋଚ ରହିଛି। ଏପରିକି ଅନେକ କ୍ଷେତ୍ରରେ ସେମାନେ ନିଜ ଘରେ ବିଭିନ୍ନ ବାସନ୍ଦର ଶିକାର ହେବା ସହ ସମାଜ ଓ କାର୍ଯ୍ୟକ୍ଷେତ୍ରରେ ନାନା ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି। ତେଣୁ, ଏ ବିଷୟରେ ଡିଜିଟାଲ ମିଡିଆ ମାଧ୍ୟମରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ କରାଯାଉଛି ବିଶେଷ ଅଭିଯାନ- 'ଚାଲ ପିରିୟଡ଼୍‌ସ ବିଷୟରେ କଥା ହେବା'। ପ୍ରତିବର୍ଷ ମେ' ୨୮ ତାରିଖକୁ 'ବିଶ୍ୱ ରତୁସ୍ରାବ ପରିଚ୍ଛନ୍ନତା ଦିବସ' ଭାବେ ପାଳନ କରାଯାଉଛି। ଏହାର ଥିମ୍ ରହିଛି 'ଟୁଗେଦର ଫର ଏ ପିରିୟଡ୍ ଫ୍ରେଣ୍ଡଲି ୱାର୍ଲ୍ଡ'। ଏହି ଅବସରରେ ଆଇଏଫଆଇ ଫାଉଣ୍ଡେସନ, ସ୍ୱାସ୍ଥ୍ୟପ୍ଲସ୍ ଏବଂ ଓଡ଼ିଶାଲାଇଭ୍ ପକ୍ଷରୁ ଲଗାତର ତୃତୀୟ ବର୍ଷ ପାଇଁ 'ଚାଲ ପିରିୟଡ଼୍‌ସ ବିଷୟରେ କଥା ହେବା' ଶୀର୍ଷକରେ ଏକ ମିଳିତ କ୍ୟାମ୍ପେନ କରାଯାଉଛି। ମେ' ୨୦ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୨୯ ତାରିଖ ଯାଏଁ ଚାଲିବ। ଅଭିଯାନ ଅଧୀନରେ ରତୁସ୍ରାବ ଭଳି ଏକ ସମ୍ବେଦନଶୀଳ ବିଷୟରେ ବିଭିନ୍ନ ଡାକ୍ତରଙ୍କ ସାକ୍ଷାତକାରକୁ ଆଧାରକରି ଭିଡିଓ ସିରିଜ ସୋସିଆଲ ମିଡିଆ ମାଧ୍ୟମରେ ପ୍ରସାରଣ କରାଯାଉଛି। ଏହାସହିତ ରତୁସ୍ରାବକୁ ନେଇ ପ୍ରମୁଖ ସାମାଜିକ କର୍ମୀ, ସେଲିବ୍ରିଟି ତଥା ଯୁବପିଢ଼ିର ଅନୁଭୂତି ଓ ଅଭିମତକୁ ଗୁରୁତ୍ୱ ଦିଆଯାଉଛି। ବିଶେଷକରି, ପ୍ରଥମ ତୁସ୍ରାବରୁ (ମେନାର୍କି) ଶେଷ ତୁସ୍ରାବ (ମେନୋପଜ୍) ପର୍ଯ୍ୟନ୍ତ ଜଣେ ମହିଳାଙ୍କ ଜୀବନର ବିଭିନ୍ନ ଅବସ୍ଥା ସମ୍ପର୍କରେ ଏହି ଅଭିଯାନରେ ସଚେତନତାର ବାର୍ତ୍ତା ଦିଆଯାଉଛି। ଅଭିଯାନରେ ପ୍ରସାରିତ ବିଭିନ୍ନ ବିଷୟ ମଧ୍ୟରେ ରହିଛି ରତୁସ୍ରାବ କ'ଣ ଓ କାହିଁକି, ରତୁସ୍ରାବ ସ୍ୱଚ୍ଛତା ପରିଚାଳନା, ରତୁସ୍ରାବଜନିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଓ ତା'ର ଉପଚାର ସହିତ ବିଭିନ୍ନ ଅନ୍ଧବିଶ୍ୱାସର ମୁକାବିଲା। ସେହିପରି ସାନିଟାରି ପ୍ୟାଡଠାରୁ ଆରମ୍ଭକରି ପରିବେଶ ଉପଯୋଗୀ ପିରିୟଡ୍ କପ୍ ଏବଂ ଟାମ୍ପୁନ୍ ଭଳି ଆଧୁନିକ ପିରିୟଡ୍ ପ୍ରଡକ୍ଟ ସମ୍ପର୍କରେ ଲୋକଙ୍କୁ ସୂଚନା ଦିଆଯାଉଛି।




"ରତୁସ୍ରାବ ପରିଚ୍ଛନ୍ନତା ଉପରେ ଆଜି ପୃଥିବୀର ବିଭିନ୍ନ ଦେଶ ଗୁରୁତ୍ୱ ଦେଉଛନ୍ତି। ଏହାକୁ ଅଗ୍ରାଧିକାର ଦେଇ ସ୍ୱତନ୍ତ୍ର ପଲିସି ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଉଛି। ରତୁସ୍ରାବ ଜଣେ ମହିଳାଙ୍କ ସ୍ୱପ୍ନ ଏବଂ ଅଗ୍ରଗତି କ୍ଷେତ୍ରରେ ଯେପରି ବାଧକ ନହୁଏ ସେ ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରିବାର ସମୟ ଆସିଛି। ତେଣୁ, ଏଭଳି ଏକ ଜନସ୍ୱାସ୍ଥ୍ୟ ବିଷୟକୁ ନେଇ ଡିଜିଟାଲ ମିଡିଆ ମାଧ୍ୟମରେ ଆଇଏଫଆଇ ଫାଉଣ୍ଡେସନ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଉଛି," କହିଛନ୍ତି କ୍ୟାମ୍ପେନର ନିର୍ଦ୍ଦେଶକ ତଥା ସ୍ୱାସ୍ଥ୍ୟପ୍ଲସ୍ ନେଟୱର୍କର ସିଇଓ ସିଦ୍ଧାର୍ଥ ରଥ। ଆଇଏଫଆଇ ଫାଉଣ୍ଡେସନ ବିଶ୍ୱ ରତୁସ୍ରାବ ପରିଚ୍ଛନ୍ନତା ଦିବସକୁ ପରିଚାଳନା କରୁଥିବା ଅନ୍ତର୍ଜାତୀୟ ସଙ୍ଗଠନର ଅଫିସିଆଲ ପାର୍ଟନର ଭାବେ ଯୋଡ଼ି ହୋଇଛି। ବରିଷ୍ଠ ସାମ୍ବାଦିକ ତଥା କମ୍ୟୁନିକେସନ ସ୍ପେଶାଲିଷ୍ଟ ନୀଳାମ୍ବର ରଥ 'ଚାଲ ପିରିୟଡ୍‌ସ ବିଷୟରେ କଥା ହେବା' ଅଭିଯାନର ଅଧ୍ୟକ୍ଷ ଅଛନ୍ତି। କଳିଙ୍ଗ ହସ୍ପିଟାଲ, ଭୁବନେଶ୍ୱର ଏବଂ ପାରାଦୀପ ଫସଫେଟ୍ସ ଲିମିଟେଡ୍ ଚଳିତ ବର୍ଷ ଏହି କ୍ୟାମ୍ପେନର ଆସୋସିଏଟ୍ ପାର୍ଟନର ରହିଛନ୍ତି। ଗତ କିଛି ଦଶନ୍ଧି ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଭିନ୍ନ ସାମାଜିକ କ୍ଷେତ୍ରରେ ମହିଳାମାନଙ୍କ ପାଇଁ ଅନେକ ସୁଯୋଗ ସୃଷ୍ଟି ହୋଇଛି। କିନ୍ତୁ ଚିନ୍ତାର ବିଷୟ ଯେ, ଆଜି ବି ପୃଥିବୀର ପ୍ରାୟ ୫୦ କୋଟିରୁ ଅଧିକ କିଶୋରୀ ଓ ମହିଳାଙ୍କ ପାଖରେ ରତୁସ୍ରାବ ସ୍ୱାସ୍ଥ୍ୟ ବାବଦରେ ଆବଶ୍ୟକ ସୂଚନା, ବିଭିନ୍ନ ପିରିୟଡ୍‌ସ ପ୍ରଡକ୍ଟ ଏବଂ ରତୁସ୍ରାବ ପରିଚ୍ଛନ୍ନତା ପରିଚାଳନା ପାଇଁ ଆବଶ୍ୟକ ସୁବିଧା ନାହିଁ। ବିଶେଷକରି, ଆର୍ଥିକ ସମସ୍ୟା, ପୁରୁଣାକାଳିଆ ସାମାଜିକ ପ୍ରଥାର ପ୍ରଭାବ ସହ ରତୁସ୍ରାବ ଶିକ୍ଷା ଓ ସଚେତନତାର ଅଭାବ ଏହାର ପ୍ରମୁଖ କାରଣ। ଏ ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଆଇଏଫଆଇ ଫାଉଣ୍ଡେସନ, ଓଡ଼ିଶାଲାଇଭ୍ ଏବଂ ସ୍ୱାସ୍ଥ୍ୟପ୍ଲସ୍ ପକ୍ଷରୁ ଏହି ମିଳିତ ଡିଜିଟାଲ କ୍ୟାମ୍ପେନ କରାଯାଉଛି।

## ରୟାଲ କଲେଜ ଅଫ୍ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି, ଭୁବନେଶ୍ୱର, ଆନୁକୁଲ୍ୟରେ ପ୍ରତି କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର

**ଭୁବନେଶ୍ୱର,(ଡିକେ ନ୍ୟୁଜ):**୨୫୦୦୫ ଓଡିଶାର ସର୍ବପ୍ରଥମ ଓ ସଂପୂର୍ଣ୍ଣ ଆବାସିକ ମହାବିଦ୍ୟାଳୟ, ରୟାଲ୍ କଲେଜ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଆନୁକୁଲ୍ୟରେ ଅନୁଷ୍ଠିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ୫୦୦ ନମ୍ବରରୁ ଊର୍ଦ୍ଧ୍ୱ ନମ୍ବର ରଖି ଐତିହାସିକ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିଗତ ୨୧ବର୍ଷ ପରି ଏ ବର୍ଷ ମଧ୍ୟ + ୨ ବିଜ୍ଞାନ ପରୀକ୍ଷାରେ ଛାତ୍ରଛାତ୍ରୀମାନେ ସମଗ୍ର ରାଜ୍ୟରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିପାରିଛନ୍ତି। + ୨ ବିଜ୍ଞାନ ପରୀକ୍ଷାଫଳର ଉତ୍ତୀର୍ଣ୍ଣ ହାର ସମଗ୍ର ରାଜ୍ୟରେ ୮୭.୫୦% ହୋଇଥିବା ବେଳେ ରୟାଲ କଲେଜ୍‌ର ଉତ୍ତୀର୍ଣ୍ଣ ହାର ୧୦୦ % ସର୍ବମୋଟ୍ ୧୬୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୬୩ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି, ଯାହା ମହାବିଦ୍ୟାଳୟର ଗୁଣାତ୍ମକ ଶିକ୍ଷାଦାନ ପ୍ରଣାଳୀକୁ ପ୍ରମାଣିତ କରୁଅଛି। ଛାତ୍ରୀ ଆଦ୍ୟାଶା ପ୍ରିୟଦର୍ଶିନୀ ଚଳିତ ପରୀକ୍ଷାରେ ସର୍ବାଧିକ ୫୬୭ ନମ୍ବର (୯୪.୫୦ %) ରଖି ମହାବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି । ୨୩ ଜଣ ଛାତ୍ରଛାତ୍ରୀ ୯୦ % ବା ଅଧିକ ନମ୍ବର, ୭୯ ଜଣ ଛାତ୍ରଛାତ୍ରୀ ୮୦ % ନମ୍ବରରୁ ଊର୍ଦ୍ଧ୍ୱ ତଥା ୬୧ ଜଣ ଛାତ୍ରଛାତ୍ରୀ ୫୦୦ ନମ୍ବରରୁ ଊର୍ଦ୍ଧ୍ୱ ରଖି ଏହି ଐତିହାସିକ ସଫଳତା ହାସଲ କରିଛନ୍ତି। ଏହି ସମ୍ବଦ୍ଧନା ଉତ୍ସବରେ ୯୦ %ରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ୧୦ ହଜାର ଟଙ୍କା, ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ଏତଦବ୍ୟତୀତ ରୟାଲ ଅନୁଷ୍ଠାନ ସମୂହ ଦ୍ୱାରା ପାରିଚ୍ଳିତ ରୟାଲ ପବ୍ଲିକ୍ ସ୍କୁଲ, କେସୁରା, ଭୁବନେଶ୍ୱରର ଦଶମ ଶ୍ରେଣୀ ପରୀକ୍ଷାରେ ୯୦%ରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ୫ ଜଣ ଛାତ୍ରଛାତ୍ରୀମାନଙ୍କୁ ଦୁଇ ହଜାର ଟଙ୍କା, ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଜିର ଏହି ସମ୍ବର୍ଦ୍ଧନା ଉତ୍ସବରେ ସଭାପତିତ୍ୱ କରି ଅନୁଷ୍ଠାନର ପ୍ରତିଷ୍ଠାତା ଚେୟାରମ୍ୟାନ୍ ଡ଼. ବିଷ୍ଣୁମୋହନ ମହାରି ଏହି ପରୀକ୍ଷା ଫଳକୁ ନେଇ ସନ୍ତୋଷ ପ୍ରକାଶ କରି ବକ୍ତବ୍ୟରେ କହିଥିଲେ ଯେ, ଏହି କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କ ପାଇଁ ମୁଁ ଗର୍ବିତ। ଏତଦ୍‌ବ୍ୟତୀତ ଏହି କୃତି ଛାତ୍ରଛାତ୍ରୀମାନଙ୍କ ଦକ୍ଷତା ପ୍ରକାଶ ତଥା ସାଧନା ନିମନ୍ତେ ଅନୁଷ୍ଠାନର କର୍ମଚ୍ଚରୀ, ଅଧ୍ୟାପକ-ଅଧ୍ୟାପିକା ତଥା ଅଭିଭାବକମାନେ ଆନନ୍ଦ ପ୍ରକାଶ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛନ୍ତି। ଏହି ସଭାରେ ଅନୁଷ୍ଠାନର ଭାଇସ ଚେୟାରମ୍ୟାନ, ନିର୍ଦ୍ଦେଶକ, ଅଧ୍ୟକ୍ଷ, ଅଧ୍ୟାପକ-ଅଧ୍ୟାପିକା ତଥା ଛାତ୍ରଛାତ୍ରୀଗଣ ଉପସ୍ଥିତ ରହି କୃତି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

## — ସଂପାଦକୀୟ —

# ମିଥ୍ୟାର ମୂଲ୍ୟ ଏବଂ ଅପପ୍ରଚାରର ପ୍ରଭାବ

ଏପରି ଏକ ଯୁଗ ଯେଉଁଠି ସୂଚନା କ୍ଷଣକ ଭିତରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପହଂଚିପାରେ ଭୂଲ ସୂଚନାର ପ୍ରସାର ବିଶ୍ୱ ସମସ୍ୟାରେ ପରିଣତ ହୋଇଛି କୌଶଳରେ ପରିବର୍ତ୍ତିତ ପ୍ରତିଛବି, ମନଗଢା ଖବର କାହାଣୀ ଏବଂ ବିଭିନ୍ନ ଷଡଯନ୍ତ୍ର ସିଦ୍ଧାନ୍ତରୁ ପ୍ରେରିତ ଅପପ୍ରଚାର ଜନସାଧାରଣଙ୍କ ବିଶ୍ୱାସକୁ ଦୁର୍ବଳ କରେ, ଜୀବନକୁ ବିପଦରେ ପକାଏ ଏବଂ ସମାଜକୁ ଅସ୍ଥିର କରେ। ଅପପ୍ରଚାରର ଦୃତ ପ୍ରସାରଣ ଏହାର ପ୍ରଭାବକୁ ବୃଦ୍ଧି କରେ ଏବଂ ଏହାର ସଂଶୋଧନ କାର୍ଯ୍ୟକୁ ଅଧୀକ ଜଟିଳ କରେ। ବେଳେ ବେଳେ ଗଣତାନ୍ତ୍ରିକ ଫଳାଫଳକୁ ପ୍ରଭାବିତ କରିବା, ହିଂସ ସୃଷ୍ଟି କରିବା ପାଇଁ ମିଥ୍ୟା ସୂଚନା ଗୁଡିକୁ ବ୍ୟବହାର କରାଯାଇଥାଏ। ଅନ୍ୟପକ୍ଷରେ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷକୁ ନିୟନ୍ତ୍ରଣ କରିବା ଏବଂ ସେମାନଙ୍କ ଚିନ୍ତାଧାରାକୁ ପ୍ରଭାବିତ କରିବା ପାଇଁ ନିରଙ୍କୁଶବାଦୀ ସରକାରମାନେ ମିଥ୍ୟାକୁ ସାଧନ ରୂପେ ବ୍ୟବହାର କରନ୍ତି ଯାହା ଦ୍ୱାରା ସତ୍ୟର ବଳି ପଡିଥାଏ।

ଭୁଲ ତଥ୍ୟ ବିଭିନ୍ନ ଉତ୍ସରୁ ଉତ୍ପନ୍ନ ହୋଇପାରେ। ବେଳେବେଳ ଏହା ଅଜ୍ଞାନତା କିମ୍ବା ଭୂଲ ବ୍ୟାଖ୍ୟା ଯୋଗୁଁ ସୃଷ୍ଟି ହୋଇଥାଏ। କିନ୍ତୁ ଏଥିରୁ ଅଧିକାଂଶ ଉଦ୍ଦେଶ୍ୟମୂଳକ ଏବଂ କେତେକ ନିହୀତ ସାର୍ଥକୁ ଦେଖି ପ୍ରସାରିତ କରାଯାଇଥାଏ। ରାଜନୈତିକ ବ୍ୟକ୍ତିମାନେ ଜନମତକୁ ନିୟନ୍ତ୍ରଣ କରିବା ଏବଂ ବିରୋଧୀଙ୍କୁ ବଦନାମ୍ କରିବା ପାଇଁ ଭୂଲ ତଥ୍ୟର ବ୍ୟବହାର କରିଥାଆନ୍ତି। ବିଦେଶୀ ସଂସ୍ଥା ଗୁଡିକ ଅନ୍ୟଦେଶକୁ ଅସ୍ଥିର କରିବା ପାଇଁ ଭଲ ତଥ୍ୟର ସାହଯ୍ୟ ନେଇଥାଆନ୍ତି। ପ୍ରଭାବଶାଳୀ ଏବଂ ନକଲି ବିଶେଷଜ୍ଞ ସମେତ ସୁଯୋଗବାଦୀମାନେ ଖ୍ୟାତି, ପ୍ରଭାବ ଏବଂ ଆର୍ଥିକ ଲାଭ ପାଇଁ ଭୁଲ ସୂଚନା ପ୍ରଚାର କରନ୍ତି। ଅପପ୍ରଚାର କରୁଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟ ଭିନ୍ନ ଭିନ୍ନ ହୋଇପାରେ କିନ୍ତୁ ଏହାର ଫଳାଫଳ ସମାନ କାରଣ ଭୁଲ ସୂଚନା ବାସ୍ତବତା ଏବଂ ଜୀବନକୁ କ୍ଷତି ପହଂଚାଇ ଗଣତନ୍ତ୍ରକୁ ଦୁର୍ବଳ କରେ।

ଏକ ରାଷ୍ଟ୍ର ଭାବରେ ଭାରତ ମଧ୍ୟ ଏହି ସମସ୍ୟାର ସମୁଖୀନ ହୋଇଥିଲା। ଯେତେବେଳେ ଏପ୍ରିଲ ୨୨, ୨୦୨୫ରେ ପହଲଗାମ ଆକ୍ରମଣର ପରବର୍ତ୍ତୀ ସମୟରେ, ବିଭିନ୍ନ ଘଟଣାକୁ ମୁସଲମାନ ଏବଂ କାଶ୍ମୀର ଅଧୀବାସୀମାନଙ୍କ ଉପରେ ପ୍ରତିଶୋଧ ଆକ୍ରମଣ ବୋଲି ଇଣ୍ଟରନେଟରେ ଭୂଲ ସୂଚନା ପ୍ରସାରିତ ହୋଇଥିଲା। ଅନେକ ସାମାଜିକ ଗଣମାଧ୍ୟମ, ସମ୍ବାଦ ସଂସ୍ଥା, ସଂଗଠନ ଏବଂ ପ୍ରଭାବଶାଳୀ ବ୍ୟକ୍ତି ଦେଶବ୍ୟାପୀ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ଉପରେ ଆକ୍ରମଣର ମିଥ୍ୟା ଖବର ପ୍ରସାରଣ କରି ଆମ ଦେଶର ଏକ ନକାରାତ୍ମକ ପ୍ରତିଛବି ପ୍ରତିପାଦନ କରିଥିଲେ। ବିଭିନ୍ନ ଉତ୍ସ ମାଧ୍ୟମରେ ଏହି ଘଟଣାଗୁଡିକର ସତ୍ୟତା ପାଞ୍ଚ କରିବା ପରେ ସେମାନଙ୍କ ମଧ୍ୟରୁ ଅଧୀକାଂଶ ଘଟଣା ମିଥ୍ୟା ବୋଲି ସାମନାକୁ ଆସିଛି। ଏଥିରୁ ଅନେକ ଘଟଣାର କାରଣ ବ୍ୟକ୍ତିଗତ ଏବଂ ଆପରାଧିକ ପ୍ରକୃତିର ଥିଲା ଓ ଯାହାର ଆତଙ୍କବାଦୀ ଘଟଣା ସହ କୌଣସି ସର୍ମକ ନଥିଲା।

ସାଧୀନ ବକ୍ତବ୍ୟ ଏବଂ କ୍ଷତିକାରକ ମିଥ୍ୟା ସୂଚନା ମଧ୍ୟରେ ବ୍ୟବଧାନ ଅତି କ୍ଷୀଣ ହୋଇପାରେ। ସମାଜକୁ କ୍ଷତି ପହଂଚାଇବା ପାଇଁ ଜାଣିଶୁଣି ଅପପ୍ରଚାର କରୁଥିବା ବ୍ୟକ୍ତି ଏବଂ ସଂଗଠନ ଗୁଡିକୁ ସାର୍ବଜନୀକସ୍ତରରେ ନିନ୍ଦା କରାଯିବା ଆବଶ୍ୟକ। ମିଥ୍ୟା ସୂଚନା ପ୍ରସାର କରି ସାର୍ବଜନୀନ ଏବଂ ଜାତୀୟ ସୁରକ୍ଷାକୁ ହାନି ପହଂଚାଉଥିବା ବ୍ୟକ୍ତିଙ୍କୁ ଦଣ୍ଡିତ କରିବା ପ୍ରକ୍ରିୟାରେ ସରକାର ଏବଂ ନ୍ୟାୟିକ ବ୍ୟବସ୍ଥାୟ ଉଚିତ ଭୂମିକା ଗ୍ରହଣ କରିପାରିବେ। ଏହାକୁ ଅତିସର୍ତକତାର ସହ କରାଯିବା ଆବଶ୍ୟକ ଯେଉଁଠି ବ୍ୟକ୍ତିର ନିଜକୁ ପ୍ରକାଶିତ କରିବାର ଅଧିକାର ଓ ବ୍ୟକ୍ତିର ଆଚରଣ ଦ୍ୱାରା ଯେପରି ଅନ୍ୟର ହାନୀ ନ ଘଟେ ତାହା ମଧ୍ୟରେ ସନ୍ତୁଳନ ରକ୍ଷା କରାଯିବା ଆବଶ୍ୟକ।

ତଥ୍ୟର ବିକୃତ ଏକ ଗୌଣ ସମସ୍ୟା ନୁହେଁ ବରଂ ଏହା ଗଣତନ୍ତ୍ର ଏବଂ ସମାଜ ପାଇଁ ଏକ ବିପଦ ଅଟେ। ପ୍ରକୃତ ପ୍ରଗତି ପାଇଁ ଆମକୁ ସେହି ବ୍ୟକ୍ତି ବିଶେଷ ଏବଂ ବ୍ୟବସ୍ଥାର ମୁକାବିଲା କରିବାକୁ ପଡିବ ଯେଉଁମାନେ ଏହି ମିଥ୍ୟା ସୂଚନାକୁ ପ୍ରସାର କରିଥାଆନ୍ତି। ଭୁଲ ସୂଚନା ଦେଉଥିବା ଅପରାଧୀଙ୍କୁ ନିନ୍ଦା କରି ଆମେ ସତ୍ୟ ରକ୍ଷା ପାଇଁ ଏକ ପ୍ରତିରକ୍ଷା ବଳୟ ସୃଷ୍ଟି କରିଥାଉଁ। ଏପରି କରିବା ଦ୍ୱାରା ଆମେ କେବଳ ତଥ୍ୟ ନୁହେଁ ବରଂ ସେମାନଙ୍କ ଉପରେ ନିର୍ଭର କରୁଥିବା ମୂଲ୍ୟବୋଧର ରକ୍ଷା କରିଥାଉଁ।

**ଇନ୍‌ଶା ଔରସି**
**ଚକେଇସିଆଣି, ଭୁବନେଶ୍ୱର**

## ଆପଣଙ୍କ ମତାମତ

**ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ।**

**Mob/ whatsapp : 9090962011**
**Ph. No. : 0674-2975387**
**E-mail : dumanikhabar2020@gmail.com**

# ‘ସତ୍ୟ ଶିବ ସୁନ୍ଦର ସତ୍ୟ ମହାନ, ନିଜେ ସତ୍ୟ ମୁରତି ଶ୍ରୀ ଭଗବାନ’



କିଶୋର କୁମାର ଜେନା

ଭଗବାନ ସତ୍ୟ ଉପରେ ଆରୂଢ଼। ସତ୍ୟ ହିଁ ଭଗବାନ। ସତ୍ୟମେବ ଜୟତେ – ଏକମାତ୍ର ସତ୍ୟର ହିଁ ଜୟ ହୁଏ। ସତ୍ୟ ହିଁ ଧର୍ମପ୍ରାଣତା। ଧର୍ମପ୍ରାଣତା ହେଉଛି ଆଲୋକ ଏବଂ ଆଲୋକ ହେଉଛି ଆନନ୍ଦ। ଅହିଂସା, ବ୍ରହ୍ମଚର୍ଯ୍ୟ, ପବିତ୍ରତା, ନ୍ୟାୟ, ସଦଭାବନା, କ୍ଷମା, ଶାନ୍ତି ଏସବୁ ହେଉଛି ସତ୍ୟର ବିଭିନ୍ନ ରୂପ। ଶ୍ରୀ ଶଙ୍କରାଚାର୍ଯ୍ୟ କହିଛନ୍ତି – ‘ବ୍ରହ୍ମ ସତ୍ୟଂ ଜଗତ ମିଥ୍ୟା, ଜୀବ ବ୍ରହ୍ମୈବ ନାପରମ୍। ଅର୍ଥାତ୍ ବ୍ରହ୍ମ ହିଁ ସତ୍ୟ। ଜଗତ ହେଉଛି ମିଥ୍ୟା। ଜୀବ ଏବଂ ବ୍ରହ୍ମ ଅଭିନ୍ନ। ଏହି ବ୍ରହ୍ମ ଯାହାକି ଚୈତନ୍ୟ ସ୍ୱରୂପ ତାହା ସମସ୍ତ ସୃଷ୍ଟିରେ ମନୁଷ୍ୟ, ପଶୁ, ପକ୍ଷୀ, ବୃକ୍ଷଲତା, ଅଣୁ, ପରମାଣୁ – ସବୁଥିରେ ବିଦ୍ୟମାନ। ଗୁରୁହିଁ ବ୍ରହ୍ମ। ଗୁରୁଶକ୍ତି ହିଁ ବ୍ରହ୍ମଶକ୍ତି। ପରମବ୍ରହ୍ମଙ୍କର ବ୍ୟକ୍ତରୂପ ହେଉଛନ୍ତି ବ୍ରହ୍ମା-ବିଷ୍ଣୁ-ମହେଶ୍ୱର। ଏହି ତ୍ରିଶକ୍ତି ହେଉଛି ଇଶ୍ୱର ଏବଂ ଇଶ୍ୱର ଶରୀର ଧାରଣ କରି ବିଭିନ୍ନ ସମୟରେ ଧରାପୃଷ୍ଠରେ ଅବତରଣ କରିଥାନ୍ତି ଧର୍ମଗୁରୁ ଅଥବା ସଦଗୁରୁ ଭାବରେ। ଭଗବାନ ଶ୍ରୀସତ୍ୟସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ ଉଲ୍ଲେଖ କରିଛନ୍ତି – ‘ସତ୍ୟକୁ ଜାଣିବାର ଅର୍ଥ ହେଉଛି ନିଜକୁ ଚିହ୍ନିବା। ନିଜର ଚୈତନ୍ୟସ୍ୱରୂପ ଆତ୍ମାକୁ ଚିହ୍ନିବା।’

ଯିଏ ସବୁ ଭିତରେ ସେହି ସର୍ବବ୍ୟାପୀ ଚୈତନ୍ୟର ଦର୍ଶନ କରେ ସେ ସତ୍ୟକୁ ଅନୁଭବ କରିପାରେ। ସତ୍ୟର ଅନୁଭବ ହୁଏ ଏକତ୍ୱରେ ପୂର୍ଣ୍ଣତାରେ ଯାହା ବ୍ୟକ୍ତି ଏବଂ ଅବ୍ୟକ୍ତର ସମାହାର। ସତ୍ୟ ଏକ, ଚିରନ୍ତନ। ଭଗବାନ ଶ୍ରୀସତ୍ୟସାଇ ବାବା ଏହି ଏକତ୍ୱର ପ୍ରତୀକ ଥିଲେ। ଭଗବାନ ଶ୍ରୀସତ୍ୟସାଇଙ୍କ ପୂର୍ବ ଅବତାର ଶିରିଡ଼ି ସାଇଙ୍କ ମୂଳ ମନ୍ତ୍ର ଥିଲା – ‘ସବକା ମାଲିକ ଏକ’ (ସବୁର ଅଧିକାରୀ ସ୍ୱାମୀ ଜଣେ) ବେଦରେ କୁହାଯାଇଛି – ‘ଏକଂ ସତ୍ ବିପ୍ରାଃ ବହୁଧା ବଦନ୍ତି।’ – ସତ୍ୟ ଏକ କିନ୍ତୁ ଜ୍ଞାନୀମାନେ ବିଭିନ୍ନ ଭାବରେ ବ୍ୟକ୍ତ କରନ୍ତି। ପ୍ରେମ ସ୍ୱରୂପ ଏବଂ ଶାନ୍ତିସ୍ୱରୂପ। କୁହାଯାଏ – ‘ଶାନ୍ତମ୍ ଶିବମ୍ ଅଦ୍ୱୈତମ୍’। ଯେଉଁଠି ଏକତ୍ୱ ରହିଛି, ସେଇଠି ରହିଛି ଶାନ୍ତି। ଏକରୁ ଦୁଇ ଅଥବା ଅନେକ ହୋଇଗଲେ କଳହ, ମତାନ୍ତର, ଅସ୍ଥିରତା ଓ ଅଶାନ୍ତି ସୃଷ୍ଟି ହୁଏ। ଯେହେତୁ ସତ୍ୟ ଏକ, ତେଣୁ ସତ୍ୟ ହିଁ ଶିବ। ‘ଶିବ’ର ଅନ୍ୟ ଏକ ଅର୍ଥ ହେଉଛି ଅସୀମତା – ଯାହା ସୀମିତ ନୁହେଁ। ଯେତେବେଳେ ଆମେ ନିଜକୁ କେବଳ ଶରୀର, ମନ ଓ ବୁଦ୍ଧି ସହିତ ଚିହ୍ନଟ କରୁ, ସେତେବେଳେ ଆମକୁ ଦୁଃଖ କଷ୍ଟର ଅନୁଭବ ହୁଏ। କିନ୍ତୁ ଆତ୍ମ – ଚୈତନ୍ୟ ପ୍ରସାରିତ ହେଲେ କେବଳ ଆତ୍ମା ଯେ ନିଜର ପ୍ରକୃତ ପରିଚୟ ତାହା ଉପଲବ୍ଧି ହୁଏ।

ଯାହା ସତ୍ୟ ଏବଂ ଶିବ (ମଙ୍ଗଳମୟ) ତାହା ସର୍ବୋତ ଭାବରେ ସୁନ୍ଦର। ସୌନ୍ଦର୍ଯ୍ୟ ସବୁବେଳେ ନୂତନ ଏବଂ ବର୍ତ୍ତମାନରେ ହିଁ ଅନୁଭୂତ ହୁଏ। ଯେ ସବୁରି ଭିତର ଏକତ୍ୱ ଅନୁଭବ କରେ ତା ପାଇଁ ଏ ସମଗ୍ର ସୃଷ୍ଟି ସୁନ୍ଦର। ଭଗବାନ ଶ୍ରୀ ସତ୍ୟସାଇଙ୍କର ସାକାର ରୂପ ଅତ୍ୟନ୍ତ ସୁନ୍ଦର ଓ ମନ ମୁଗ୍ଧକର କାରଣ ତାହା ପୂର୍ଣ୍ଣତାର ସ୍ୱରୂପ। ପୂର୍ଣ୍ଣତାରେ ହିଁ ଥାଏ ପ୍ରକୃତ ସୌନ୍ଦର୍ଯ୍ୟ। ସେ କୁହନ୍ତି ‘ଭଗବାନ ଏହି ସୁନ୍ଦର ସୃଷ୍ଟିର ନିର୍ମାଣ କର୍ତ୍ତା। ଏଣୁ ଏହି ସୃଷ୍ଟିର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ଆମର କର୍ତ୍ତବ୍ୟ। ମନକୁ ଇଚ୍ଛାହୀନ କରି ଈଶ୍ୱର ଗଢ଼ିଥିବା ସୌନ୍ଦର୍ଯ୍ୟକୁ ନିରୀକ୍ଷଣ କଲେ ଇନ୍ଦ୍ରିୟ ସହଜରେ ସଂଜତ ହୋଇଯିବ। ସେହି ସୌନ୍ଦର୍ଯ୍ୟ ଦର୍ଶନରେ ଆମେ ଈଶ୍ୱରଙ୍କ ସତ୍ତାକୁ ଅନୁଭବ କରିପାରିବା।’

ଶ୍ରୀ ସତ୍ୟସାଇ ହେଉଛନ୍ତି ଏହି ଦିବ୍ୟାନନ୍ଦର ଉତ୍ସ ଯାହାଙ୍କର ଦର୍ଶନ, ସ୍ମରଣ, ଚିନ୍ତନ ଶରୀରରେ ଦିବ୍ୟ ରୋମାଞ୍ଚ ଆଣିଦିଏ, ଆତ୍ମା ଉତଫୁଲିତ ହୋଇଉଠେ ଏବଂ ଚିତ୍ତ ଶାନ୍ତ ହୁଏ। ଯାହାଙ୍କୁ ହୃଦୟରେ ଅନୁଭବ କଲାପରେ ଆଉ କିଛି ପ୍ରାପ୍ତ ହେବାର ଆବଶ୍ୟକତା କିମ୍ବା ଅଭିଳାଷ ନଥାଏ, ସେହି ସଦଗୁରୁ ପରମବ୍ରହ୍ମ ଶ୍ରୀ ସତ୍ୟସାଇ ବାବା ହେଉଛନ୍ତି ସତ୍ୟ, ଶିବ, ସୁନ୍ଦର।

ସତ୍ୟ ଶିବ ଓ ସୁନ୍ଦର ସମ୍ପର୍କରେ ଆଲୋକପାତ କଲାବେଳେ ମନେପଡୁଛି କବିବର ରାଧାନାଥ ରାୟ ସେହି ସ୍ମରଣୀୟ ପଦ୍ୟାବଳୀଟି ‘ସତ୍ୟ ଶିବ ସୁନ୍ଦର ସତ୍ୟ ମହାନ, ନିଜେ ସତ୍ୟ ମୁରତି ଶ୍ରୀ ଭଗବାନ, ସକଳ ସଦା ଭବେ ସତ୍ୟ ସରଣୀ, ସତ୍ୟ ସେ ଭୀମ ଭବସିନ୍ଧୁ ତରଣୀ। ସତ୍ୟରେ ଦିଏ ପ୍ରଭା ଶଶୀ ନିଶାରେ, ବ୍ରହ୍ମାଣ୍ଡ ମାଳା ଗୁନ୍ଥା ସତ୍ୟର ଚାରେ। ସତ୍ୟଧର୍ମ ଏ ବେନି ନିତି ସଂଯୁକ୍ତ, ଏ ମହାବାଣୀ ବେଦେ ପୁରାଣେ ଉକ୍ତ। ଏକ ବିନୁ ଅପର ଥାଇ ନପାରେ। ସବୁ ଯେ ସନ୍ଧ୍ୟୁ ତେଣୁ ନ ଟଳେ ଗାରେ। ସତ୍ୟ ଯେ ଦୀକ୍ଷାଶିକ୍ଷା ସତ୍ୟ ସେ ସାର, ସବୁ କୁଶଳରଟି ସତ୍ୟ ଭଣ୍ଡାର। ସତ୍ୟକୁ ଯେଉଁନର ଦୃଢ଼େ ଧରଇ, ଭୀମ ଭବାର୍ଣ୍ଣବ ସେ ହେଳେ ତରଇ।’ ସତ୍ୟପଥର ପଥିକ ବଳବାନ, ଦୀର୍ଘଜୀବୀ, ସର୍ବଜ୍ଞ ଓ ସଦାସୁଖୀ ହୁଏ, କାରଣ ସେ ପରମାତ୍ମାଙ୍କର ନିକଟରୁ ନିକଟତର ହେବାକୁ ଲାଗେ।

**ଆଇନଜୀବୀ, ବଙ୍ଗାଳିସାହି, କଟକ, ଦୂରଭାଷ : ୭୩୨୫୯୦୪୯୨୭/ ୭୩୭୭୪୩୯୦୭୭**
**E-mail : kishorekumarjena.adv@gmail.com**

# ସବୁଠୁ ବଡ଼ଭିକାରି ସ୍ୱୟଂସମ୍ରାଟ



ମାୟାଧର ନାୟକ

ଏକ କ୍ଷୁଦ୍ର ମାସିଡୋନିଆ ରାଜ୍ୟର ଅଧୀଶ୍ୱର ଆଲେକ୍‌ଜାଣ୍ଡାର। ରାଜ୍ୟ ପରେ ରାଜ୍ୟଜୟ କରିଚାଲିଛନ୍ତି। ତଥାପି ରାଜ୍ୟଜୟର ପିପାସା ମେଂଟୁନି। ଶେଷରେ ସ୍ୱର୍ଣ୍ଣପ୍ରସୂ ଭାରତବର୍ଷ ଆକ୍ରମଣ କରିବାକୁ ବାହାରିଛନ୍ତି। ସାଥିରେ ଅଛନ୍ତି ସୈନ୍ୟସାମନ୍ତଙ୍କ ବିଶାଳ ପଟୁଆର। କୋଳାହଳରେ ଫାଟିପଡୁଛି ଏଥେନ୍ସ ନଗରୀର ରାଜରାସ୍ତା। ନଗରୀର ଉପାନ୍ତରେ ଏକ ଭଙ୍ଗା କୁଡିଆରେ ରହୁଥାନ୍ତି ଦାର୍ଶନିକ ଦାଓଜିନସ୍ ଓ କୁକୁରଟିଏ। ନଜାଣିଥିବା ଲୋକେ ତାଙ୍କୁ ଭିକାରି ବୋଲି ଭାବନ୍ତି। କୁଡିଆରେ ଶୋଇଥିଲେ ଦାଓଜିନସ୍। କୋଳାହଳ ଶୁଣି ନିଦ ଭାଙ୍ଗିଗଲା। ସେ ମୁଣ୍ଡ ଉଠେଇ ଦେଖନ୍ତି ତ ଆଲେକ୍‌ଜାଣ୍ଡାରଙ୍କ ବିଶାଳ ସେନା ଚାଲିଛନ୍ତି। ସେ ହଠାତ୍ ଉଠିପଡି ସୈନିକମାନଙ୍କ ଆଡକୁ ଧାଇଁଲେ ଏବଂ ଉଚ୍ଚ କଣ୍ଠରେ ଚିତ୍କାର କଲେ – ରହିଯାଅ, ସମ୍ରାଟ୍ ଆଲେକ୍‌ଜାଣ୍ଡାରଙ୍କୁ ମୋର କିଛି ଦେବାର ଅଛି। ଏହା କହି ସେ ଆଲେକ୍‌ଜାଣ୍ଡାରଙ୍କ ନିକଟକୁ ଯାଇ ତାଙ୍କ ହାତରେ ମୁଦ୍ରାଟିଏ ଧରାଇଦେଲେ। ବିସ୍ମିତହୋଇ ଆଲେକ୍‌ଜାଣ୍ଡାର ପଚାରିଲେ – ଏହା କ'ଣ? ଦାଓଜିନସ୍ କହିଲେ – କିଛିଦିନ ତଳେ ଜଣେ ଧନିକ ବ୍ୟକ୍ତି ମୋତେ ଭିକାରି ଭାବି ଏ ମୁଦ୍ରାଟିକୁ ମୋ କୁଡିଆ ଭିତରକୁ ଫୋପାଡି ଦେଇଥିଲେ। ମୁଁ ସେହିଦିନ ଭାବିଥିଲି – ମୋ ଠାରୁ ଆଉ ଜଣେ ବଡ଼ଭିକାରି ଦେଖିଲେ ତାଙ୍କୁ ଏହି ମୁଦ୍ରାଟି ଉପହାର ଦେବି। ଆଜି ତୁମକୁ ପାଇଗଲି – ତେଣୁ ତୁମ ହାତରେ ଏ ମୁଦ୍ରାଟି ଧରାଇଦେଲି। ଆଲେକ୍‌ଜାଣ୍ଡାର ଅତ୍ୟନ୍ତ ଉତ୍ୟକ୍ତ ହୋଇ କହିଲେ – ଜାଣିଛ ତ ମୁଁ ବିଶ୍ୱବିଜୟୀ ଗ୍ରୀକ୍ ବୀର ଆଲେକ୍‌ଜାଣ୍ଡାର! ପୃଥିବୀର ସମସ୍ତ ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟ ମୋର ପଦାନତ। ଏହା ସତ୍ତ୍ୱେ ମୋତେ ଭିକାରି ବୋଲି କହିବାର ଧୃଷ୍ଟତା ପାଇଁ ମୋ ଆଦେଶରେ ତୁମର ଶିରଚ୍ଛେଦ ହୋଇପାରେ।

ଅବିଚଳିତ ଦାଓଜିନସ୍ ଅଳ୍ପ ହସି କହିଲେ – ‘ମୋର କିଛି ନାହିଁ, ତେଣୁ ମୁଁ ଭିକାରି ହେବାକୁ ବାଧ୍ୟ। ତୁମର ଏତେସବୁ ଥିବା ସତ୍ତ୍ୱେ ଆହୁରି ପାଇବାପାଇଁ ତୁମର ଏ ଯେଉଁ ଭୋକ, ତାହା କ'ଣ ପାଇଁ? ତୁମେ ମୋ ଠାରୁ ବଡ଼ଭିକାରି ନୁହଁ କି? ଶୁଣ ସମ୍ରାଟ୍! ଯିଏ ଚାହୁଁଥିବ କୋଟିଏ, କିନ୍ତୁ ପାଇଥିବ ଗୋଟିଏ, ସେ ଏ ସଂସାରର ସବୁଠାରୁ ବଡ଼ ଦରିଦ୍ର। ଯିଏ ଜୀବନରେ କିଛି ଚାହିଁନାହିଁ, କିଛି ପାଇ ବି ନାହିଁ, ସିଏ ଧନୀ ନହୋଇପାରେ, କିନ୍ତୁ ତୁମ ଭଳି ଦରିଦ୍ର ନୁହେଁ। ଆବଶ୍ୟକତାଠାରୁ ଅଧିକ ଅର୍ଥ, କ୍ଷମତା ଓ ପ୍ରତିପତିର ପିପାସା ହିଁ ପ୍ରକୃତ ଦାରିଦ୍ର୍ୟ। ଯାହାର ତୃଷ୍ଣା ବା ଅଭିଳାଷ ଯେତେ ଅଧିକ, ସେ ସେତେ ଅଧିକ ଦରିଦ୍ର। ଯାହାର ମନ ସନ୍ତୁଷ୍ଟ ଓ ତୃପ୍ତ, ତା'ପାଇଁ ଧନୀଦରିଦ୍ର କି ଫରକ୍? ଏଥର କୁହ, ତୁମେ ଭିକାରି ନା ମୁଁ ଭିକାରି?

ବାସ୍ତବରେ ଏ ସଂସାରରେ ଭିକାରି କିଏ? ଭିକାରି ସିଏ ନୁହେଁ – ଯିଏ ଅନ୍ୟ ଆଗରେ ହାତ ପତେଇ ଭିକ ମାଗେ, ପ୍ରକୃତ ଭିକାରି ତ ସିଏ – ଯାହା ପାଖରେ ସବୁ ଥାଇ ମଧ୍ୟ ସେ ଆହୁରି ଚାହୁଁଥାଏ। ପାଠକେ! ଏଭଳି ଏକ ପ୍ରସଙ୍ଗ ଏଠି ଅବତାରଣା କରିବାର ଉଦ୍ଦେଶ୍ୟ ହେଉଛି ଏହା ଯେ, ବିଶ୍ୱ ଅଭିଯାନରେ ବାହାରିଥିବା ସମ୍ରାଟ୍ ଆଲେକ୍‌ଜାଣ୍ଡାର ନିଜ ଦେଶକୁ ମଧ୍ୟ ଫେରିପାରିଲେ ନାହିଁ। ଭାରତ ଅଭିଯାନ ସାରି ଫେରିବା ବାଟରେ ବେବିଲୋନ୍ ନଗରୀରେ ମାତ୍ର ୩୩ବର୍ଷ ବୟସରେ ସେ ପ୍ରାଣତ୍ୟାଗ କଲେ। ରାଜଧାନୀ ଥିଲା ତଥାପି ଚବିଶ ଘଂଟାର ଦୂର। ସବୁଠାରୁ ଉଲ୍ଲେଖଯୋଗ୍ୟ ଉପଲବ୍ଧି ଏହା ଯେ – ମୃତ୍ୟୁ ପୂର୍ବରୁ ଆଲେକ୍‌ଜାଣ୍ଡାର ତାଙ୍କର ଅଙ୍ଗରକ୍ଷୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ – ମୋ ଶବାଧାରକୁ ସମାଧିସ୍ଥଳକୁ ନେବାବେଳେ ମୋ ହାତଯୋଡିକୁ ଦୁଇପଟକୁ ଝୁଲାଇ ଦେଇଥିବ, ଯେମିତି ସମଗ୍ର ବିଶ୍ୱବାସୀ ଦେଖିବେ ଆଲେକଜାଣ୍ଡାର ଶୂନ୍ୟହସ୍ତ ହୋଇ ଆସିଥିଲା, ଆଉ ମୃତ୍ୟୁ ପରେ ମଧ ଏ ପୃଥିବୀରୁ ଶୂନ୍ୟହସ୍ତ ହୋଇ ଫେରିଯାଉଛି।

ମୃତ୍ୟୁ ପରେ ଏମିତି ସମସ୍ତଙ୍କୁ ଶୂନ୍ୟହସ୍ତରେ ଯିବାକୁ ହେବ। ଅଜସ୍ର ସମ୍ପତି ଅର୍ଜିଥିବା ଆଲେକ୍‌ଜାଣ୍ଡାର ପାଇଁ ହୀରାନୀଳା ମୋତିମାଣିକ ସବୁ ଗୋଡ଼ିମାଟି ପରି ମୂଲ୍ୟହୀନ। ସେସବୁ ତା'ର ଜୀବନରକ୍ଷା ପାଇଁ ସାମାନ୍ୟମାତ୍ର ସାହାଯ୍ୟ କରିପାରିଲେ ନାହିଁ କି କାଣିକଉଡିଟିଏ ମଧ୍ୟ ତା'ସହ ଗଲେନାହିଁ। ଶୂନ୍ୟହସ୍ତରେ ସବୁଠୁ ବଡ଼ଭିକାରି ସ୍ୱଂୟ ସମ୍ରାଟ ଏ ସଂସାରରୁ ବିଦାୟ ନେଲେ।

ପୃଥିବୀର ପ୍ରାୟ ସବୁଦେଶରେ ଆଲେକଜାଣ୍ଡାର ଭଳି ବଡ଼ବଡ଼ ଭିକାରି ଅଛନ୍ତି। ସିକନ୍ଦର ନିଜ ଅହେତୁକ ଧନଲିପ୍ସାର ଅସାରତାକୁ ଦର୍ଶାଇ ସବୁକିଛି ପଛରେ ଛାଡି ଚାଲିଯାଇଥିଲେ। କବରସ୍ଥାନରେ ଲୋକେ ମୁଠାଏ ଲେଖା ମାଟିପକାଇ ତାଙ୍କର ଉତମଗୁଣ ବଖାଣି ନିଜନିଜ ଘରକୁ ଯାଉଥାନ୍ତି। ସଂଧ୍ୟାର ଆଗମନରେ ସିକନ୍ଦରଙ୍କ ମା' ମଥାରେ ବାରମ୍ବାର ହାତପିଟି କାନ୍ଦିକାନ୍ଦି କବରସ୍ଥାନରେ ପହଂଚିଥିଲେ। ସେଇ କବରସ୍ଥାନ ନିକଟରେ ବସିଥିଲେ ଏକ ମହାତେଜା ପ୍ରସନ୍ନଚିତ ଫକିର। ସିକନ୍ଦର ମା'ଙ୍କ ବିକଳକୁ ଲକ୍ଷ୍ୟକରି କହିଥିଲେ – ଆରେ! ସିକନ୍ଦରର ପାଗଳା ମା' – ଏଠି ତ ତୋର ପୁଅ ସିକନ୍ଦର ଭଳି କେତେ ସିକନ୍ଦର ଶୋଇଯାଇଛନ୍ତି କବର ତଳେ। ସେମାନେ ବି ତୋ ପୁଅଭଳି ପ୍ରତିପତିଶାଳୀ ଥିଲେ। ସେମାନେ ତ ସମଗ୍ର ମୁଲକର ଜଗୁଆଳ ଥିଲେ। କିଛି ବି ନେଇଯାଇନାହାଁନ୍ତି ସାଥିରେ। ବଗିଚାରେ ସେମିତି ଗଛ ରହିଛି। ଆମ ଭାରତରେ ମଧ୍ୟ ଟାଟା, ବିରଳା, ଗୌତମ ଆଦାନୀ, ମୁକେଶ ଅମ୍ବାନୀ ଭଳି ହଜାରେ ପାଖାପାଖି ବଡ଼ଭିକାରି ଅଛନ୍ତି। ଏମାନେ ସବୁ ଜନଗଣଙ୍କ ଅର୍ଜିତ ସମ୍ପତିକୁ ପବନ, ଲୁଣ, ଗାଡ଼ି ପ୍ରମୁଖ ବିକି ଚାଲିବା ମ୍ୟାମରେ ଠକିନେଇଛନ୍ତି – ଏବେବି ନେଉଛନ୍ତି। ଏମାନେ ଭିକାରିରେ ଗଣା।

ତଥାପି ଅନେକ ମଣିଷ ଏବେବି ନୀତିନୈତିକତା, ମୂଲ୍ୟବୋଧ ଓ ମଣିଷପଣିଆକୁ ଜଳାଞ୍ଜଳି ଦେଇ ସାରାଜୀବନ ଧନସମ୍ପତି ଗୋଟେଇବାରେ ଲାଗିଛନ୍ତି। ବଡ଼ ବିଚିତ୍ର ଏ ମଣିଷର ପ୍ରକୃତି। ଘରଦ୍ୱାର, କୋଠାବାଡି, ଅଭ୍ରଂକଷ ଅଟ୍ଟାଳିକା ପଛରେ ଧାଇଁ ଧାଇଁ ଜୀବନର ଅମୂଲ୍ୟ ସମ୍ପଦ ‘ସ୍ୱାସ୍ଥ୍ୟ'କୁ ହଜେଇଦିଅନ୍ତି। ପୁଣି ସେହି ସ୍ୱାସ୍ଥ୍ୟକୁ ଫେରିପାଇବା ପାଇଁ ଡାକ୍ତର ଦୁଆରେ ଯାଇ ଜୀବନ ଭିକମାଗନ୍ତି। ଏଠି ଆସେ ଯେତେ, ଯାଏ ସେତେ। ଅଥଚ ନିର୍ବୋଧ ମଣିଷ ଏକ ଅସରନ୍ତି ଶୋଷ ପଛରେ ଧାଇଁଥାଏ। ଇଏ କେଉଁ ପ୍ରକାର ଗଣିତ? ରାତି ସରିଯାଏ ପଛେ ସ୍ୱପ୍ନ ସରେନା। ବାଟ ସରିଯାଏ ସିନା ହାଟ ସରେନା। ଏଠି ଜୀବନର ଅନ୍ୟନାମ ‘ବସ୍ତୁପ୍ରୀତି ବା ‘ବସ୍ତୁରତି’। ଏକବିଂଶ ଶତାବ୍ଦୀର ମଣିଷ ଏବେ ଗୋଟିଏ ବସ୍ତୁରେ ପରିଣତ ହୋଇଯାଇଛି। ସେଇଥିପାଇଁ ସମସ୍ତ ଭୌତିକ ବିକାଶ ସତ୍ତ୍ୱେ ମଣିଷ ଆଜି ଖୁବ୍ ନିଃସ୍ୱ, ଖୁବ୍ ନିଃସଙ୍ଗ। ପାଖରେ ଜୀବନ ବିତାଇବା ପାଇଁ ସକଳ ସୁଖ-ସାଧନ ଅଛି, ମାତ୍ର ଶାନ୍ତି ସୁଦୂରପରାହତ। ଚାରିପାଖରେ ପର୍ଯ୍ୟାପ୍ତ ଭୋଜନସାମଗ୍ରୀ ଅଛି, କିନ୍ତୁ ପେଟରେ ଭୋକ ନାହିଁ। ବିଳାସମୟ ପ୍ରାସାଦ ଅଛି, କିନ୍ତୁ ସୁନିଦ୍ରା ନାହିଁ। ପରିପୂର୍ଣ୍ଣ ପରିବାର ଅଛି, କିନ୍ତୁ ପ୍ରସନ୍ନତା ନାହିଁ। ଫେସ୍‌ବୁକ୍‌ରେ ଅସଂଖ୍ୟ ବନ୍ଧୁ, ଦୁଃଖ ଶୁଣିବାକୁ ଜଣେ ବି ନାହିଁ। ସୁଖ ମରୀଚିକା ପଛରେ ଧାଇଁ ଧାଇଁ ମଣିଷ ଆଜି ଖୁବ୍ ଦୁଃଖୀ। ଟଲ୍‌ଷ୍ଟୟଙ୍କ ଗଳ୍ପର ନାୟକ ‘ପାହୋମ୍’ ଭଳି ସକାଳୁ ସଞ୍ଜଯାଏଁ ଗଳଦ୍‌ଘର୍ମ ହୋଇ ଖାଲି ଧାଇଁଛି ଆଉ ଧାଇଁଛି। ଏମିତି ଧାଁ-ଦଉଡର ଅର୍ଥ କ'ଣ ଜୀବନ?

କିଏ ଜଣେ କହିଥିଲେ – ‘ମନ୍ଦିର ଏକ ଅଦ୍ଭୁତ ସ୍ଥାନ, ଯେଉଁଠି ଗରିବ ବାହାରେ ଭିକମାଗେ, ଆଉ ଧନୀ ଭିତରେ ଭିକମାଗେ। ପ୍ରକାରାନ୍ତରେ ଏଠି ସମସ୍ତେ ଭିକାରି।’

କେଉଁଦିନ ଏ ନିଃସ୍ୱମଣିଷ ବୁଝିବ ଯେ, ଟଙ୍କା ‘ଘର’ କିଣିପାରେ – ହେଲେ ‘ପରିବାର’ ନୁହେଁ। ଟଙ୍କା ‘ଦାମିକା ଘଂଟା’ କିଣିପାରେ – ହେଲେ ‘ସମୟ’ ନୁହେଁ। ଟଙ୍କା ‘ତୂଳିତଳ୍ପ ଶଯ୍ୟା’ କିଣିପାରେ – ହେଲେ ‘ସୁନିଦ୍ରା’ ନୁହେଁ। ଟଙ୍କା ‘ବହି’ କିଣିପାରେ – ହେଲେ ‘ଜ୍ଞାନ’ ନୁହେଁ। ଟଙ୍କା ‘ବନ୍ଧୁ’ କିଣିପାରେ – ହେଲେ ‘ବନ୍ଧୁତା’ ନୁହେଁ। ଦୁନିଆରେ କେବଳ ଭାଗ୍ୟବାନ ସେହି – ଯାହା ପାଖରେ ‘ଭୋଜନ’ ସହିତ ‘ଭୋକ’ ଅଛି। ‘ଶଯ୍ୟା’ ସହିତ ‘ନିଦ୍ରା’ ଅଛି। ଆଉ ‘ଧନ’ ସହିତ ‘ଧର୍ମ’ ବି ଅଛି। ସମୁଦ୍ରକୂଳରେ କ'ଣ ଶାମୁକାର ଅଭାବ ଥାଏ ନା ପୃଥିବୀପୃଷ୍ଠରେ ମଣିଷର? ବାସ୍, ଫରକ୍ କେବଳ ଏତିକି ଯେ – କିଛି ଶାମୁକା ଭିତରେ ମୋତି ଥାଏ, ଆଉ କିଛି ମଣିଷଙ୍କ ପାଖରେ ହୃଦୟ। ବାକିସବୁ ମଣିଷ ସେଇ ମିଛ ଖୋଳପାଧାରୀ ଶାମୁକା ସଦୃଶ। ନିର୍ଣ୍ଣୟ ଆପଣଙ୍କର। ଆପଣ ହୃଦୟବାନ୍ ମଣିଷଟିଏ ହେବେ ନା ଶୂନ୍ୟ ଶାମୁକାଟିଏ ହେବେ। କିନ୍ତୁ ଏ କଥା ସତ୍ୟ ଯେ – ଆପଣ ଯାହା ବାଂଟିବେ ତାହା ଆପଣଙ୍କ ପାଖରେ ବେଶି ହେବ। ତାହା ଧନ ହେଉ କିଂବା ସମ୍ମାନ, ଭୋଜନ ହେଉ କିଂବା ଅପମାନ, ଘୃଣା ହେଉ କିଂବା ପ୍ରେମ।

ଦି'ଦିନର ଏ ଜୀବନ! ମରୀଚିକା ପଛରେ ଧାଇଁବା ଅର୍ଥହୀନ। ପାରୁଛ ଯଦି ପ୍ରେମ ବାଂଟିଚାଲ। ଲୋକଙ୍କ ହୃଦୟ କିଣ। ନିଶ୍ୱାସକୁ ବିଶ୍ୱାସ ନାହିଁ। ସମୟ ନଷ୍ଟ ଅର୍ଥାତ୍ ଜୀବନ ନଷ୍ଟ। ପ୍ରାକୃତିକକୁ ଛାଡି ଅତ୍ୟଧିକ ଭୌତିକ ପଦାର୍ଥରେ ଆସକ୍ତି ହିଁ ଅତ୍ୟଧିକ ରୋଗର କାରଣ। କାହିଁକି ରୋଗକୁ କିଣିବେ। କେତେଦିନ ଏ ସଂସାରରେ ବଂଚିବେ କି? ଦିନେ ନିଃସ୍ୱମଣିଷ ହୋଇ ଏ ସଂସାରରୁ ବିଦାୟ ନେବେ। “କେତେ ଦିନକୁ ମନ ବାନ୍ଧିଛୁ ଆଂଟ, କି ଘେନି ଯିବୁ ସଂଗେ ଛୁଟିଲେ ଘଟ।” ସବୁ ଠିକ୍‌ଠାକ୍ ଥିବ, ହଠାତ୍ ହୃଦ୍‌ଘାତରେ ଟଳିପଡିବ। ଛ'ଖଣ୍ଡ ବାଉଁଶରେ କୋକେଇ ବନ୍ଧା। ସେଥିରେ ଶବହୋଇ ପଡିରହିବେ। କାରଣ ମଶାଣିକୁ ଆପଣ ଅର୍ଜିଥିବା ଚାରିକୋଟି ନୁହେଁ, ମାତ୍ର ଚାରିଜଣ ଆପଣଙ୍କୁ ଛାଡିବାକୁ ଯିବେ। ସେ ମଶାଣିର ଅଗ୍ନିରେ କୁଆଡେ ଲୀନ ହୋଇଯିବେ। ତେଣୁ ଲୋଭରୁ ପାପ – ପାପରୁ ମୃତ୍ୟୁ। ସାଧୁ ସାବଧାନ୍।

ବିଶ୍ୱର ଏକନମ୍ବର ଧନୀଦେଶ ଆମେରିକା, ଜର୍ମାନୀ ପ୍ରମୁଖ ଦେଶରେ ଭୟଙ୍କର ମାନ୍ଦାବସ୍ଥା ଦେଖାଦେଇଛି। ଆମେରିକାର ଦୁଇଟି ବଡ଼ ବ୍ୟାଙ୍କ ଦୁଆଳିଆ। ଲୋକେ ବ୍ୟାଙ୍କରୁ ଋଣନେଇ ପରିଶୋଧ କରୁନାହାଁନ୍ତି। ଫଳରେ ବିଶ୍ୱସ୍ୱାସ୍ଥ୍ୟସଂଗଠନ, ଜାତିସଂଘ, ବିଶ୍ୱଜଳବାୟୁ ପରିବର୍ତ୍ତନ, ବିଭିନ୍ନ ଗରୀବଦେଶକୁ ସାହାଯ୍ୟ ଦେବା କଷ୍ଟକର ହୋଇପଡିଛି। ବିଶ୍ୱ ରାଜନୀତି, ଅର୍ଥନୀତିରେ ବ୍ୟାପକ ବିଶୃଙ୍ଖଳା ସୃଷ୍ଟିହେବାକୁ ଯାଉଛି। ବିଶ୍ୱର ଅର୍ଥନୀତି ବିଗିଡିଗଲେ – ରାଜନୀତି ମଧ୍ୟ ବିଗିଡ଼ିଯିବ। ଭୀଷଣ ଅନିଶ୍ଚୟତା ଦେଖାଦେବ। ଏହି ଲେଖକ ୨୦୧୨ ମସିହାରେ ଅର୍ଥନୈତିକ ଆତଙ୍କବାଦ ଇଂରାଜୀରେ ଇକୋନୋମିକ୍ ଟେରର୍‌ଇଜିମ୍ ପୁସ୍ତକ ଲେଖି ବିଶ୍ୱର ୧୫୦ ଦେଶକୁ ପଠାଇଛି – ଯେଉଁ ସମୟରେ ସାରାବିଶ୍ୱର ବିଶିଷ୍ଟ ଅର୍ଥନୀତିଜ୍ଞମାନେ ୬୩କୋଟି ଡଲାର ଖର୍ଚ୍ଚକରି ଉପାୟ ବାହାର କରୁଥିଲେ। ଏପର୍ଯ୍ୟନ୍ତ ଠିକ୍ ଉପାୟ ବାହାର କରିପାରିନାହାଁନ୍ତି। ମୋର ପୁସ୍ତକ ସମାଧାନର ରାସ୍ତା ଦେଖାଇଛି – ହେଲେ ଏ ଅଧମକୁ କେହି ତା'ର ସମାଧାନର ସୂତ୍ର ତତ୍ତ୍ୱକୁ ସ୍ୱୀକାର କରିବାକୁ ରାଜି ହୋଇପାରିନାହାଁନ୍ତି। ଯେମିତି ଜମି ବିକନା-ଭଡାଦିଅ – ଇଂରାଜୀରେ ଲ୍ୟାଣ୍ଡ୍-ଟୁ-ଲେଟ୍ ତତ୍ତ୍ୱକୁ ବିଶ୍ୱରେ ଗ୍ରହଣକରୁନାହାଁନ୍ତି। ନକରନ୍ତୁ – ସତକଥା କହିବା ଲେଖିବା ମୋର କାମ।

ଜଙ୍ଗଲ, ଗଛ ସଫା କରି ରାସ୍ତା, କଂକ୍ରିଟ୍ ଜଙ୍ଗଲ ସୃଷ୍ଟି କରିବା ଫଳରେ ପ୍ରବଳ ଗରମ ସାଙ୍ଗକୁ ରୋଗ ମାଡିବସୁଛି। କେତେବେଳେ ଘଡଘଡି, ଚଡଚଡି, ବୈଶାଖୀତୋଫାନ ତ କେତେବେଳେ ବନ୍ୟା ପୁଣି ମରୁଡି। ନଦୀଝରଣାଜଳ ସବୁ ସମୁଦ୍ରକୁ ବୋହିଯାଉଛି। ଚାଷଜମିକୁ ଜଳ ଯୋଗାଇବା କଷ୍ଟକର। କେତେବେଳେ ଭୂମିକମ୍ପ ତ କେତେବେଳେ ଭୂସ୍ଖଳନ। ସଂପ୍ରତି ରାଜନୀତି, ଅର୍ଥନୀତି, ସମାଜନୀତି, ସଂସ୍କୃତି ଭୟଙ୍କର ବ୍ୟାଧୀରେ ପୀଡ଼ିତ। ବର୍ତ୍ତମାନ ଅବସ୍ଥା ଯେତେବେଳେ ସଂଗିନ୍, ଘୋର ସଂକଟରେ ପଡିଛି – ଭବିଷ୍ୟତ ଯେ କେତେ ଭୟଙ୍କର ନ ହେବ କିଏ କହିବ?

ଯେଉଁମାନେ ଭାବୁଛନ୍ତି – ତାଙ୍କର କିଛି ହେବନି – ଠକି, ମାରିପିଟି, ମିଛକହି ଭୂତେଇ ସବୁ ମାରିଖାଉଥିବେ – ସେମାନଙ୍କ ଅବସ୍ଥା କ'ଣ ହେବ – ଏବଠୁ କହିହେବନି। ଆଗେ ଡେରିରେ ପାପୀମାନେ ଧରାପଡୁଥିଲେ – ଏବେ ଆଉ ଫୁରସତ୍ ନାହିଁ – ଜଲ୍‌ଦି ଧରାପଡିଯାଉଛନ୍ତି। ମନେରଖନ୍ତୁ – ରାଜନୀତି ହେଉଛି ବାରୁଦଗଦା ଭର୍ତି ଏକ ଗର୍ତ୍ତ। ସେ ଗର୍ତ୍ତରେ ପଡିଲେ ସଂଗେସଂଗେ ଜଳିପୋଡି ପାଉଁଶ ହେବାକୁ ମୁହୂର୍ତେ ଲାଗିବନି। ଏ ହେଉଛି ଭୟଙ୍କର ପୃଥିବୀ। ଏଠି କେବଳ ବଛାବଛା ଭଲଲୋକମାନେ ତିଷ୍ଠିବେ।

**ଯାଜପୁର ରୋଡ, ଯାଜପୁର, ମୋ : ୯୮୬୧୦୩୪୧୬୩**

# ଏମିତି ଜନନେତା ଆଜିର ଦୁନିଆରେ ବିରଳ



ହିମାଂଶୁ ଶେଖର ଆଚାର୍ଯ୍ୟ

ନିଆରା ଥିଲା ସେ ଦରବାର। ସେ ଦରବାର ରାଜା କିମ୍ବା ଜମିଦାରଙ୍କ ଠାରୁ ଭିନ୍ନ ଥିଲା। ସେଠି ପାତ୍ର, ମନ୍ତ୍ରୀ, ସଭାସଦ୍ କେହି ରହୁନଥିଲେ। ଏହା ଥିଲା ନିତି ଦିନିଆ କଥା। କ୍ଷମତାର ମୋହ ତାଙ୍କୁ ଗ୍ରାସ କରିନଥିଲା। ଦେହରେ ଦାମୀ ପୋଷାକ ନଥିଲା କି ଆଚରଣରେ ଅହଂକାର ନଥିଲା। ପୋଷାକ କହିଲେ ଲୁଙ୍ଗି ଖଣ୍ଡେ,ଖାଲି ଦେହ। ଗୋଟିଏ ପଟେ ସେ ଓ ଅନ୍ୟପଟେ ଶହଶହ ଲୋକ ଓ ସେମାନଙ୍କ ସମସ୍ୟା। ଦରବାର ସକାଳ ଆଠଟାରୁ ଆରମ୍ଭ ହୋଇ ଦିନ ଦି'ଟା ଓ ପୁଣି ପାଞ୍ଚଟାରୁ ରାତି ବାରଟା। ସେ ହେଉଛନ୍ତି ଜନଗଣର ନେତା,ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ବାହାରେ ବୀରେନ ଦା' ଭାବେ ଜଣାଶୁଣା ଥିବା ବୀରେନ୍ ମିତ୍ର। ଜୀବନର ଶେଷ ଭାଗରେ ସେ ହୃଦ୍‌ରୋଗରେ ଆକ୍ରାନ୍ତ ହୋଇ ୧୯୭୮ ମସିହା ମେ ମାସ ୨୫ ତାରିଖରେ ସେ ଇହଧାମ ପରିତ୍ୟାଗ କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ସାରା କଟକ ସହର ସ୍ତବ୍ଧ ହୋଇଯାଇଥିଲା। ସମସ୍ତେ ତାଙ୍କର ଜଣେ ଆତ୍ମୀୟଙ୍କୁ ହରାଇଥିବା ଭଳି ବେଦନା ଅନୁଭବ କରିଥିଲେ। ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରି ମହାନ୍ ଜନନାୟକ ବିଜୁ ପଟ୍ଟନାୟକ ଭାବବିହ୍ୱଳ ହୋଇପଡିଥିଲେ ଓ କହିଥିଲେ – “ତୁ ସାନ ହୋଇ ଆଗ ଚାଲିଗଲୁ! ଏଠି ଲୋକଙ୍କ କଥା କିଏ ବୁଝିବ?”

ଏହି ଯୋଗଜନ୍ମା ବରପୁତ୍ର ଜନ୍ମ ନେଇଥିଲେ ୧୯୧୭ ମସିହା ନଭେମ୍ବର ୨୬ ତାରିଖରେ କଟକ ସହରର କାଠଗଡା ସାହିରେ। ମାତ୍ର ତାଙ୍କ ପୈତୃକ ଜନ୍ମସ୍ଥାନ ହେଉଛି ବର୍ତ୍ତମାନ ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ଅଞ୍ଚଳରେ। ବାଲ୍ୟକାଳରୁ ତାଙ୍କ ଭିତରେ ସାନବଡ ଭେଦଭାବ ନଥିଲା। ସେ ଜନସାଧାରଣଙ୍କୁ ଜନତା-ଜନାର୍ଦ୍ଦନ ବୋଲି ବିଚାରୁଥିଲେ। ଏକ ପ୍ରତିଷ୍ଠିତ ପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ତାଙ୍କ ମନରେ ଅହଙ୍କାର ନଥିଲା କିମ୍ବା ବ୍ୟକ୍ତିଗତ ଜୀବନରେ ତାଙ୍କର କେହି ଶତ୍ରୁ ନଥିଲେ। ସାଧାରଣ ଜୀବନରେ ସେଥିଲେ ‘ଅଜାତଶତ୍ରୁ’। ବାପା ବିପିନ ବିହାରୀଙ୍କ ଇଚ୍ଛା ଥିଲା ପୁଅ ଭଲ ପଢିବ, ତାଙ୍କ ପରେ ଓକିଲାତି କରି ନାଁ କମେଇବ ନଚେତ୍ ସରକାରୀ ଚାକିରି କରି ଡେପୁଟି ମାଜିଷ୍ଟ୍ରେଟ୍ ହେବ। ସେଥିପାଇଁ ସେ ପ୍ରାଥମିକ ଶିକ୍ଷାପରେ ପ୍ୟାରୀମୋହନ ଏକାଡେମୀ ଓ ତାପରେ ରେଭେନ୍ସା କଲେଜରେ ବୀରେନ୍‌ଙ୍କ ନାଁ ଲେଖାଇଥିଲେ। ସେତେବେଳେ ଗୋଟିଏ ଦୁଇଟି ଘଟଣା ତାଙ୍କ ଜୀବନର ମୋଡ ବଦଳାଇ ଦେଇଥିଲା। କଟକ ମେଡିକାଲ୍ ସ୍କୁଲ୍‌ର ଧର୍ମଘଟରେ ସେ ଛାତ୍ରମାନଙ୍କ ଭିତରେ ବେଶ୍ ଜଣାଶୁଣା ହୋଇଗଲେ। ଛାତ୍ରମାନଙ୍କ ଭିତରେ ସେ ଖୁବ୍ ଆଗୁଆ ହୋଇଗଲେ। ୧୯୪୨ ମସିହା ଅଗଷ୍ଟ ୯ ସ୍ୱାଧୀନତା ଆନ୍ଦୋଳନର ଶେଷ ଅଧ୍ୟାୟ। ବାପାଙ୍କ ଅନିଚ୍ଛା ସତ୍ତ୍ୱେ ଗାନ୍ଧିଜୀଙ୍କ “କର ବା ମର” ଡାକରା ଶୁଣି ଆନ୍ଦୋଳନରେ ସାମିଲ ହେବା ସହ ପ୍ରଥମେ କଟକ ଓ ପରେ ବ୍ରହ୍ମପୁର ଜେଲରେ ଅଟକବନ୍ଦୀ ହୋଇ ରହିଥିଲେ।

୧୯୩୫ ମସିହା ଭାରତ ଶାସନ ଆଇନ ଅନୁଯାୟୀ ଓଡିଶାରେ ୧୯୪୬ ମସିହାରେ ଦ୍ୱିତୀୟଥର ପାଇଁ ନିର୍ବାଚନ ହେଲା। ଡଃ. ମହତାବ କଂଗ୍ରେସ ବିଧାୟକ ଦଳର ନେତା ଭାବେ ଓଡିଶାର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ। ସେତେବେଳେ ବୀରେନ୍ ଦା' କଟକ ସହରକୁ ନିଜ କର୍ମକ୍ଷେତ୍ର କରିସାରିଥିଲେ। ଦିନେ ବାଖରାବାଦରେ ଡଃ. ମହତାବଙ୍କ ସହିତ ବୀରେନ୍ ଦାଙ୍କର ସାକ୍ଷାତ୍ ହୋଇଥିଲା। ସେଦିନ ସେହି ସାକ୍ଷାତ ଉଭୟଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ଗୁରୁଶିଷ୍ୟ ଭଳି ଡକ୍ଟର ମହତାବ ଓ ବୀରେନ୍ ମିତ୍ର ଦୀର୍ଘ ୧୫ ବର୍ଷ କାଳ ଏକତ୍ର କାମ କରିଥିଲେ। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଦେଶ ସ୍ୱାଧୀନ ହେଲା ବେଳକୁ ବୀରେନ୍ ମିତ୍ର କର୍ମୀରୁ ନେତା ହୋଇସାରିଥିଲେ। ସହରର ଲୋକଙ୍କ ସୁଖଦୁଃଖ ହାନିଲାଭ ବୁଝିବା ପାଇଁ ତାଙ୍କରି ଚେଷ୍ଟାରେ ‘ଟାଉନ୍ କମିଟି’ ଗଢା ହୋଇଥିଲା। ଏହି ଟାଉନ୍ କମିଟି ଜରିଆରେ କଟକ ସହରରେ ବହୁଦିନ ପର୍ଯ୍ୟନ୍ତ ସାହି ବିବାଦ ଠାରୁ ଆରମ୍ଭ କରି ବହୁ ସମସ୍ୟାର ସମାଧାନ କରାଯାଉଥିଲା। ଏହି କମିଟି କଟକିଆଙ୍କର ସୁଖଦୁଃଖର ସାଥୀ ଥିଲା। ବୀରେନ ଦାଙ୍କ ଗୋଟିଏ ବଡ ଗୁଣ ଥିଲା କଟକ ସହର ଥିଲା ତାଙ୍କ ପ୍ରାଣ। ଲୋକଙ୍କ ସେବାରେ ତାଙ୍କର ଛଳନା ନଥିଲା।

୧୯୫୨ ମସିହାରେ ଆମ ଦେଶର ସମ୍ବିଧାନ ଅନୁଯାୟୀ ପ୍ରଥମ ଥର ପାଇଁ ସାବାଳକ ଭୋଟଦାନ ପ୍ରଥାରେ ନିର୍ବାଚନ ହେଲା। ସେତେବେଳକୁ ବୀରେନବାବୁ କଂଗ୍ରେସ ଦଳର ନେତା ଭାବେ କଟକ ସହରରେ ବେଶ୍ ଜଣାଶୁଣା ହୋଇପାରିଥିଲେ। ସେ ପ୍ରଥମ ଥର ପାଇଁ କଟକ ସହରରୁ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଲେ ଓ ଜିତିଲେ। କଟକ ସହରରେ ଲୋକେ ତାଙ୍କୁ ଏତେ ଭଲପାଉଥିଲେ ଯେ ୧୯୫୨ ମସିହାରୁ ୧୯୬୭ ପର୍ଯ୍ୟନ୍ତ ଚାରିଥର ସେ କଟକ ସହରରୁ ବିଧାନସଭାକୁ ନିର୍ବାଚନ ହୋଇଥିଲେ। ୧୯୬୧ ମସିହାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସରକାରରେ ଉପମୁଖ୍ୟମନ୍ତ୍ରୀ ପଦ ମଣ୍ଡନ କରିଥିଲେ। ୧୯୬୩ ମସିହାରେ କାମରାଜ ଯୋଜନାରେ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀ ପଦ ଛାଡିବା ପରେ ତାଙ୍କ ସ୍ଥାନରେ ଉପମୁଖ୍ୟମନ୍ତ୍ରୀ ଥିବା ବୀରେନ୍ ମିତ୍ର ୧୯୬୩ ମସିହା ଅକ୍ଟୋବର ୨ ତାରିଖରେ ଓଡିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ସେ ମୁଖ୍ୟମନ୍ତ୍ରୀ ହେବାପରେ ରାଜ୍ୟର ସାଧାରଣ ଲୋକ ବିଶେଷ କରି ଗରିବ, ଖଟିଖିଆ, ମେହେନତକାରୀ ଲୋକେ ଖୁବ୍ ଖୁସି ହୋଇଥିଲେ। ସେମାନଙ୍କର ଜଣେ ନିତିଦିନିଆ ସାଥୀ ହାତରେ ରାଜ୍ୟର ଶାସନଭାର ଥିବାରୁ ସେମାନଙ୍କ ମନରେ ନୂତନ ଆଶା ସୃଷ୍ଟି ହୋଇଥିଲା। ମୁଖ୍ୟମନ୍ତ୍ରୀ ହେବାପରେ ବି ନିଜର ଜୀବନଧାରାକୁ ବଦଳାଇ ନଥିଲେ ସେ।

ବୀରେନ୍ ମିତ୍ର ମୁଖ୍ୟମନ୍ତ୍ରୀ ଥିବା ସମୟରେ ସବୁଠାରୁ ଉଲ୍ଲେଖନୀୟ ଘଟଣା ଥିଲା ୧୯୬୪ ମସିହାର ଛାତ୍ର ଆନ୍ଦୋଳନ। ସେଇବର୍ଷ ସେପ୍ଟେମ୍ବର ୨ ତାରିଖ ଦିନ ଏକ ସାମାନ୍ୟ ଘଟଣାକୁ କେନ୍ଦ୍ରକରି ଛାତ୍ରମାନେ ବିଧାନସଭାରେ ତୁମୁଳକାଣ୍ଡ କରିଥିଲେ। ଏ ଘଟଣାର କିଛିଦିନ ପରେ କଟକରେ ରେଡିଓ ମରାମତିକୁ କେନ୍ଦ୍ର କରି ପୁଣି ଏକ ଛାତ୍ର ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଆନ୍ଦୋଳନ କେବଳ କଟକ ସହରରେ ସୀମିତ ନରହି ଅନ୍ୟାନ୍ୟ ଅଞ୍ଚଳକୁ ବ୍ୟାପିଥିଲା। ବୀରେନ୍ ଦା ନିଜେ ଜଣେ ଛାତ୍ରନେତା ଥିଲେ। ସବୁ ଶୁଣି ଦାଦା ପୁଲିସ୍‌କୁ କହିଥିଲେ “ଯାହା କରୁଛ କର, କଟକରେ ଗୁଳି ଫୁଟିବ ନାହିଁ କି କଟକ ରାସ୍ତାରେ ବୁନ୍ଦାଏ ରକ୍ତ ପଡିବ ନାହିଁ”। ଫଳରେ ଅନେକ ଜୀବନ ରକ୍ଷା ପାଇଗଲା। ଘଟଣାଚକ୍ରରେ ବୀରେନ୍ ମିତ୍ର ଶାସ୍ତ୍ରୀଜୀଙ୍କ ପରାମର୍ଶ କ୍ରମେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। କ୍ଷମତାରୁ ଗଲାପରେ ତାଙ୍କ ଦରବାର ବି ପୂର୍ବଭଳି ଚାଲୁଥିଲା ଏମିତି ନେତା ଆଜିର ଦୁନିଆରେ ବିରଳ। ୧୯୭୮ ମସିହା ମଇ ୨୫ ତାରିଖରେ ତାଙ୍କର ଦେହାବସାନ ହେଲା। ହେଲେ ବିସ୍ମୃତିରେ ହଜିଯାଉଥିବା ଏହି ବରପୁତ୍ରଙ୍କ ଜୀବନାଦର୍ଶ ଆଜି ବି ପ୍ରାସଙ୍ଗିକ ମନେହୁଏ।

**ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର, ମୋ - ୯୩୩୭୨୨୧୯୨୪**

# ଦିବାକର ଅସ୍ତରଙ୍ଗ ପ୍ରତିନିଧି, ରାକେଶ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରତିନିଧି ଭାବେ ମନୋନୀତ







**ଅସ୍ତରଙ୍ଗ,(ଡିକେ ନ୍ୟୁଜ୍):** ଜଗତସିଂହପୁର ସଂସଦୀୟ କାକଟପୁର ବିଧାନସଭା କ୍ଷେତ୍ରର ଅସ୍ତରଙ୍ଗ ବ୍ଲକ ସାଂସଦ ପ୍ରତିନିଧି ଭାବେ ଯୁବ ବିଜେପି ନେତା ଦିବାକର ଛାଟୋଇ ମନୋନୀତ ହୋଇଥିବା ବେଳେ ଅସ୍ତରଙ୍ଗ ଅଞ୍ଚଳର ଅନ୍ୟ ଜଣେ ଯୁବ ସଂଗଠକ ରାକେଶ କୁମାର ବିଶ୍ୱାଳ ପୁରୀ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରର ସାଂସଦଙ୍କ ପ୍ରତିନିଧି ରୂପେ ମନୋନୀତ ହୋଇଛନ୍ତି। ଠିକ ସେହିପରି ମାନ୍ୟବର ସାଂସଦଙ୍କ ଅସ୍ତରଙ୍ଗ ଉତ୍କଳେଇ ମହାତ୍ମାଗାନ୍ଧୀ ମହାବିଦ୍ୟାଳୟ ପ୍ରତିନିଧି ରୂପେ ଅସ୍ତରଙ୍ଗର ଉଦୀୟମାନ ଯୁବ ବିଜେପି ନେତା ଶିଶିର କୁମାର ବେହେରା ମନୋନୀତ ହୋଇଛନ୍ତି। ଯାହାକୁ ନେଇ ଜଗତସିଂହପୁର ସାଂସଦ ଡ଼ଃ ବିଭୁ ପ୍ରସାଦ ତରାଇଙ୍କ କାର୍ଯ୍ୟାଳୟରୁ ବିଜ୍ଞପ୍ତି ରୂପକ ସୂଚନା ଜାରି କରାଯାଇ ପୁରୀ ଜିଲ୍ଲାପାଳଙ୍କୁ ସୂଚନା ପ୍ରଦାନ କରାଯାଇଛି। ଏନେଇ ଅସ୍ତରଙ୍ଗ ଅଞ୍ଚଳରେ ବିଜେପିରେ ଖୁସିର ମାହୋଲ ଦେଖିବାକୁ ମିଳିଛି। ଅସ୍ତରଙ୍ଗ ଅଞ୍ଚଳର ଯୁବ ବିଜେପି ନେତା ଦିବାକର ଛାଟୋଇ ଜଣେ ଦୃଢ ସଂଗଠକ, ଦରଦୀ ମଣିଷ, ପ୍ରକୃତି ପ୍ରେମି, ଜଣେ ନିଷ୍ଠାବାନ ମଣିଷ ରୂପେ ବହୁ ଚର୍ଚ୍ଚିତ। ପୂର୍ବରୁ ତାଙ୍କ ଧର୍ମ ପତ୍ନୀ ସସ୍ମିତା ଛାଟୋଇ ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଥିଲେ ଓ ସେବି ମଧ ଅସ୍ତରଙ୍ଗ ପଞ୍ଚାୟତର ସମିତି ସଭ୍ୟ ରୂପେ ଆଗରୁ ନିର୍ବାଚିତ ହୋଇଛନ୍ତି। ବର୍ତ୍ତମାନ ବି ତାଙ୍କ ନେତୃତ୍ୱରେ ଅସ୍ତରଙ୍ଗ ପଞ୍ଚାୟତ ସମିତି ଗଠନ ହୋଇଛି। ତାଙ୍କର ରାଜନୈତିକ ଇତିହାସ ଓ ବିଜେପିର ଦୃଢ଼ ସଂଗଠକ ହିସାବରେ ମାନ୍ୟବର ସାଂସଦ ଡ଼ଃ ବିଭୁ ପ୍ରସାଦ ତରାଇ ତାଙ୍କୁ ଏହି ପଦବୀରେ ମନୋନୀତ କରିଛନ୍ତି। ଶ୍ରୀଯୁକ୍ତ ଛାଟୋଇ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଏହି ପଦବୀ ପାଇଁ ମାନ୍ୟବର ସାଂସଦ ଡ଼ଃ ବିଭୁ ପ୍ରସାଦ ତରାଇ, ମାନ୍ୟବର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ପୂର୍ବତନ ବିଧାୟକ ବାଇଧର ମଲ୍ଲିକଙ୍କୁ ଧନ୍ୟବାଦ ଜଣାଇବା ସହ ଆଗକୁ ଅସ୍ତରଙ୍ଗ ବିକାଶରେ ଶ୍ରୀଯୁକ୍ତ ଛାଟୋଇ ଜଣେ ନିଷ୍ଠାପର ଯୋଦ୍ଧା ହେବେ ବୋଲି ଗଣମାଧମକୁ ପ୍ରତିକ୍ରିୟା ଦେଇଛନ୍ତି।

# ରୋଗୀ କଲ୍ୟାଣ ସମିତି ବୈଠକରେ ସମୀକ୍ଷା କଲେ ଶିଳ୍ପମନ୍ତ୍ରୀ



**ପାରାଦୀପ,(ଡିକେ ନ୍ୟୁଜ୍):** ପାରାଦୀପ ଅଠରବାଙ୍କୀସ୍ଥିତ ରାଜ୍ୟ ସରକାରଙ୍କ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଙ୍ଗଳବାର ଦିନ ରୋଗୀ କଲ୍ୟାଣ ସମିତି ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ପାରାଦୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ଡାକ୍ତରଖାନାର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହିତ ଏହାର ଉନ୍ନତିକରଣ କରାଯିବା ନେଇ ଆଲୋଚନା କରିଥିଲେ । ଏଥି ସହିତ ଭିତ୍ତିଭୂମିର ବିକାଶ, ଶୌଚାଳୟ ବ୍ୟବସ୍ଥା, ପାନୀୟ ଜଳର ସୁବନ୍ଦୋବସ୍ତ ଏବଂ ସ୍ୱଚ୍ଛତା ଉପରେ ମାନ୍ୟବର ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀମାନଙ୍କୁ ଉତ୍ତମ ସେବା ସୁବିଧା ଯୋଗାଇ ଦେବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଡା. ବସନ୍ତ କୁମାର ରାଉତଙ୍କ ସମେତ ଅନ୍ୟ ଡାକ୍ତରମାନଙ୍କୁ ପରାମର୍ଶ ଦେଇଥିଲେ। ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀମାନେ ନିଷ୍ଠା, ପ୍ରତିବଦ୍ଧତା ଏବଂ ସମର୍ପଣ ଭାବରେ ରୋଗୀମାନଙ୍କୁ ସେବା ଯୋଗାଇ ଦେବାକୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ନଗରପାଳ ବସନ୍ତ ବିଶ୍ୱାଳ, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ପାରିଷଦ ସୁବ୍ରତ ପ୍ରଧାନ, ପ୍ରତାପ କୁମାର ନାୟକ, ସାଂସଦଙ୍କ ମେଡିକାଲ ପ୍ରତିନିଧି ମନୋଜ କୁମାର ନାୟକ, ବିଧାୟକଙ୍କ ପାରାଦୀପ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ ପ୍ରମୁଖଙ୍କ ସହିତ ବହୁ ବ୍ୟକ୍ତି ଯୋଗ ଦେଇଥିଲେ। ବୈଠକ ଶେଷରେ ମାନ୍ୟବର ମନ୍ତ୍ରୀ ଅଠରବାଙ୍କୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟସ୍ଥ ଆହାର କେନ୍ଦ୍ର ପରିଦର୍ଶନ କରି ସେଠାରେ ଯୋଗାଇ ଦିଆଯାଉଥିବା ଖାଦ୍ୟ ଖାଇଥିଲେ।

# ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଯାପିତ



**ସମ୍ବଲପୁର,(ଡିକେ ନ୍ୟୁଜ୍):** ସ୍ଥାନୀୟ ବ୍ରଜମୋହନ ପଟ୍ଟନାୟକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ତିନି ଦିନ ଧରି ଚାଲିଥିବା ଶ୍ରୀମତି ସୌଦାମିନୀ ଭଗତ ସ୍ମାରକୀ ଚିତ୍ରକଳା ପ୍ରଦର୍ଶନୀ ଉଦଯାପିତ ହୋଇଯାଇଛି । ରାଫେଲ ଇନଷ୍ଟିଚ୍ୟୁଟ ଅଫ ଫାଇନ ଆର୍ଟର ଅଧକ୍ଷା ମୋନାଲିସା ଭଗତଙ୍କ ସଂଯୋଜନାରେ ଆୟୋଜିତ ଏହି ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପବିତ୍ର କୁମାର ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ। ପ୍ରଦର୍ଶନୀରେ ଶତାଧିକ ଚିତ୍ରକଳା ସ୍ଥାନ ପାଇ ଦର୍ଶକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ଉଦଯାପନୀ ଉତ୍ସବରେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷୟତ୍ରୀ ଯଶୋବନ୍ତୀ ନାୟକ ମୁଖ୍ୟ ଅତିଥି, ରୁକ୍ମଣୀ ସାହା, ଚିତ୍ରଶିଳ୍ପୀ ପ୍ରଶାନ୍ତ ମାଝି ଏବଂ ନମିତା ବଡ଼ପଣ୍ଡା ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହୋଇଥିବା ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ମୋନାଲିସା ଭଗତଙ୍କ ସମେତ ବିଦୁଷୀ, ନୂପୁର, ଅଙ୍କିତା, ଆଦିତ୍ୟ, ତନ୍ମୟ, ଶ୍ରୀ ଏବଂ ଅନୁଷ୍ଠାନର ସମସ୍ତ ଛାତ୍ର ଛାତ୍ରୀ ସହଯୋଗ କରି ଥିଲେ।

# ଆମେରିକାନ ମେରିଟ କାଉନସେଲିଂ ପକ୍ଷରୁ ପ୍ରସନ୍ନ ପାଇକରାୟଙ୍କୁ ସମ୍ମାନସୂଚକ ଡକ୍ଟରେଟ ଉପାଧି




**ଖୋର୍ଦ୍ଧା,(ଡିକେ ନ୍ୟୁଜ୍):** ଓଡ଼ିଶା ସାମ୍ବାଦିକ ୟୁନିୟନର ରାଜ୍ୟ ସମ୍ପାଦକ, ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବର ଉପ-ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ପାଇକରାୟଙ୍କୁ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଆମେରିକାନ ମେରିଟ କାଉନସେଲିଂ ପକ୍ଷରୁ ସମ୍ମାନ ସୂଚକ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରାଯାଇଛି। ଶ୍ରୀଯୁକ୍ତ ପାଇକକରାୟ ଦୀର୍ଘ ୨୬ ବର୍ଷ ଧରି ସାମ୍ବାଦିକ ବୃତ୍ତି ସହ ନିଜକୁ ସାମିଲ କରି ସମାଜସେବା କରି ଚାଲିଛନ୍ତି। ଗତ ମହାବାତ୍ୟା ଠାରୁ ଆରମ୍ଭ କରି ମହାମାରୀ କରୋନା ପର୍ଯ୍ୟନ୍ତ ଅନେକ ଦୁଃସାହସିକ କାର୍ଯ୍ୟ ସମ୍ପାଦନ କରିଥିଲେ। କୌଣସି ସ୍ଥାନରେ ସାମ୍ବାଦିକଟି ଅସୁବିଧାରେ ସମ୍ମୁଖୀନ ହେଲେ ଶ୍ରୀ ପାଇକରାୟ ପ୍ରଥମେ ଆଗେଇଆସି ତାର ଆସୁ ସମାଧାନ କରିବା ନିମନ୍ତେ ଲାଗିପଡନ୍ତି। ଏଭଳି ଜଣେ ଅମାୟିକ ବ୍ୟକ୍ତିଙ୍କୁ ଗତ ମେ ୨୦ ତାରିଖରେ ଜୟଦେବ ଭବନ ଭୁବନେଶ୍ୱର ଠାରେ ସମାଜର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ଡକ୍ଟର ଉପାଧି ପ୍ରଦାନ କରାଯାଇଛି।ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲ୍ଲା ସାମ୍ବାଦିକ ୟୁନିୟନ, ବିଭିନ୍ନ ସଂଗଠନ ଏବଂ ବ୍ୟକ୍ତିବିଶେଷ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ୟୁଜେଏ ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ



**ଯାଜପୁର,(ଡିକେ ନ୍ୟୁଜ୍):** ରାଜ୍ୟରେ ସାମ୍ବାଦିକମାନଙ୍କ ଉପରେ ବୃଦ୍ଧି ପାଇଥିବା ଆକ୍ରମଣର ପ୍ରତିବାଦ ଏବଂ ବଲାଙ୍ଗୀରରେ ସାମ୍ବାଦିକ ବିଜୟ ପ୍ରଧାନଙ୍କ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତ ଠିକାଦାରକୁ ତୁରନ୍ତ ଗିରଫ୍ କରିବାକୁ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୁତି ଭୂଷଣ କରଙ୍କ ନିଷ୍ପତ୍ତି କ୍ରମେ ସଂଘର ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ସଂଘର ରାଜ୍ୟ କାର୍ଯ୍ୟକାରି ସଭାପତି ହାରାଧନ ବାନାର୍ଜୀ ଏବଂ ଜିଲ୍ଲା ସଭାପତି ହରିହର ସ୍ୱାଇଁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆଜି ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ମର୍ମରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘର ଜିଲ୍ଲା ଉପସଭାପତି ପବିତ୍ର ମହାନ୍ତି, ସମ୍ପାଦକ ସୁବାଶିଷ ରାଉତ, ଜାତୀୟ କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରଦୀପ୍ ଚନ୍ଦ୍, ସଞ୍ଜୟ କର, ବିଦ୍ୟାଧର ସାହୁ, ଭରତ ନାୟକ, ଦିବ୍ୟକାନ୍ତ କର, ଅଜୟ ମିଶ୍ର ,ଲିଙ୍ଗରାଜ ସାହୁ, ଅଜୟ ବେହେରା, ସୁରେଶ କର, ବାଞ୍ଛାନିଧି ସାହୁ, ଅଜୟ ଜେନା, ବସୁବନ୍ଧୁ ଦାସ, ଶଙ୍କର ସେଠି, ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅଲୋଡା ହୋଇଥିବା ଶିଶୁ ଉଦ୍ୟାନ ପୁନରୁଦ୍ଧାର ଦାବି

**ନବରଙ୍ଗପୁର,(ଡିକେ ନ୍ୟୁଜ୍):** ଦୀର୍ଘଦିନ ଆଗରୁ ଉଦ୍‌ଘାଟିତ ହୋଇଥିଲା ପାର୍କ । ଶିଶୁ ଠାରୁ ବଡ଼ ପର୍ଯ୍ୟନ୍ତ ସମୟ ବିତାଉଥିଲେ ଏହି ପାର୍କରେ। ଖେଳିବା ସରଞ୍ଜାମ ଥିବା ହେତୁ ଲୋକେ ବ୍ୟାୟାମ କରିବା ସହ ଶିଶୁମାନେ ଖେଳୁଥିବା ଦେଖିବାକୁ ମିଳୁଥିଲା। କିନ୍ତୁ ଏବେ ସ୍ଥାନୀୟ ପ୍ରଶାସନର ଅବହେଳା ଯୋଗୁଁ ଲୋକଙ୍କ ଶୌଚାଳୟ ହେବା ସହ ଅଲୋଡା ହୋଇପଡିଛି। ପାର୍କ ନିର୍ମିତ ହୋଇଥିଲା ଲୋକଙ୍କ ହିତ ପାଇଁ କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ଆଜି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ନବରଙ୍ଗପୁର ଜିଲ୍ଲା ସଦର ପାପଡାହାଣ୍ଡି ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ରହିଛି ଏହି ପାର୍କ। ଏହି ପାର୍କକୁ ପୁନରୁଦ୍ଧାର କରିବାକୁ ପାପଡାହାଣ୍ଡିବାସୀ ଦାବି କରିଛନ୍ତି। ୨୦୦୪ ମସିହାରେ ତତ୍କାଳୀନ ମନ୍ତ୍ରୀ ଡ଼ଃ ଦାମୋଦର ରାଉତ ଏହି ପାର୍କକୁ ଉଦଘାଟନ କରିଥିଲେ। ସେ ଦିନରେ ଏହି ପାର୍କ ବେଶ ପାପଡାହାଣ୍ଡି ବାସୀଙ୍କୁ ଉତ୍ସାହିତର ଦିନ ଥିଲା । କିନ୍ତୁ ଏବେ ରକ୍ଷଣାବେକ୍ଷଣ ଅଭାବରୁ ଏହି ପାର୍କ ଅଲୋଡା ହୋଇ ପଡିରହିଛି। ପାର୍କରେ ଥିବା ସରଞ୍ଜାମ ସବୁ ନଷ୍ଟ ହେବା ସହ ଅନାବନା ଗଛରେ ପରିପୂର୍ଣ୍ଣ ହୋଇ ରହିଛି। ବର୍ତ୍ତମାନ ଏହି ଲୋକଙ୍କ ଶୌଚାଳୟ ହୋଇ ଦୁର୍ଗନ୍ଧରେ ପରିପୂର୍ଣ୍ଣ ହୋଇ ରହିଛି। ଏଥିଯୋଗୁଁ ଲୋକଙ୍କ କାମରେ ଆସୁ ନ ଥିବା ଅଭିଯୋଗ ହୋଇଛି। ସଦର ପାପଡାହାଣ୍ଡି ଠାରେ ଶିଶୁଙ୍କ ମନରଞ୍ଜନ ପାଇଁ କୌଣସି ପ୍ରକାର ସୁବିଧା ନାହିଁ। ଏହି ପାର୍କ ଯଦି ପୁନରୁଦ୍ଧାର କରାଯିବ ତେବେ ଅନେକ ଶିଶୁ ଖେଳିବା ସହ ପରିବେଶ ମଧ ସୌନ୍ଦର୍ଯ୍ୟକରଣ ହୋଇ ପାରିଥାନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ମୁନିଗୁଡା ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି




**ମୁନିଗୁଡା/ରାୟଗଡ,(ଡିକେ ନ୍ୟୁଜ୍):** ମୁନିଗୁଡା ବ୍ଲକ କାର୍ଯ୍ୟାଳୟର ସଭାଗୃହରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପାରୁଲ ପଟାୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଷ୍ଣୁ ପ୍ରସାଦ ପାତ୍ର, ଗୁଣପୁର ଉପ ଜିଲ୍ଲାପାଳ କିରନଦୀପ କୌର ସହତା, ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ସିଡିଏମଓ ପ୍ରଫୁଲ୍ଲ କୁମାର ପାଢ଼ୀ ଯୋଗଦେଇ ଅଭିଯୋଗର ଶୁଣାଣୀ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୁନିଗୁଡାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଆଜି ମୋଟ ୪୪ଟି ଅଭିଯୋଗର ଶୁଣାଣୀ ହୋଇଥିବା ବେଳେ, ସେଥିରୁ ୩୦ଟି ବ୍ୟକ୍ତିଗତ, ୧୨ଟି ସାମୂହିକ, ଦୁଇଟି ସ୍ୱାସ୍ଥ୍ୟଗତ ଦରଖାସ୍ତ ପଞ୍ଜିକରଣ ହୋଇଥିବା ବେଳେ ଜଣଙ୍କୁ ୫୦୦୦ହିସାବରେ ଦୁଇ ଜଣଙ୍କୁ ଦଶ ହଜାର ଟଙ୍କା ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଇଥିଲା। ପାଞ୍ଚଟି ଦରଖାସ୍ତର ଅଭିଯୋଗ ତୁରନ୍ତ ସମାଧାନ କରାଯାଇଥିଲା। ଏହି ଅଭିଯୋଗ ଶିବିରରେ ଜିଲ୍ଲାସ୍ତରୀୟ ଅଧିକାରୀ, ଉପଖଣ୍ଡ ସ୍ତରୀୟ ଅଧିକାରୀ ଓ ମୁନିଗୁଡା ବ୍ଲକର ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଆଦି ଯୋଗଦାନ କରି ଅଭିଯୋଗ ମାନ ଶୁଣାଣୀ କରିଥିଲେ। ସହକାରି ଜିଲ୍ଲାପାଳ ତଥା ଅଭିଯୋଗ ଶୁଣାଣି ଅଧିକାରୀ ସସ୍ମିତା ପଟ୍ଟନାୟକ, ଅଭିଯୋଗ ଶୁଣାଣି ସହାୟକ ଅଚ୍ୟୁତାନନ୍ଦ ଲିମା ଶିବିର ପରିଚାଳନା କରିଥିବା ବେଳେ ମୁନିଗୁଡାଥାନା ଅଧିକାରୀ ଆଇନ ଶୃଙ୍ଖଳା ରକ୍ଷା କରିଥିଲେ।

# ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମିଳିତ ଅଭିଯୋଗ ଶୁଣାଣି

**ଭଞ୍ଜନଗର,(ଡିକେ ନ୍ୟୁଜ୍):** ଭଞ୍ଜନଗରରେ ଜିଲ୍ଲାସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନ ସମାଧାନ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଗଞ୍ଜାମ, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ସମୁଦାୟ ୧୮୨ଟି ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ଆଜିର ଏହି ଅଭିଯୋଗ ମଧ୍ୟରେ ବ୍ୟକ୍ତିଗତ ଅଭିଯୋଗ ୧୭୪ଟି ଥିବା ବେଳେ, ଗ୍ରାମୀୟ ଅଭିଯୋଗ ୮ଟି ଥିଲା। ଜିଲ୍ଲାପାଳ ତ୍ୱରିତ ୮ଟି ଅଭିଯାଗର ଫଇସଲା କରିଥିଲେ। ରେଡ଼କ୍ରସ ରିଲିଫି ପାଣ୍ଠିରୁ ଜଣଙ୍କୁ ତିରିଶି ହଜାର ଟଙ୍କା ହିସାବରେ ତିନି ଜଣଙ୍କୁ ନବେ ହଜାର ଟଙ୍କା ଏବଂ ଆଉ ଜଣଙ୍କୁ ଦଶ ହଜାର ଟଙ୍କା, ଏବଂ ଅନ୍ୟ ଜଣଙ୍କୁ ଚାରି ହଜାର ଟଙ୍କା (ପାଞ୍ଚ ଜଣଙ୍କୁ ସମୁଦାୟ ଏକ ଲକ୍ଷ ଚାରି ହଜାର ଟଙ୍କା) ସହାୟତା ପ୍ରଦାନ କରାଯାଇଥିଲା। ଭଞ୍ଜନଗର ଏନଏସିର ଭିନ୍ନକ୍ଷମ ସୁବାଷ ଚନ୍ଦ୍ର ନାଇକଙ୍କୁ ଏକ ଟ୍ରାଇ ସାଇକଲ ପ୍ରଦାନ କରାଯାଇଥିଲା। ଆଜିର ଅଭିଯୋଗ ସମୟରେ, ଅଭିଯୋଗ ଗୁଡିକ ମୁଖ୍ୟତଃ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ଖାଉଟି କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ଭୂମିହୀନଙ୍କ ପାଇଁ ବସୁନ୍ଧରା ଯୋଜନାରେ ଜାଗା ଆବଣ୍ଟନ ଉପରେ ମୁଖ୍ୟତଃ ଥିଲା। ଆଦିବାସୀମାନଙ୍କ ଜଙ୍ଗଲ ଜମି ପଟ୍ଟା ସକାଶେ ସୋରଡ଼ା ବ୍ଲକ ଅଞ୍ଚଳରୁ ଅଭିଯୋଗ ଆସିଥିଲା। ଗ୍ରହଣ କରିଥିବା ଆବେଦନଗୁଡ଼ିକର ଶୁଣାଣି କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରେରଣ କରାଯାଇ ତୁରନ୍ତ ସମାଧାନ କରିବା ଦିଗରେ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହି ଅଭିଯୋଗ ଶୁଣାଣି ସମୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଞ୍ଜନ କୁମାର ଦେ, ଭଞ୍ଜନଗର ଡେପୁଟି କଲେକ୍ଟର ସୁମନ ଘୋଷ, ବେଲଗୁଣ୍ଠା ତହସିଲଦାର କଳାକୃଷ୍ଣ ପ୍ରଧାନ, ଭଞ୍ଜନଗର ତହସିଲଦାର ଅବିନାଶ ମହାର, ଭଞ୍ଜନଗର ବିଡିଓ ପୂର୍ଣଚନ୍ଦ୍ର ପାଢ଼ୀ, ପୂର୍ତ୍ତ ବିଭାଗ ଏସଡିଓ ଭଞ୍ଜନଗର ପ୍ରତାପ ନାୟକ, ଭଞ୍ଜନଗର, ବିଜ୍ଞାପିତ ଅଞ୍ଚଳ ଭଞ୍ଜନଗର କାର୍ଯ୍ୟନିର୍ବାହୀ ଅଧିକାରୀ ମୁରଲୀ କୃଷ୍ଣ ପଣ୍ଡା, ଭଂଜନଗର, ସହାୟକ ଜିଲ୍ଲାପାଳ ରାମଚନ୍ଦ୍ର ମହାପାତ୍ର, ଜିଲ୍ଲା ଯୋଗାଣ ଅଧିକାରୀ ପୁଷ୍ପା ମୁଣ୍ଡା, ଅତିରିକ୍ତ ଯୋଗାଣ ଅଧିକାରୀ ଅସିତ କୁମାର ମହାନ୍ତି, ସାମାଜିକ ସୁରକ୍ଷା ଅଧିକାରୀ ଏସିଓ ଶବର, ଭଞ୍ଜନଗର ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ଏବଂ ପ୍ରତ୍ୟେକ ବିଭାଗର ଅଧିକାରୀମାନେ ଯୁଗ୍ମ ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ।

# ଜିଲ୍ଲାପାଳ ଓ ଜିଲ୍ଲାଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଶୁଣାଣି




**ଖୋର୍ଦ୍ଧା,(ଡିକେ ନ୍ୟୁଜ୍):** ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ଅନ୍ତର୍ଗତ, ଗମ୍ଭାରିମୁଣ୍ଡା ଗ୍ରାମ ପଞ୍ଚାୟତର ପତିତପାବନ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସାଗରିକା ନାଥଙ୍କ ମିଳିତ ଜନ ଶୁଣକ୍ଷଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଖୋର୍ଦ୍ଧା ଜିଲ୍ଲା ପରିଷଦ ଉପ-ସଭାପତି ଗୋପୀନାଥ ମହାରଣା, ଉପଜିଲ୍ଲାପାଳ, କିଶୋର କୁମାର ପଣ୍ଡା, ବାଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଗମ୍ଭାରୀ ମୁଣ୍ଡା ଗ୍ରାମପଞ୍ଚାୟତ ସରପଞ୍ଚ, ପ୍ରେମାଞ୍ଜଳି ପଟ୍ଟନାୟକ, ମଣ୍ଡଳ ଉନ୍ନୟନ ଅଧିକାରୀ, ଶୀତଳ ଅଗ୍ରୱାଲ, ତହସିଲଦାର, ପଦ୍ମନାଭ ଦୋରା, ଡେପୁଟି କଲେକ୍ଟର, ଅଭିଯୋଗ ଆର୍ତ୍ତତ୍ରାଣ ମଲ୍ଲିକ, ଡେପୁଟି କଲେକ୍ଟର, ଜରୁରୀ, ଶ୍ରିତପା ମିଶ୍ର, ସହକାରୀ ଜିଲ୍ଲାପାଳ, ଅଭିଯୋଗ, ଭୁବନେଶ୍ୱରୀ କଅଁର ପ୍ରମୁଖ ଯୋଗ ଦେଇଥିଲେ। ଏହି ଶିବିରରେ ମୋଟ ୮୮ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୭୩ ଗୋଟି ଅଭିଯୋଗ ବ୍ୟକ୍ତିଗତ, ୮ ଗୋଟି ଅଭିଯୋଗ ସମୂହ ସମସ୍ୟା ଜନିତ ଥିଲା। ଜିଲ୍ଲାପାଳ, ଚଞ୍ଚଳ ରାଣା ଅଭିଯୋଗ ସ୍ଥଳରେ ୫ ଗୋଟି ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ। ଜିଲ୍ଲାପାଳ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଗାମ୍ଭାରୀମୁଣ୍ଡା ଗ୍ରାମ ପଞ୍ଚାୟତର ଭେଟେଶ୍ୱର ଗ୍ରାମର ମିନତୀ ସ୍ୱାଇଁଙ୍କୁ ୫ ହଜାର ଟଙ୍କା, ନୂଆସାହି ଦେଓଗାଁ ଗ୍ରାମର ଗଗନ ପ୍ରଧାନଙ୍କୁ ୧୫ହଜାର ଟଙ୍କା, ମୋଟ ୨ ଜଣ ଅଭିଯୋଗ କାରୀଙ୍କୁ ସ୍ୱାସ୍ଥ୍ୟ ଚିକିତ୍ସା ନିମନ୍ତେ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ପରେ ଜିଲ୍ଲାପାଳ ଶ୍ରୀଯୁକ୍ତ ରାଣା ସମନ୍ୱିତ ଶିଶୁ ବିକାଶ ଯୋଜନା, ମିଶନ ଶକ୍ତି, ଓଡିଶା ଜୀବିକା ମିଶନ, ଗ୍ରାମୀଣ ଗୃହ, ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ଶିବିର, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସ୍ୱଚ୍ଛତା ଷ୍ଟଲ୍, ଉଦ୍ୟାନ କୃଷି, ମତ୍ସ୍ୟ, ଏସଏସଇପିଡି, ଆୟୁଷ୍ମାନ ଆରୋଗ୍ୟ, ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ସେବା, ପ୍ରାଣୀ ସମ୍ପଦ ସେବା, ବେଟି ବଚାଓ ବେଟି ପଢ଼ାଓ, ଆଦିକା, ଭିଏଚ୍ଏସଏନଡି, ପୋଷଣ ପକ୍ଷ ଆଦି ସଚେତନତା ଷ୍ଟଲ୍ ବୁଲି ଦେଖିଥିଲେ। ଜନଶୁଣାଣି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରାଜ୍ୟଶ୍ରୀ ପଟ୍ଟନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଦିଲ୍ଲିପ କୁମାର ହିଆଳ, ଜିଲ୍ଲା ମଙ୍ଗଳ ଅଧିକାରୀ, ଡ଼ଃ ଗୀତାଂଶୁ ଦାଶ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଶ୍ୟାମଲେନ୍ଦୁ ନାୟକ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ରବି ନାରାୟଣ ସେନାପତି, ଜିଲ୍ଲା ଯୋଗାଣ ଅଧିକାରୀ, ସୁଗୁତା ମୁର୍ମୁ ,ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ବିଭାଗ ଇଂ ରଶ୍ମିତା ଦାସ, ଜିଲ୍ଲା ଶିକ୍ଷା ଅଧିକାରୀ, ସୋନାମିକା ରାୟ, ଖୋର୍ଦ୍ଧା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ ଡିପାର୍ଟମେଣ୍ଟ ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀ ମାନେ ଯୋଗ ଦେଇଥିଲେ।

# ତନିସ୍କ ଆଖପାଖରେ ଥିବା ସମସ୍ତ ସୁନା ଦୋକାନମାନଙ୍କର ନିଜସ୍ୱ ପାର୍କିଂ ସୁବିଧା ଥିବା ବେଳେ ତନିସ୍କର ପାର୍କିଂ ସୁବିଧା ନାହିଁ



**ବ୍ରହ୍ମପୁର,(ଡିକେ ନ୍ୟୁଜ୍):** ସହରରେ ସ୍ୱତନ୍ତ୍ର ଭାବେ ବାଇକ ଓ ଚାରି ଚକିଆ ଯାନର ପାର୍କିଂ ବ୍ୟବସ୍ଥା ନ ଥିବା ବେଳେ ୨ ଚକିଆ ପାଇଁ ରାସ୍ତାର ସମସ୍ତ ଦୋକାନ ସମ୍ମୁଖରେ ବାଇକ ଲମ୍ବା ହୋଇରହିଥିଲା। ସହରର କିଛି ପ୍ରତିଷ୍ଠିତ ବ୍ୟବସାୟୀ ତଥା ସୁନା ଦୋକାନ ତନିସ୍କ ସୁନା ଦୋକାନ ସାମନା, ଲସି ଦୋକାନ ସାମନା ତଥା ବହୁ ପ୍ରତିଷ୍ଠିତ ଦୋକାନମାନଙ୍କ ଆଗରେ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳିଥିଲା। ଲୋକମାନେ ଯିବା ଆସିବା ପାଇ ବହୁ ଅସୁବିଧାରେ ଗମନା ଗମନ କରୁଛନ୍ତି। ତନିସ୍କ ସୁନା ଦୋକାନର ନିଜସ୍ୱ ପାର୍କିଂ ସୁବିଧା ନାହିଁ କି ସେ କରିବା ପାଇ ଚାହୁଁନି । ଜାଣିଶୁଣି ରାସ୍ତାକୁ ଜାମ କରୁଛି। ତନିସ୍କ ଆଖପାଖରେ ଥିବା ସମସ୍ତ ସୁନା ଦୋକାନମାନଙ୍କର ନିଜସ୍ୱ ପାର୍କିଂ ସୁବିଧା ଥିବା ବେଳେ ତନିସ୍କ ତାହାର ପାର୍କିଂ ସୁବିଧା କରୁନି ଯେଉଁଥି ପାଇ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହଉଛନ୍ତି। ରାସ୍ତା କଡରେ ଦୋକାନ କରିଥିବା ଲୋକମାନଙ୍କୁ ବିଇଏମସି ଉଠାଇ ଦେଉଥିବା ବେଳେ କାହିଁକି ତନିସ୍କ ସୁନା ଦୋକାନ ଉପରେ କାହିଁକି କାର୍ଯ୍ୟନୁଷ୍ଠାନ ନେଉନାହିଁ। କେବେ କାର୍ଯ୍ୟନୁଷ୍ଠାନ ନଉଛି ଦେଖିବାକୁ ବାକି ରହିଲା। ଟ୍ରାଫିକ ନିୟନ୍ତ୍ରଣ ଉପରେ ପ୍ରଶାସନ କି ବିଏମସିର ନଜର ପଡୁନି କାହିଁକି। ଟ୍ରାଫିକ ବ୍ୟବସ୍ଥା ଅଧିକ ଜଟିଳ। ସୂଚନାଯୋଗ୍ୟ, କିଛି ବର୍ଷ ତଳେ ସହରର ଟ୍ରାଫିକ୍ ବ୍ୟବସ୍ଥା ସୁଧାରିବା ପାଇଁ ବିଇଏମସି ପୁଲିସର ମିଳିତ ଉଦ୍ୟମରେ ଲେଣ୍ଡିଂ ଜୋନ୍ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । କିନ୍ତୁ, ଏକମାତ୍ର ବାଇପାସ୍ ଛକରେ ପରିବା ବଜାର ନିର୍ମାଣର ସଫଳ ରୂପାୟନ ହୋଇଥିଲା। ସେହିପରି କିଛି ବର୍ଷ ତଳେ ବ୍ରହ୍ମପୁର ସହରରୁ ପଲିଥିନ ମୁକ୍ତ ପାଇଁ ବିଇଏମସି କାର୍ଯ୍ୟାଳୟ ତରଫରୁ ଧରପଗଡ ଚାଲୁ ରହି ବିଭିନ୍ନ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନଗ୍ରହଣ କରାଯାଇଥିଲା । ଏହି ଅଭିଯାନ କିଛି ଦିନ ବଳବତ୍ତର ରହିବା ପରେ ଏବେ ସମଗ୍ର ସହରର ପଲିଥିନ ଭରିପୁର। ସବୁଠି ଖୋଲା ଖୋଲି ଭାବେ ପଲିଥିନ ବିକ୍ରି ହେଉଛି। ପଲିଥିନର ବ୍ୟବହାର ବହୁଳ ଭାବେ ବୃଦ୍ଧି ପାଇଥିବାରୁ ଡ୍ରେନେଜ୍ ଓ ଅଳିଆ ଆବର୍ଜନା ଗଡାରେ ପଲିଥିନ ପାହାଡ ପରି ଗଦା ହୋଇ ରହିଛି। ଶୁକ୍ରବାର ଓ ଶନିବାର ଅଦିନିଆ ବର୍ଷା ଯୋଗୁଁ ସହରର ତଳିଆ ଅଞ୍ଚଳ ଡ୍ରେନରେ ଜଳ ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ବର୍ଷା ଜଳ ପ୍ରବଳ ବେଗରେ ଛୁଟିଥିଲା। ଫଳରେ ଟ୍ରାଫିକ୍ ବିପର୍ଯ୍ୟୟ ହୋଇ ବାଇକ୍ ଓ ଚାରି ଚକିଆ ଯାନ ଅଟକି ରହିଥିଲା। ଡ୍ରେନରେ ବହୁଳ ଭାବେ ପଲିଥିନ ଭାସି ଆସି ନାଳ ମାନଙ୍କରେ ଅଟକି ରହିଯିବାରୁ ଜଳ ନିଷ୍କାସନ ହୋଇ ନ ପାରି କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ବ୍ୟାପକ ପଲିଥିନ ଯୋଗୁଁ ପରିବେଶ ଦୂଷିତ ହେବାରେ ଲାଗିଛି। ତେବେ, ସାବିତ୍ରୀ ବ୍ରତ ଯୋଗୁଁ ପୂଜା ବଜାରରେ ଦରଦାମ ଅହେତୁକ ବୃଦ୍ଧି ଘଟିଥିଲା।

## ବିଦ୍ୟୁତ୍ ଆଘାତରେ ପ୍ରଧାନ ଶିକ୍ଷୟିତ୍ରୀ ମୃତ : ସ୍ୱାମୀ ଗୁରୁତର



**ସମ୍ବଲପୁର,(ଡିକେ ନ୍ୟୁଜ୍):** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବାଟଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନିତା ପୁରୋହିତ(୫୨)ଙ୍କର ମଙ୍ଗଳବାର ସକାଳୁ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି। ନାକଟିଦେଉଳ ଥାନା ବାଟଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଭାଲୁଗାଡ଼ିଆ ଗ୍ରାମର ସନ୍ତୋଷ ଶତପଥୀଙ୍କ ପତ୍ନୀ ଗତ ୪ ବର୍ଷ ହେଲା ବାଟଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିଲେ। ଆଜି ସକାଳ ପ୍ରାୟ ୬ଟା ସମୟରେ ନିଜ ଘର ବାଡ଼ିରେ ଥିବା କୂଅରୁ ପାଣି ଉଠାଇବା ପାଇଁ ମୋଟର ପମ୍ପ ଲଗାଉଥିବା ବେଳେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ସେ ତଳେ ଲୋଟି ପଡ଼ିଥିଲେ। ସ୍ତ୍ରୀ ତଳେ ପଡ଼ିଥିବା ଦେଖି ସ୍ୱାମୀ ସନ୍ତୋଷ ତାଙ୍କୁ ଉଠାଇବାକୁ ଚେଷ୍ଟା କରିବା ବେଳେ ସେ ମଧ୍ୟ ବିଦ୍ୟୁତ ସଂସ୍ପର୍ଶରେ ଆସି ଝଟକା ଖାଇ ପାଟି କରିବାରୁ ପାଖରେ ଥିବା ଦୁଇ ଜଣ ଯୁବକ ଆସି ଏକ କାଠ ବାଡ଼ି ଦ୍ୱାରା ବିଦ୍ୟୁତ ତାରକୁ ପିଟି ଅଲଗା କରିଥିଲେ। ତେବେ ଏହି ଘଟଣାରେ ସ୍ୱାମୀ ସନ୍ତୋଷଙ୍କ ଡାହାଣ ହାତ ପାପୁଲିରେ ଗଭୀର ଆଘାତ ଲାଗିଥିବା ଜଣାପଡିଛି। ସଙ୍ଗେ ସଙ୍ଗେ ଉଭୟଙ୍କୁ ନାକଟିଦେଉଳ ଡାକ୍ତରଖାନା ଅଣାଯାଇଥିଲେ ମଧ୍ୟ ଅନିତାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଖବର ପାଇ ନାକଟିଦେଉଳ ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିବା ସହ କେସ ନଂ ୬/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ପଠାଇଥିବା ଜଣାପଡିଛି। ତାଙ୍କର ଦୁଇଟି ପୁଅ ଓ ଝିଅ ମଧ୍ୟରୁ ପୁଅ ଆମେରିକାରେ ଚାକିରି କରୁଥିବାବେଳେ ଝିଅଟି ଘରେ ରହିଛି। ଅନିତା ପୁରୋହିତ ଜଣେ ଛାତ୍ରବତ୍ସଳ, ମେଳାପୀ ଓ ପରୋପକାରୀ ଶିକ୍ଷୟିତ୍ରୀ ଭାବେ ପରିଚିତ। ତାଙ୍କ ମୃତ୍ୟୁରେ ଅଞ୍ଚଳବାସୀ ତଥା ପରିଚିତ ମହଲରେ ଶୋକର ଛାୟା ଖେଳିଯାଇଛି।

## ପଣ୍ଡିତ ଜବାହାରଲାଲ ନେହେରୁଙ୍କ ମହାପ୍ରୟାଣ ଦିବସ ପାଳିତ




**ପାରାଦୀପ,(ଡିକେ ନ୍ୟୁଜ୍):** ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ମହାପ୍ରୟାଣ ଦିବସ ପାରାଦୀପସ୍ଥିତ ଜବାହାରଲାଲ ନେହେରୁ ଟ୍ରଷ୍ଟ ପକ୍ଷରୁ ପାଳିତ ହୋଇଯାଇଛି । ମଙ୍ଗଳବାର ସକାଳେ ବଡପଡିଆ ନିକଟସ୍ଥ କୁମ୍ଭୀର ପାର୍କ ପରିସରରେ ଥିବା ପଣ୍ଡିତ ନେହେରୁଙ୍କ ପ୍ରତିମୂର୍ତ୍ତୀରେ ପାଲ୍ୟାର୍ପଣ ଓ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ଏଥି ସହିତ ପାରାଦୀପ ନଗର କଂଗ୍ରେସ୍ କାର୍ଯ୍ୟାଳୟଠାରେ ଏକ ସ୍ମୃତି ସଭା ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜବାହାରଲାଲ ନେହେରୁ ଟ୍ରଷ୍ଟର ସଭାପତି ସରୋଜ କୁମାର ପ୍ରଧାନ, ନଗର କଂଗ୍ରେସ୍ ସଭାପତି କେଦାର ବିଶ୍ୱାଳ, ଜଗନ୍ନାଥ ଶତପଥୀ, ତ୍ରିନାଥ ମହାନ୍ତି, କୃପାସିନ୍ଧୁ ଦାସ, ସଂଜୟ ମୁଦୁଲି, ସୁଶାନ୍ତ ବାରିକ, ବିଜୟ କୁମାର ସେଠୀ, ସୁନାକର ସେଠୀ ପ୍ରମୁଖ ଯୋଗ ଦେଇ ପଣ୍ଡିତ ନେହେରୁଙ୍କ ଦେଶଭକ୍ତି, ତ୍ୟାଗ ଓ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ ।

## ଗ୍ରାମ ମୁରବୀଙ୍କ ହୃଦଘାତରେ ପରଲୋକ

**ପାରାଦୀପ,(ଡିକେ ନ୍ୟୁଜ୍):** ପାରାଦୀପଗଡ ପଞ୍ଚାୟତ ଅନ୍ତର୍ଗତ ନିମିଢି ଗ୍ରାମର ମୁରବୀ ସାରଙ୍ଗଧର ନାୟକଙ୍କ ୮୬ ବର୍ଷ ବୟସରେ ହୃଦଘାତରେ ପରଲୋକ ହୋଇଯାଇଛି । ମଙ୍ଗଳବାର ସକାଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକ ତାଙ୍କୁ ଅଠରବାଙ୍କୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଶ୍ରୀନାୟକଙ୍କ ମୃତ୍ୟୁ ଖବର ଜଣା ପଡିବା ପରେ ନିମିଢି ଗ୍ରାମରେ ଶୋକର ଛାୟା ଖେଳିଯାଇଥିଲା । ଖବର ପାଇ ପାରାଦୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସ୍ୱର୍ଗତ ନାୟକଙ୍କ ବାସଭବନରେ ପହଞ୍ଚି ପରିବାରକୁ ଶାନ୍ତ୍ୱନା ଦେବା ସହିତ ମରଶରୀରରେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ ମୁରବୀ ପରି ସେନାପତି, ଚରଣ ପୃଷ୍ଟି, ଆଇନଜୀବୀ ସଂଜୟ କୁମାର ବେହେରା, ପ୍ରହଲ୍ଲାଦ ବେହେରା, ହାଡିବନ୍ଧୁ ନାୟକଙ୍କ ସମେତ ପାରାଦୀପ ଓ କୁଜଙ୍ଗ ଅଞ୍ଚଳର ବହୁ ପ୍ରତିଷ୍ଠିତ ବ୍ୟକ୍ତି ସ୍ୱର୍ଗତ ନାୟକଙ୍କ ବାସଭବନରେ ପହଞ୍ଚି ସମବେଦନା ଜଣାଇଥିଲେ । ଗ୍ରାମ୍ୟ ଶ୍ମଶାନରେ ଜ୍ୟେଷ୍ଠପୁତ୍ର ତଥା ଶ୍ରମିକନେତା ଗୋଲକ ଚନ୍ଦ୍ର ନାୟକ (ଗୋଲି) ମୁଖାଗ୍ନି ଦେଇଥିଲେ ।

## ଆଡେଣୀଗଡ ରେଳ ଟନେଲ ଭୁଶୁଡ଼ିବା ପରେ ଘଟଣା ସ୍ଥଳ ପରିଦର୍ଶନ କଲେ ପ୍ରଶାସନିକ ଅଧିକାରୀ



**ବୌଦ୍ଧ,(ଡିକେ ନ୍ୟୁଜ୍):** ସୋମବାର ବିଳମ୍ବିତ ରାତିରେ ଖୋର୍ଦ୍ଧା ବଲାଙ୍ଗୀର ରେଳ ପ୍ରକଳ୍ପ ଆଡେଣୀଗଡ ନିକଟରେ ରେଳପଥର ୪ ନଂ ଟନେଲ ଭୁସୁଡ଼ିବା ଘଟଣା ପରେ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚିଥିଲେ ବରିଷ୍ଠ ପ୍ରଶାସନିକ ଅଧିକାରୀ। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ଥିଲା। ଶ୍ରୀଯୁକ୍ତ ପଧାନଙ୍କ ନେତୃତ୍ୱରେ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ -ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ହରଭଙ୍ଗା ତହସିଲଦାରଙ୍କୁ ନେଇ ଏକ ଟିମ୍ ଘଟଣା ସ୍ଥଳ ପରିଦର୍ଶନ କରିଥିଲେ। ପ୍ରଥମେ ଟନେଲ ଭିତରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିବା ବେଳେ ପରେ ବାହାରୁ ଟନେଲ ଠାରେ ମାଟି ଅତଡା ଖସି ପଡ଼ିଥିବା ସ୍ଥାନ ପରିଦର୍ଶନ କରିଥିବା ସୂଚନା ମିଳିଛି । ତେବେ କେବଳ ମାଟି ଅତଡା ଖସିଥିବା ବେଳେ କୌଣସି ଶ୍ରମିକ ସେହି ସ୍ଥାନରେ ସେହି ସମୟରେ କାମ କରୁନଥିଲେ ଏବଂ ଶ୍ରମିକମାନେ ଅନ୍ୟତ୍ର କାମ କରୁଥିଲେ। ସେଥିପାଇଁ କୌଣସି ଜନହାନୀ ହୋଇନାହିଁ ବୋଲି ଅତିରିକ୍ତ ଜିଲ୍ଲାପାଳ ସୂଚନା ପ୍ରଦାନ କରିଛନ୍ତି। ସେହିପରି ମାଟି ହାଲୁକା ଥିବା ଯୋଗୁଁ ଏଭଳି ଅଘଟଣ ଘଟିଛି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି।

### ସାମ୍ବାଦିକଙ୍କ ଉପରେ ଆକ୍ରମଣ ନିନ୍ଦନୀୟ, ଦୋଷୀଙ୍କୁ ତୁରନ୍ତ ଗିରଫ ସହ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଦାବି

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ଜରିଆରେ ୧୧ ଦଫା ସ୍ମାରକପତ୍ର ପ୍ରଦାନ



**ସମ୍ବଲପୁର,(ଡିକେ ନ୍ୟୁଜ୍):** ରାଜ୍ୟରେ କର୍ତ୍ତବ୍ୟରତ ସାମ୍ବାଦିକଙ୍କ ଉପରେ ଆକ୍ରମଣ, ଜୀବନରେ ମାରି ଦେବାକୁ ଧମକ ଦେବା ଆଦି ଘଟଣା ଦିନକୁ ବୃଦ୍ଧି ଘଟୁଥିବା ପରିଲକ୍ଷିତ ହେଉଛି। ଗଣତନ୍ତ୍ର ରାଷ୍ଟ୍ରରେ ଏହା ନିନ୍ଦନୀୟ ଘଟଣା। ଗତ କିଛିଦିନ ତଳେ ବରଗଡ ଜିଲ୍ଲାର ଖୋଦ୍ ୨ ଜଣ ବିଧାୟକ ଜଣେ କାର୍ଯରତ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର କରିଥିଲେ। ସେହିଭଳି ଚଳିତ ମାସରେ କେନ୍ଦୁଝର ଜ଼ିଲ୍ଲା ସୁର୍କିନ୍ଦାର ଜଣେ କାର୍ଯରତ ସାମ୍ବାଦିକଙ୍କୁ ଅପହରଣ କରି ମାଡ ମାରି ଅଚେତ ଅବସ୍ଥାରେ ଛାଡି ଚାଲିଗଲେ। ଏହାର ଅଳ୍ପ ଦିନ ପରେ ଗତ ୨୪ ତାରିଖ ଦିନ ବଲାଙ୍ଗୀରରେ ଜଣେ କର୍ତ୍ତବ୍ୟରତ ସାମ୍ବାଦିକ ବିଜୟ ପ୍ରଧାନଙ୍କୁ ଜଣେ ଠିକାଦାର ମାଡ ମାରି କଙ୍ଗାରୁ କୋର୍ଟ ଦଣ୍ଡ ଦେବା ଘଟଣା ଚତୁର୍ଥ ସ୍ତମ୍ଭ ପ୍ରତି ଘୋର ଅପମାନ ସଦୃଶ ହୋଇଛି। ଏହି ଘଟଣାରେ ଜଣେ ସାମ୍ବାଦିକ କେବଳ ନୁହନ୍ତି ବ୍ୟକ୍ତିଙ୍କ ମାନବୀୟ ଅଧିକାର ମଧ ଉଲଘଂନ ହୋଇଛି । ଏଭଳି ହୀନ କାର୍ଯ୍ୟକୁ ସବୁ ମହଲରୁ ସମାଲୋଚନା ଏବଂ ନିନ୍ଦା କରାଯାଉଛି । ଏହାକୁ ସମ୍ବଲପୁର ଜିଲ୍ଲାରେ କାର୍ଯ୍ୟରତ ସାମ୍ବାଦିକ ମାନେ ଘୋରନିନ୍ଦା ନିନ୍ଦା କରିବା ସହ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଆରକ୍ଷୀ ମହାନିରୀକ୍ଷକ (ଉତ୍ତର ପ୍ରଭା) ହିମାଂଶୁ ଲାଲଙ୍କ ଜରିଆରେ ୧୧ ଦଫା ଦାବି ପତ୍ର ପ୍ରଦାନ କରାଯାଇଛି । ଏ ସମ୍ପର୍କରେ ପ୍ରତିକ୍ରିୟା ପ୍ରକାଶ କରି ବରିଷ୍ଠ ସାମ୍ବାଦିକ ସୁବାଷ ପାଣିଗ୍ରାହୀ କହିଛନ୍ତି, ‘ବଲାଙ୍ଗୀରରେ ଜଣେ ସାମ୍ବାଦିକଙ୍କ ଉପରେ ଯେଉଁ ଆକ୍ରମଣ ହୋଇଛି ତାକୁ ନେଇ ସାରା ରାଜ୍ୟରେ ସାମ୍ବାଦିକ ମହଲରେ ତୀବ୍ର ଅସନ୍ତୋଷ ଘନୀଭୂତ ହୋଇଛି। ସାମ୍ବାଦିକ ଜଣକ ତାଙ୍କ କର୍ତ୍ତବ୍ୟ କରିବାକୁ ଯାଇଥିଲେ। ତୁରନ୍ତ ସାମ୍ବାଦିକଙ୍କୁ ନ୍ୟାୟ ଦିଆଯାଉ। ଅଭିଯୁକ୍ତଙ୍କୁ ଗିରଫ କରାଯାଉ। ତେବେ ଘଟଣା ୪ ଦିନ ପରେ ମଧ ମୁଖ୍ୟ ଆସାମୀ ଠିକାଦାର ଗଜେନ୍ଦ୍ର ଦଳେଇ ଗିରଫ କରି ନାହିଁ ତାହା ଏବେ ବଡ ପ୍ରଶ୍ନ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବରିଷ୍ଠ ସାମ୍ବାଦିକ ରମାକାନ୍ତ ବିଶ୍ୱାଳ ସାମ୍ବାଦିକ ସମାଜ ପ୍ରତି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ସରକାର ସେମାନଙ୍କୁ ଗୌଣ ଦୃଷ୍ଟିରେ ନ ଦେଖି ସାମାଜିକ ସୁରକ୍ଷା ଆଇନ ତୁରନ୍ତ କାର୍ଯ୍ୟକାରୀ କରନ୍ତୁ ବୋଲି କହିଛନ୍ତି। ଆଜିକାର ଏହି ୧୧ ଦଫା ପତ୍ର ପ୍ରଦାନ ସମୟରେ ସାମ୍ବାଦିକ ଶିବ ଶଙ୍କର ନନ୍ଦ, ହିମାଂଶୁ ଶେଖର ମିଶ୍ର, ସୁକାନ୍ତ କର, ସରୋଜ ସାହୁ, ଡ଼ ରାଜାରାମ ଷଡ଼ଙ୍ଗୀ, ସୁଧାଂଶୁ ଶେଖର ମହାରଣା, ସୁଶାନ୍ତ ମହାପାତ୍ର, ଗୁଣମଣୀ ବିଶ୍ୱାଳ, ପ୍ରମୋଦ ବହିଦାର, ତୁଷା ବନ୍ତ ଯୋଶୀ, ପ୍ରଦୀପ ନାୟକ, ରାଜେଶ ବିଭାର, ଅନିଲ ଶ୍ରୀରାମକା, ଜିତୁ ନନ୍ଦ, ମଳୟ ଭୋଇ, ଦୁଲାଲ ରାୟ, ଗୌତମ ମିଶ୍ର, ସରୋଜ ସେଠ୍ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ବଲପୁର ଜ଼ିଲ୍ଲା ରେ କର୍ତ୍ତବ୍ୟରତ ସାମ୍ବାଦିକଙ୍କ ପକ୍ଷରୁ ସାମ୍ବାଦିକଙ୍କ ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା, ସାମ୍ବାଦିକଙ୍କ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ଗୋପବନ୍ଧୁ କାର୍ଯ୍ୟରତ ସାମ୍ବାଦିକ ବୀମା ରାଶି ଅନ୍ୟୁନ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ମୃତକ ସାମ୍ବାଦିକ ପରିବାରକୁ ସାମ୍ବାଦିକ କଲ୍ୟାଣ ପାଣ୍ଠିରୁ ୪ ଲକ୍ଷ ଟଙ୍କା ପ୍ରଦାନ ରାଶିକୁ ବୃଦ୍ଧି କରି ଅନ୍ୟୁନ ୧୫ ଲକ୍ଷ ଟଙ୍କା ପ୍ରଦାନର ବ୍ୟବସ୍ଥା କରିବା, ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କ ଏକ ପୂର୍ଣ୍ଣାଙ୍ଗ ତାଲିକା ସଂଗ୍ରହ ପୂର୍ବକ ରାଜ୍ୟ ଗେଜେଟରେ ପ୍ରକାଶ କରିବା, ୬୦ ବର୍ଷରୁ ଉର୍ଦ୍ଧ୍ୱ ସାମ୍ବାଦିକଙ୍କୁ ରାଜ୍ୟ ସରକାର ପେନସନ୍ ବୀମା ଭୁକ୍ତ କରିବା, ସମ୍ବେଦନଶୀଳ ଘଟଣା ଅନୁସନ୍ଧାନ (ମାଓପ୍ରବଣ, ବନ୍ୟା, ବାତ୍ୟା, ଦଙ୍ଗା) ଆଦି ଘଟଣା ସମ୍ପର୍କିତ ଖବର ସଂଗ୍ରହବେଳେ ସାମ୍ବାଦିକମାନଙ୍କ ଭୂମିକା ନେଇ ଏକ ଆଦର୍ଶ ମାର୍ଗଦର୍ଶିକା କାର୍ଯ୍ୟାବଳୀ (ଏସ.ଓ.ପି) ଜାରି କରିବା ଏବଂ ଏନେଇ ସାମ୍ବାଦିକମାନଙ୍କୁ ପର୍ଯ୍ୟାୟକ୍ରମେ ପ୍ରଶିକ୍ଷଣ ପ୍ରଦାନ କରିବା, ଏକ୍ରିଡ଼ିଏସନ୍ ନିୟମ ପରିବର୍ତ୍ତନ କରିବା, କର୍ତ୍ତବ୍ୟରତ ସାମ୍ବାଦିକମାନେ ଯାତାୟତ ସମୟରେ ରିହାତି ଦେବା ସହ ଟୋଲଟେକ୍ସ ଛାଡ଼ କରିବା, ରାଜ୍ୟରେ ସାମ୍ବାଦିକ ଆବାସ ଯୋଜନା ପ୍ରଣୟନ, ସାମ୍ବାଦିକଙ୍କ ସକାଶେ ଉଦ୍ଧିଷ୍ଟ ବ୍ୟାଙ୍କ ଋଣକୁ ସରଳୀକରଣ ପ୍ରଭୃତି ଆଦି ଉପରୋକ୍ତ ଦାବି ଗୁଡିକ ପ୍ରତି ରାଜ୍ୟ ସରକାର ସହୃଦୟତାର ସହିତ ବିଚାର କରି ପଦକ୍ଷେପ ନେବାକୁ ସମ୍ବଲପୁର ଜ଼ିଲ୍ଲାରେ କାର୍ଯ୍ୟରତ ସାମ୍ବାଦିକ ମାନେ ଦାବି କରିଛନ୍ତି। ଦାବି ପତ୍ର ଗ୍ରହଣ ସମୟରେ ଉତ୍ତର ପ୍ରଭାଗ ମହା ନିର୍ଦ୍ଦେଶକ ହିମାଂଶୁ କୁମାର ଲାଲ ବଲାଙ୍ଗୀର ଘଟଣାରେ କାହାକୁ ଛଡା ଯିବ ନାହିଁ। ମୁଖ୍ୟ ଆସାମୀ ଫେରାର ଥିବା ବେଳେ ତାକୁ ଗିରଫ କରିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ମୁଁ ବ୍ୟକ୍ତିଗତ ଭାବେ ଏହି ଘଟଣାର ତତ୍ତ୍ୱାବଧାନ କରୁଛି ବୋଲି ପ୍ରକାଶ କରିଥିଲେ।

## କିଶନନଗରରେ ତ୍ରିରଙ୍ଗା ଯାତ୍ରା ଓ ପରାକ୍ରମ ଦିବସ




**ସାଲେପୁର,(ଡିକେ ନ୍ୟୁଜ୍):** ଦେଶରେ ଆତଙ୍କକୁ ଆଦୌ ବରଦାସ୍ତ କରାଯିବ ନାହିଁ। ଆତଙ୍କବାଦୀକୁ ସମୁଳେ ନାଶ କରାଯିବ। ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶପଥ। ଅପରେସନ୍ ସିନ୍ଦୂରର ସଫଳତା ପାଇଁ ସାରା ଦେଶ ଆଜି ବିଜୟ ଗାଥା ପାଳନ କରୁଛି। ସ୍ଥାନୀୟ କିଶନନଗର ବଜାରରେ ଦେଖିବାକୁ ମିଳିଛି ତ୍ରିରଙ୍ଗା ଯାତ୍ରା ଓ ପରାକ୍ରମ ଦିବସର ଏକ ବିଶାଳ ଶୋଭାଯାତ୍ରା। ରାଲି ହାଇସ୍କୁଲ ପାଖରୁ ଆରମ୍ଭ ହୋଇ ବଡ ଦୁର୍ଗାଙ୍କ ପୀଠ ପର୍ଯ୍ୟନ୍ତ ଯାଇଥିଲା। ବନ୍ଦେ ମାତରଂ, ଭାରତ ମାତା କି ଜୟ, ଜୟ ଯବାନର ମିଶ୍ରଣ ସ୍ଲୋଗାନରେ ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ବୁଢ଼ା ବୁଢ଼ୀଙ୍କ ଠାରୁ ଆରମ୍ଭ କରି ଛୋଟ ପିଲା ମଧ୍ୟ ଏହି ରାଲିରେ ଯୋଗ ଦେଇଥିଲେ। ଭାରତ ମାତାର ସୁରକ୍ଷା ଓ ଦେଶବାସୀଙ୍କ ପାଇଁ ଜୀବନ ଦେଇଥିବା ବୀର ଯବାନଙ୍କୁ କୋଟି ସଲାମ୍ ଜଣାଇଛନ୍ତି କଟକ ସଦର ବିଧାୟକ ତଥା ଟାଣୁଆ ବିଜେପି ଯୁବ ନେତା ଇଂ ପ୍ରକାଶ ଚନ୍ଦ୍ର ସେଠୀ। ଏହି ବିଶେଷ କାର୍ଯ୍ୟକ୍ରମରେ କିଶନନଗର ମଣ୍ଡଳ ସଭାପତି ଚିତ୍ତରଞ୍ଜନ ସାହୁ, ସରପଞ୍ଚ ସୁଜାତା ସେଠୀ, ସାଧୁ ଚରଣ ଜେନା, ବିରଞ୍ଚି କୁମାର ପଣ୍ଡା, ରଘୁନାଥ ଚୌଧୁରୀ, ଦେବେନ୍ଦ୍ର ଜେନା, ଖୀତିନ୍ଦ୍ର ମିତ୍ର, ପ୍ରଭାସ ସେଠୀ, ତ୍ରୈଲୋକ୍ୟନାଥ ଗୁଇ, କେଳୁଚରଣ ମାହାଳୀ, କୁନା ବାରିକ, ଅଶୋକ ସାହୁ, ସମୀର ସେନାପତି, ବିମଳ ପଣ୍ଡା, ଶୁଭେନ୍ଦୁ ପଣ୍ଡା, ଅମୂଲ୍ୟ ପଣ୍ଡା, ମଣ୍ଡଳ ମହିଳା ମୋର୍ଚ୍ଚା ସଭାପତି ରଶ୍ମିତା ଦାସ, ଗୀତାଞ୍ଜଳୀ ବେହେରା, ଶୁଭଶ୍ରୀ ଲେଙ୍କା, ନଳିନୀ ପ୍ରଭା ମହାନ୍ତି, ପ୍ରଦୀପ୍ତ ଦାସ, ଲିୟାକ୍ ଅଲ୍ଲୀ, ଅଶୋକ ସାମନ୍ତରାୟ ଏବଂ ପ୍ରତାପ ସେଠୀଙ୍କ ସମେତ ୮ଟି ପଞ୍ଚାୟତର ହଜାରରୁ ଊର୍ଦ୍ଧ୍ୱ ଯୁବ, ଛାତ୍ର, ମହିଳା ଗୋଷ୍ଠୀ ସାମିଲ ଥିଲେ। ଏହି ଅବସରରେ ବିଧାୟକ ଶ୍ରୀଯୁକ୍ତ ସେଠୀ ଥାନା ଆଇଆଇସି ଦୁର୍ଗେସ ନନ୍ଦିନୀ ମହାନ୍ତି ଏବଂ ଥାନାର ଅନ୍ୟ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ସୁଦାମବତୀ ମଣ୍ଡଳରେ ସଭାପତି ରଘୁନାଥ ଚୌଧୁରୀଙ୍କ ନେତୃତ୍ୱରେ ଏକ ତ୍ରିରଙ୍ଗା ଯାତ୍ରା ଓ ପରାକ୍ରମ ଦିବସ ପାଳିତ ହୋଇଯାଇଛି। ଏଥିରେ ୭ଟି ପଞ୍ଚାୟତର ଶତାଧିକ ବିଜେପି କର୍ମୀ ଓ ଦେଶ ପ୍ରେମୀ ଯୋଗ ଦେଇଥିଲେ।

## ଦେବେନ୍ଦ୍ର ସିଂହ କୁତ୍ରା ବ୍ଲକ୍ ସାଂସଦ ପ୍ରତିନିଧି ମନୋନୀତ



**କୁତ୍ରା,(ଡିକେ ନ୍ୟୁଜ୍):** ସୁନ୍ଦରଗଡ଼ ସାଂସଦ ତଥା କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ପାଇଁ ଭାରତୀୟ ଜନତା ପାର୍ଟିର ସ୍ଥାନୀୟ ବରିଷ୍ଠ କର୍ମୀ ଦେବେନ୍ଦ୍ର ସିଂହଙ୍କୁ ତାଙ୍କର କୁତ୍ରା ବ୍ଲକ ପ୍ରତିନିଧି ରୂପେ ମନୋନୀତ କରିଛନ୍ତି। ଆଜି ସ୍ଥାନୀୟ ତାରିଣୀ ମନ୍ଦିର ପ୍ରାଙ୍ଗଣରେ ଦଳୀୟ କର୍ମୀମାନେ ଶ୍ରୀ ସିଂହଙ୍କୁ ଏଥିନିମନ୍ତେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରି ଆଗାମୀ ଦିନରେ ତାଙ୍କର ବଳିଷ୍ଠ ନେତୃତ୍ୱରେ କୁତ୍ରା ବ୍ଲକ୍‌ରେ ଦଳ ଆହୁରି ଉତ୍ତମ ରୂପେ ସଂଗଠିତ ହୋଇ ପାରିବ ବୋଲି କର୍ମୀମାନେ ମତବ୍ୟକ୍ତ କରିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରାଜେଶ ଲାକ୍ରା, ରାମେଶ୍ୱର ସିଂହ, ଫ୍ରାଂସିସ ମିଞ୍ଜ, ଶ୍ରୀଧର ଭୋଇ, ଜୟରାମ ହେସ, ଗୋକୁଳାନନ୍ଦ ସାହୁ, ଜୁନସ ଲୁଗୁନ ପ୍ରମୁଖ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ଆହାର କେନ୍ଦ୍ରକୁ ଅଚାନକ ପରିଦର୍ଶନ କଲେ ମନ୍ତ୍ରୀ



**ପାରାଦୀପ,(ଡିକେ ନ୍ୟୁଜ୍):** ପାରାଦ୍ୱୀପ ପୌରାଞ୍ଚଳରେ ଥିବା ଆହାର କେନ୍ଦ୍ରକୁ ଅଚାନକ ପରିଦର୍ଶନ କଲେ ପାରାଦୀପ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ଅଠରବାଙ୍କୀ ମେଡିକାଲ ନିକଟସ୍ଥ ଆହାର କେନ୍ଦ୍ରରେ ଭୋଜନ କରୁଥିବା ଜନସାଧାରଣଙ୍କ ଠାରୁ ଖାଦ୍ୟର ଗୁଣବତ୍ତା ସମ୍ପର୍କରେ ପଚାରି ବୁଝିବା ସହିତ ଆହାର ଗ୍ରହଣ କରି ଖାଦ୍ୟର ମାନ ପରଖିଥିଲେ। ଏଥିସହ ସେଠାରେ ଉପଲବ୍ଧ ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥାର ଅନୁଧ୍ୟାନ କରିବା ସହ ପରିଷ୍କାର ଓ ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦେବା ପାଇଁ କାର୍ଯ୍ୟରତ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥଲେ। ଆହାର କେନ୍ଦ୍ରକୁ ମନ୍ତ୍ରୀଙ୍କ ଅଚାନକ ଗ୍ରସ୍ତ ସମସ୍ତଙ୍କୁ ଚକ୍ତିତ କରିଥିଲେ ମଧ ଆହାର କେନ୍ଦ୍ରର ସମସ୍ତ କର୍ମଚାରୀମାନଙ୍କୁ ପ୍ରଶଂସା କରିଥିଲେ। ଏହି ଗ୍ରସ୍ତରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ସମେତ ପାରିଷଦ ଓ ସ୍ଥାନୀୟ ଲୋକେ ଉପସ୍ଥିତ ରହି ଆହାର କେନ୍ଦ୍ରରେ ଭୋଜନ କରିଥିଲେ।

## ସ୍ପିଡ ବୋଟ ଓଲଟିବା ଘଟଣା: ଟିକେଟ୍ କାଉଣ୍ଟର ଉପରେ ବୁଲିଲା ବୁଲଡୋଜର

**ପୁରୀ,(ଡିକେ ନ୍ୟୁଜ୍):** ଜଳକ୍ରୀଡା ବେଳେ ଗଭୀର ସମୁଦ୍ରରେ ସ୍ପିଡ ବୋଟ ଓଲଟିବା ଘଟଣା ପରେ ଆକ୍ସନ ମୋଡ଼କୁ ଆସିଛି ଜିଲ୍ଲା ପ୍ରଶାସନ। ସମୁଦ୍ରରେ ବେଆଇନ ଜଳକ୍ରୀଡ଼ା ଚଳାଇଥିବା ସ୍କାଏ ଡ୍ରାଇଭ ଆଡଭେଞ୍ଚର ଆଣ୍ଡ ୱାଟର ସ୍ପୋର୍ଟସ ସଂସ୍ଥାର ଟିକେଟ୍ କାଉଣ୍ଟର ଉପରେ ବୁଲିଛି ବୁଲଡୋଜର। ପୌରପାଳିକାଙ୍କ ଉପସ୍ଥିତିରେ ବୁଲଡୋଜର ସାହାଯ୍ୟରେ କାଉଣ୍ଟରକୁ ଉଚ୍ଛେଦ କରାଯାଇଛି। ଉଲ୍ଲେଖଯୋଗ୍ୟ ରବିବାର ସନ୍ଧ୍ୟାରେ ଲାଇଟହାଉସ ନିକଟରେ ଥିବା ହୋଟେଲ୍ ସୋନାର ବାଙ୍ଗଲା ସମ୍ମୁଖ ବେଳାଭୂମି ନିକଟସ୍ଥ ସମୁଦ୍ର ବେଳାଭୂମି ଠାରୁ ପ୍ରାୟ ୫୦ ମିଟରଦୂର ଗଭୀର ସମୁଦ୍ରରେ ଉଚ୍ଚ ଲହଡି ଧକ୍କା ଦେବାରୁ ଭାରସାମ୍ୟ ହରାଇ ସ୍ପିଡ ବୋଟଟି ଓଲଟି ପଡିଥିଲା। ଫଳରେ ଦୁର୍ଘଟଣାର ଶିକାର ହୋଇଥିଲେ ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ଭାଇ ଓ ଭାଉଜଙ୍କ ସମେତ ଅନ୍ୟ ଦୁଇ ପର୍ଯ୍ୟଟକ। ବେଳାଭୂମିରେ ନିୟୋଜିତ ଲାଇଫଗାର୍ଡମାନେ ତୁରନ୍ତ ବୋଟରେ ଥିବା ପର୍ଯ୍ୟଟକମାନଙ୍କୁ ଉଦ୍ଧାର କରିବାରୁ ସ୍ନେହାଶିଷ ଓ ତାଙ୍କ ପତ୍ନୀ ଅର୍ପିତାଙ୍କ ସମେତ ୪ ଜଣ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ। ସ୍ପିଡ ବୋଟର ଚାଳକଙ୍କ ଅବହେଳା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଅର୍ପିତା ଅଭିଯୋଗ କରିଥିଲେ। ସ୍ପିଡ ବୋଟ୍ ବ୍ୟବସାୟ କରୁଥିବା ସଂସ୍ଥାର ଅନଭିଜ୍ଞ କର୍ମଚାରୀଙ୍କ ଯୋଗୁଁ ସ୍ପିଡ ବୋଟଟି ଭାରସାମ୍ୟ ହରାଇ ଗଭୀର ସମୁଦ୍ରରେ ଓଲଟି ପଡିଥିବା ଅଭିଯୋଗ ହୋଇଥିଲା। ଟଙ୍କା ଲୋଭରେ ପର୍ଯ୍ୟଟକଙ୍କ ଜୀବନ ସହିତ ଖେଳୁଥିବା କମ୍ପାନୀର ବ୍ୟବସାୟ ଉପରେ ଜିଲ୍ଲା ପ୍ରଶାସନ ରୋକ୍ ଲଗାଇବା ପାଇଁ ଉଦ୍ଧାର ହୋଇଥିବା ପର୍ଯ୍ୟଟକମାନେ ଦାବି କରିଥିଲେ ।

## ୱାଟ୍‌କୋ ପକ୍ଷରୁ ଲାଗୁହେଲା ପାଣି ପାଇଁ ‘ମିଟର ଭଡ଼ା’



**ବ୍ରହ୍ମପୁର,(ଡିକେ ନ୍ୟୁଜ୍):** ଖରାଦିନରେ ନଦୀ ଓ କଳଭଣ୍ଡାର ସବୁକିଛି ଶୁଖିଲା ପଡିଛି। ଜଳଉତ୍ସରେ ଜଳର ଅଭାବ ଯୋଗୁଁ ଲୋକଙ୍କୁ ଦୈନିକ ଦୁଇଓଳା ପାଣି ଯୋଗାଇବା ସମ୍ଭବପର ହେଉନାହିଁ । ଏକ୍ଷେତ୍ରରେ ଦୈନିକ ମାତ୍ର ଗୋଟିଏ ଥର ଜଳଯୋଗାଣ କରି ହାତ ଟେକି ଦେଉଛି ୱାଟ୍‌କୋ। ଏଭଳି ପରିସ୍ଥିତିରେ ୱାଟକୋ ପକ୍ଷରୁ ଲାଗୁ କରାଯାଇଥିବା ମିଟର ରେଣ୍ଟ’ ବା ‘ମିଟର ଉଡ଼ା’ ଭଳି ଆଉଏକ ଅତିରିକ୍ତ ଶୁଳ୍କ ଲୋକଙ୍କ ଉପରେ ବୋଝ ଉପରେ ନଳିତା ବିନ୍ଧା ସଦୃଶ ହୋଇଛି। ଏପ୍ରିଲ ମାସର ଜଳକର ବା ପାଣି ବିଲ ସହିତ ପ୍ରତ୍ୟେକ ଗ୍ରାହକଙ୍କ ବିଲରେ ଅଧିକ ୫୦ଟଙ୍କା ଯୋଡାଯାଇଛି। ମିଟର ଭଡା ବାବଦରେ ଜଣେ ଗ୍ରାହକଙ୍କ ଠାରୁ ଆଗାମୀ ୫ବର୍ଷ ପର୍ଯ୍ୟନ୍ତ ଅର୍ଥାତ୍ ବାର୍ଷିକ ୬ଶହ ଟଙ୍କା ହିସାବରେ ମୋଟ ୩ହଜାର ଟଙ୍କା ଆଦାୟ କରାଯିବ ବୋଲି ଜଣାପଡିଛି। ତେବେ ରାସନ କାର୍ଡଧାରୀ ଗ୍ରାହକଙ୍କ ପାଇଁ ମିଟର ବ୍ୟବହାରରେ ଶତକଡା ୫୦ପ୍ରତିଶତ କୋହଳ କରାଯାଇଛି। ଗରୀବ ଶ୍ରେଣୀର ଲୋକଙ୍କ ଠାରୁ ମିଟର ରେଣ୍ଟ ବାବଦରେ ମାସିକ ୨୫ଟଙ୍କା ଲେଖାଏଁ ୫ବର୍ଷରେ ୧୫ଶହ ଟଙ୍କା ଆଦାୟ କରାଯିବ ବୋଲି ଜଣାପଡିଛି। ବ୍ରହ୍ମପୁର ସହରରେ ଅନେକ ଅଞ୍ଚଳରେ ୨୪ଘଣ୍ଟିଆ ପାଇପ ସଂଯୋଗ ବା ଡ୍ରିଙ୍କ ଫ୍ରମ ଟ୍ୟାପ୍ ହୋଇ ନଥିବା ବେଳେ ଅନେକ ସ୍ଥାନରୁ ମିଟର ଭାଙ୍ଗି ଯାଇଛି ଅଥବା ଚୋରି ହୋଇଯାଇଛି। ଏଭଳି ପରିସ୍ଥିତିରେ ଲୋକଙ୍କଠାରୁ ମିଟର ରେଣ୍ଟ ଆଦାୟ କରିବାକୁ ସହରବାସୀ ସହଜରେ ଗ୍ରହଣ କରିପାରି ନାହାନ୍ତି। ଏଥିପାଇଁ ଲୋକଙ୍କ ମଧ୍ୟରେ ଅସନ୍ତୋଷର ଦାନା କୁହୁଳୁଥିବା ଜଣାପଡିଛି। କେବଳ ମିଟର ରେଣ୍ଟ ବାବଦରେ ଅଧିକ ୫୦ଟଙ୍କା ନୁହେଁ ବରଂ ଦୈନିକ ଗ୍ରାହକଙ୍କୁ ଲିଟର ଟା ୧ଗ୍ୟାଲେନ ପାଣିର ଦିଆଯାଉଥିବା ୧ହଜାର ମୂଲ୍ୟରେ ମଧ ବାର୍ଷିକ ଶତକଡା ୫ ପ୍ରତିଶତ ବୃଦ୍ଧି କରାଯାଇଛି। ପୂର୍ବରୁ ସାଧାରଣ ଲୋକଙ୍କ ପାଇଁ ୟୁନିଟ ପିଛା ପାଣିର ମୂଲ୍ୟ ୫ଟଙ୍କା ୮୩ ପଇସା ଦେଉଥିବା ଗତ ଜୁଲାଇରେ ଏହା ବୃଦ୍ଧି ପାଇ ୬ଟଙ୍କା ୧୨ପଇସା ହୋଇସାରିଛି। ସେହିଭଳି ବ୍ୟବସାୟିକ ପ୍ରତିଷ୍ଠା ଗୁଡିକ ପାଇଁ ୟୁନିଟ ପିଛା ପାଣିର ମୂଲ୍ୟ ୧୯ଟଙ୍କା ୨୪ ପଇସାରୁ ୨୦ଟଙ୍କା ୨୦ପଇସାକୁ ବୃଦ୍ଧି ପାଇସାରିଛି। ବର୍ତ୍ତମାନ ପୁଣି ଜୁଲାଇ ମାସରେ ଏହି ମୂଲ୍ୟ ଶତକଡା ୫ ପ୍ରତିଶତ ବୃଦ୍ଧି ପାଇବ ବୋଲି ଜଣାପଡିଛି। ସହରରେ ଜଳସାଥୀଙ୍କ ଜରିଆରେ ପାଣି ମିଟର ବାବଦ ଆଦାୟ ଆରମ୍ଭ ହୋଇଥିଲେ ହେଁ ଅଧିକାଂଶ ସହରବାସୀ ଏସମ୍ପର୍କରେ ଆଦୌ ଅବଗତ ନାହାନ୍ତି। ସହରରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୫ ୬ହଜାର ଅର୍ଥାତ୍ ଶତକତା ୬୦ଭାଗ ଗ୍ରାହକଙ୍କୁ ଡ୍ରିଙ୍କ ଫ୍ରମ ଟ୍ୟାପ ଜରିଆରେ ୨୪ଘଣ୍ଟିଆ ଜଳଯୋଗଣ ବ୍ୟବସ୍ଥା କରାଯାଇଥିବା ବେଳେ ତେବେ ସମଗ୍ର ସହରକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଆହୁରି ସମୟ ଲାଗିବ। ଏନେଇ ୱଟକୋ ମହାପ୍ରବନ୍ଧକ ଇଂ ବିକାଶ ପାଢୀଙ୍କ ସହ ଯୋଗାଯୋଗ କରାଯିବାରେ ସେ ଏହା ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଏବଂ ରାଜ୍ୟବ୍ୟାପୀ ସବୁ ସହରରେ ଓ ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ କରାଯାଇଥିବା ସୂଚନା ଦେଇଛନ୍ତି। ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ‘ସୁଯୋଗ’ ପୋର୍ଟାଲ ଜରିଆରେ ଲୋକଙ୍କୁ ବିଭିନ୍ନ ସୁବିଧା ଯୋଗାଇ ଦିଆଯାଉଛି। ସେହି ପୋର୍ଟାଲ ଜରିଆରେ ଏନେଇ ସୂଚନା ମିଳିବା ସହିତ ବ୍ରହ୍ମପୁର ସହରରେ ଏପ୍ରିଲ ବିଲରେ ମିଟର ରେଣ୍ଟ ୫୦ଟଙ୍କା ଯୋଡ଼ା ଯାଇଥିବା ସେ ସ୍ପଷ୍ଟ କରିଛନ୍ତି।

# ଆଇପିଏଲ ୨୦୨୫ରେ ସେନାକୁ ସମ୍ମାନିତ କରିବ ବିସିସିଆଇ




ନୂଆଦିଲ୍ଲୀ, ୨୭।୫ (ହି.ସ): ଆସନ୍ତା ଜୁନ ୩ରେ ଅହମଦାବାଦ ସ୍ଥିତ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯିବ ଆଇପିଏଲ ୨୦୨୫ ସଂସ୍କରଣର ଫାଇନାଲ। ଫାଇନାଲ ମ୍ୟାଚରେ ଭାରତୀୟ ସେନାକୁ ସମ୍ମାନ ଜଣାଇବ ବିସିସିଆଇ। ଫାଇନାଲ ମ୍ୟାଚ୍ ପାଇଁ ଆୟୋଜିତ ହେବାକୁଥିବା ଉଦଯାପନୀ ସମାରୋହରେ ଭାରତୀୟ ସେନାର ପରାକ୍ରମକୁ ନିଆରା ଢଙ୍ଗରେ ସମ୍ମାନୀତ କରାଯିବ। ଉଦଯାପନୀ ସମାରୋହରେ ସାମିଲ ହେବାକୁ ବିସିସିଆଇ ପକ୍ଷରୁ ତିନି ସେନାର ମୁଖ୍ୟ ଅର୍ଥାତ ସିଡିଏସ, ସ୍ଥଳ ସେନା, ନୌସେନା ଓ ବାୟୁ ସେନା ମୁଖ୍ୟଙ୍କୁ ନିମନ୍ତ୍ରଣ କରାଯାଇଛି। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି, ବିସିସିଆଇ ଆମର ସଶସ୍ତ୍ର ବଳର ବୀରତ୍ୱ, ସାହସ ଓ ନିସ୍ୱାର୍ଥ ସେବାକୁ ସଲାମ କରୁଛି। ଅପରେସନ ସିନ୍ଦୂର ଜରିଆରେ ସଶସ୍ତ୍ର ବଳ ଦେଖାଇଥିବା ବୀରତା ସମସ୍ତଙ୍କୁ ପ୍ରେରଣା ଯୋଗାଇ ପାରିଛି। ସେନା ବାହିନୀକୁ ସମ୍ମାନ ଜଣାଇ ଆମେ ଆଇପିଏଲ ଫାଇନାଲର ଉଦଯାପନୀ ସମାରୋହକୁ ସେମାନଙ୍କୁ ସମର୍ପିତ କରିବୁ ଓ ଆମ ହିରୋମାନଙ୍କୁ ସମ୍ମାନୀତ କରିବୁ। 'ଅପରେସନର ସିନ୍ଦୂର'ର ସଫଳତାକୁ ବେଶ ଉତ୍ସାହର ସହ ପାଳନ କରାଯିବ। ପହଲଗାମ ନରସଂହାର ପରେ ଭାରତ ଆରମ୍ଭ କରିଥିବା 'ଅପରେସନ ସିନ୍ଦୂର'ର ଜବାବ ଦେବାକୁ ପାକିସ୍ତାନ ଆକଶ ପଥରେ ଆକ୍ରମଣ କରିଥିଲା। ଭାରତୀୟ ସେନା ଏହାର କଡ଼ା ଜବାବ ଦେବାରୁ ପୂରା ଦେଶରେ ଯୁଦ୍ଧ ପରିସ୍ଥିତି ଦେଖାଯାଇଥିଲା। ଏଥିଯୋଗୁ ଆଇପିଏଲର ୧୮ତମ ସଂସ୍କରଣକୁ ପ୍ରାୟ ୧୦ ଦିନ ଯାଏ ସ୍ଥଗିତ ରଖାଯାଇଥିଲା। ଏହାପରେ ପୁଣି ଆଇପିଏଲର ବାକି ରହିଥିବା ମ୍ୟାଚ୍ ଗୁଡ଼ିକ ଆରମ୍ଭ ହୋଇଛି। ଭାରତୀୟ ସେନାର ପରାକ୍ରମର ମୁକାବିଲା ନକରିପାରି ପାକିସ୍ତାନ ଯୁଦ୍ଧ ବିରତି ପାଇଁ ନେହୁରା ହୋଇଥିଲା। ଏହାପରେ ଭାରତ ସରକାର ଯୁଦ୍ଧ ବିରତି ଲାଗୁ କରିଥିଲେ। ବିଭିନ୍ନ ମହଲରେ ଭାରତୀୟ ସେନାକୁ ପ୍ରଶଂସା କରାଯାଇଥିବା ବେଳେ ଏବେ ଆଇପିଏଲ ଫାଇନାଲରେ ଦେଶର ବୀର ଯବାନମାନଙ୍କୁ ସମ୍ମାନ ଜଣାଯିବ। ପ୍ରଥମଥର ପାଇଁ ଆଇପିଏଲ ପକ୍ଷରୁ ସେନା ବାହିନୀକୁ ସମ୍ମାନ ଜଣାଯାଉନାହିଁ। ୨୦୧୯ ପୁଲୱାମା ଆତଙ୍କବାଦୀରେ ୪୦ଜଣ ସିଆରପିଏଫ ଯବାନ ସହିଦ ହୋଇଥିଲେ। ସେହିବର୍ଷ ବିସିସିଆଇ ଆଇପିଏଲର ଉଦଘାଟନୀ ସମାରୋହକୁ ସାମରିକ ବ୍ୟାଣ୍ଡକୁ ନିମନ୍ତ୍ରଣ କରିଥିଲା। ସେହିପରି ଆଇପିଏଲ ପକ୍ଷରୁ ୨୦ କୋଟି ଟଙ୍କା ସେନା ବାହିନୀକୁ ଦିଆଯାଇଥିଲା।

# ସୁଟିଂ ବିଶ୍ୱକପ; ସ୍ୱର୍ଣ୍ଣ ପଦକ ଜିତିଲେ ତେଜସ୍ୱିନୀ

## ୧୧ ପଦକ ସହ ଶୀର୍ଷରେ ଭାରତ



ନୂଆଦିଲ୍ଲୀ, ୨୭।୫ (ହି.ସ): ଦେଶ ପାଇଁ ସ୍ୱର୍ଣ୍ଣ ପଦକ ଜିତି ଗୌରବ ଆଣିଛନ୍ତି ହରିୟାଣାର ତେଜସ୍ୱିନୀ। ଜର୍ମାନୀର ସୁଲଠାରେ ଆଇଏସ୍ଏସ୍ଏଫ ସୁଟିଂ ବିଶ୍ୱକପ୍ ଆୟୋଜିତ ହୋଇଛି। ସେଥିରେ ୨୫ ମିଟର ମହିଳା ପିସ୍ତଲରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ତେଜସ୍ୱିନୀ। ୮ ପ୍ରତିଯୋଗୀ ବିଶିଷ୍ଟ ଫାଇନାଲରେ ୫୦ ସଟରୁ ୩୧ ପଏଣ୍ଟ ଅର୍ଜନ କରି ପ୍ରଥମ ସ୍ଥାନରେ ରହିଥିଲେ। ପୂର୍ବରୁ ଯୋଗ୍ୟତା ପର୍ଯ୍ୟାୟରେ ଚତୁର୍ଥ ସ୍ଥାନରେ ରହିଥିଲେ ତେଜସ୍ୱିନୀ। ଯୋଗ୍ୟତା ପର୍ଯ୍ୟାୟରେ ଚତୁର୍ଥ ସ୍ଥାନରେ ରହିଥିଲେ ୨୦ ବର୍ଷୀୟ ତେଜସ୍ୱିନୀ। ୩୦୦ ପଏଣ୍ଟରୁ ୨୮୨ ପଏଣ୍ଟ ହାସଲ କରିଥିଲେ। କ୍ୱାଲିଫିକେସନ୍ ରାଉଣ୍ଡରେ ୫୭୫ ପଏଣ୍ଟ ହାତେଇଥିଲେ। ଜୁନିୟର ସୁଟିଂ ବିଶ୍ୱକପରେ ବ୍ୟକ୍ତିଗତ ଭାବେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ପ୍ରଥମ ହୋଇଛନ୍ତି। ଚୀନନକୁ ପଛରେ ପକାଇ ଦେଶ ପାଇଁ ସ୍ୱର୍ଣ୍ଣିମ ସଫଳତା ଆଣିଛନ୍ତି ତେଜସ୍ୱିନୀ। ସେହିପରି ମହିଳା ୨୫ ମିଟର ପିସ୍ତଲରେ ଭାଗ ନେଇଥିବା ଅନ୍ୟମାନଙ୍କ ମଧ୍ୟରେ ୩ ଭାରତୀୟ ରହିଛନ୍ତି। ରିୟା ଶିରିଶ ଥାଟେ, ନମ୍ୟା କାପୁର ଓ ଦିବ୍ୟାଂଶୀ ଯଥାକ୍ରମେ ୧୫, ୧୮ ଓ ୨୪ ସ୍ଥାନରେ ରହିଥିଲେ। କନିଷ୍ଠ ସୁଟରଙ୍କ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତ ୧୧ ପଦକ ଶହ ଶୀର୍ଷରେ ରହିଛି। ୧୧ ପଦକରେ ୩ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୪ କାଂସ୍ୟ ପଦକ ରହିଛି। ଚୀନ ୩ଟି ସ୍ୱର୍ଣ୍ଣ ପଦକ ଜିତିଛି।

# ସମ୍ବଲପୁରରେ ଅନୁଷ୍ଠିତ ହେବ ମୁଖ୍ୟମନ୍ତ୍ରୀ କପ ଅନ୍ତଃଜିଲ୍ଲା ଜୋନାଲ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

ସମ୍ବଲପୁର, ୨୭।୫ (ଡିକେ ନ୍ୟୁଜ): ରାଜ୍ୟ କ୍ରୀଡା ବିଭାଗର ସହଯୋଗରେ ଦ୍ୱାରା ମୁଖ୍ୟମନ୍ତ୍ରୀ କପ୍ ଅନ୍ତଃଜିଲ୍ଲା ଜୋନାଲ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ-୨୦୨୫ ଆସନ୍ତା ମେ ୨୮ ତାରିଖରୁ ଆରମ୍ଭ ହୋଇ ଜୁନ ୩ ତାରିଖ ପର୍ଯ୍ୟନ୍ତ ସମ୍ବଲପୁରର ଭିଏସଏସ୍ ଷ୍ଟାଡିୟମ୍, ଠାରେ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ସୁବର୍ଣ୍ଣପୁର, ବୌଦ୍ଧ, ବଲାଙ୍ଗିର, ନୂଆପଡା ଓ ବରଗଡ଼ ଜିଲ୍ଲାର ୮ଟି ଫୁଟବଲ୍ ଦଳ ଅଂଶଗ୍ରହଣ କରିବେ। ଏହି ଟୁର୍ଣ୍ଣାମେଣ୍ଟ ଦ୍ୱାରା ଜିଲ୍ଲାସ୍ତରରେ କୁଶଳୀ ଖେଳାଳିଙ୍କୁ ଚିହ୍ନଟ କରି ରାଜ୍ୟସ୍ତରରେ ପ୍ରସ୍ତୁତ କରାଯିବ।

# କନ୍ଦାଗଡ଼ ଏମଏମସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟ, ଶିଉନି ଏମଏମସିସି ଚାମ୍ପିଅନ



ଧର୍ମଗଡ଼, ୨୭।୫ (ଡିକେ ନ୍ୟୁଜ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ କନ୍ଦାଗଡ଼ ଏମଏମସିସି କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ କନ୍ଦାଗଡ଼ ଖେଳ ପଡିଆରେ ମଙ୍ଗଳବାର କ୍ରିକେଟ ଉଦଯାପନି ମ୍ୟାଚ ଶିଉନି ଏମଏମସିସି ଦଳ ଓ ଆମପାଣି ବିବିସି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉଦଯାପିତ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟଅତିଥି ଭାବେ ଆମପାଣି ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନା, ସମ୍ମାନିତ ଅତିଥି ଭାବେ ବିଶିକେଶନ ମାଝୀ, ଭୁବନେଶ୍ୱର ଦିଶାରୀ, ଦଇତାରି ମାଝୀ, ଭାସ୍କର ଦଣ୍ଡସେନା, ରାଜ ଧଙ୍ଗଡାମାଝୀ, ଭଗବାନ ମାଝୀ, ମଣ୍ଟୁ ଧଙ୍ଗଡାମାଝୀ ପ୍ରମୁଖ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟର ଫାଇନାଲର ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଟସ ଜିତି ଶିଉନି ଏମଏମସିସି ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୮ ୱିକେଟ ହରାଇ ୧୩୨ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷରେ ଆମପାଣି ବିବିସି ଦଳ ୪୨ ରନରେ ଅଲ ଆଉଟ ହୋଇଥିଲେ। ହେମନ୍ତ ମାଝୀ, ସୁଶାନ୍ତ କୁମାର ମାଝୀ ଅମ୍ପିଆର ଭାବେ ଖେଳ ପରିଚାଳନା କରିଥିବା ବେଳେ ସ୍କୋର ବୋର୍ଡରେ ଜ୍ୟୋତି ରଞ୍ଜନ ମାଝୀ ଓ ଖେଳର ଧାରା ବିବରଣୀ ତୁଳସିରାମ ବାଗ ପ୍ରଦାନ କରିଥିଲେ। ବିଜେତା ଶିଉନି ଏମଏମସିସି ଓ ରନର୍ସ ଅପ ଆମପାଣି ବିବିସି ଦଳକୁ ଉପସ୍ଥିତ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ। କନ୍ଦାଗଡ଼ ଏମଏମସିସି କ୍ରିକେଟ କ୍ଲବ ପକ୍ଷରୁ ଝସ କେତନ ମାଝୀ, ବିଷ୍ଣୁ ପ୍ରସାଦ, ଭୁବନେ, ଗୁଣ, ତୁଷାର, ଜୟରାମ, ଅଭୟ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ଭୁବନେଶ୍ୱର ଦିଶାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଆୟର କାହିଁକି ଟେଷ୍ଟ ଖେଳିପାରିବେ ନାହିଁ: ସେହୱାଗ



ନୂଆଦିଲ୍ଲୀ, ୨୭।୫ (ହି.ସ): ଜୁନ୍ ୨୦ରୁ ଆରମ୍ଭ ହେଉଥିବା ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଗୁରୁତ୍ୱପୂର୍ଣ୍ଣ ଭାରତ-ଇଂଲଣ୍ଡ ଶୃଙ୍ଖଳା ପାଇଁ ଟିମ୍ ଇଣ୍ଡିଆର ଦଳ ଘୋଷଣା କରାଯାଇଛି। କରୁଣ ନାୟାର ୮ ବର୍ଷ ପରେ ଫେରିବା ପରେ ଶୁଭମନ ଗିଲ ଦଳର ଅଧିନାୟକ ହୋଇଛନ୍ତି। ସାଇ ସୁଦର୍ଶନ ଏବଂ ଅନେକ ଯୁବ ଖେଳାଳିଙ୍କୁ ଦଳରେ ସାମିଲ କରାଯାଇଛି। ତଥାପି, ଶ୍ରେୟସ ଆୟରଙ୍କ ପ୍ରଦର୍ଶନ ଭଲ ହୋଇଥିଲେ ମଧ୍ୟ ତାଙ୍କୁ ସ୍ଥାନ ମିଳିନାହିଁ। ଅନେକ ପ୍ରଶଂସକ ଏଥିରେ କ୍ଷୁବ୍ଧ ଏବଂ ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ଚୟନ କମିଟି ଉପରେ ପ୍ରଶ୍ନ ଉଠାଇଛନ୍ତି। ବୀରେନ୍ଦ୍ର ସେହୱାଗ ମଧ୍ୟ ଏହା ଉପରେ ପ୍ରଶ୍ନ ଉଠାଇଥିଲେ। ପୂର୍ବତନ ଭାରତୀୟ କ୍ରିକେଟର ବୀରେନ୍ଦ୍ର ସେହୱାଗ ଇଂଲଣ୍ଡ ଗସ୍ତରୁ ଶ୍ରେୟସ ଆୟରଙ୍କୁ ବାଦ ଦେବା ଉପରେ ବିସିସିଆଇକୁ ପ୍ରଶ୍ନ କରିଥିଲେ। ସେ କହିଛନ୍ତି ନିଶ୍ଚିତ ଭାବରେ, ତାଙ୍କୁ ତାଙ୍କ ଅଧିନାୟକତ୍ୱ ପାଇଁ ବହୁତ ଶ୍ରେୟ ମିଳେ ନାହିଁ। ଅନ୍ୟପଟେ ମନୋଜ (ତିୱାରୀ) ମଧ୍ୟ କହିଛନ୍ତି ଯେ ରିଷଭ ପନ୍ତଙ୍କୁ ଅଧିନାୟକତ୍ୱ ମିଳିଲା ନାହିଁ କାରଣ ତାଙ୍କର ଆଇପିଏଲ ସିଜିନ୍ ଭଲ ନଥିଲା। କିନ୍ତୁ ଆୟରଙ୍କର ଏକ ଭଲ ସିଜିନ୍ ଥିଲା। ସେ ଟେଷ୍ଟ କ୍ରିକେଟ୍ କାହିଁକି ଖେଳିପାରିବେ ନାହିଁ? ସେ ନିଶ୍ଚିତ ଭାବରେ ତିନୋଟି ଫର୍ମାଟ୍ ଖେଳିପାରିବେ। ଶ୍ରେୟସ ଆୟର ଆଇପିଏଲ ସିଜିନ ୧୮ରେ ସବୁଠାରୁ ଭଲ ଫର୍ମରେ ଥିବା ବ୍ୟାଟସମ୍ୟାନଙ୍କ ମଧ୍ୟରୁ ଜଣେ। ସେ ଏହି ସିଜିନରେ ଖେଳାଯାଇଥିବା ୧୩ଟି ମ୍ୟାଚରେ ୪୮୮ ରନ କରିଛନ୍ତି। ୨୦୧୪ ପରେ ଏହା ପ୍ରଥମ ଥର ଯେ ପଞ୍ଜାବ କିଙ୍ଗ୍ସ ପ୍ଲେଅଫରେ ପହଞ୍ଚିଛି, ଏହା ମଧ୍ୟ ତାଙ୍କ ଅଧିନାୟକତ୍ୱରେ ଘଟିଥିଲା। ସେହୱାଗ ଚାହୁଁଥିଲେ ଯେ ଇଂଲଣ୍ଡ ଗସ୍ତ ପାଇଁ ଆୟରଙ୍କୁ ଦଳରେ ଚୟନ କରାଯାଉ। ସେହୱାଗ କହିଛନ୍ତି, ଯେତେବେଳେ ଆପଣ ଭଲ ଫର୍ମରେ ଥାଆନ୍ତି, ସେମାନଙ୍କୁ ଗସ୍ତରେ ନେବା ଭଲ, କାରଣ ସେମାନଙ୍କ ଭଲ ପ୍ରଦର୍ଶନ କରିବାର ସମ୍ଭାବନା ଅଧିକ ଥାଏ। ମୁଁ ତାଙ୍କୁ ଟେଷ୍ଟ ଦଳରେ ସାମିଲ କରିବାକୁ ଚାହୁଁଛି। ଯଦି ସେ ଟେଷ୍ଟ କ୍ରିକେଟରେ ମଧ୍ୟ ସମାନ ମନୋଭାବ ଗ୍ରହଣ କରନ୍ତି, ତେବେ ଏହା ଦଳକୁ ଲାଭ ଦେବ। ଆୟର ୨୦୨୧ ମସିହାରେ ତାଙ୍କର ଟେଷ୍ଟ ଡେବ୍ୟୁ କରିଥିଲେ ଏବଂ ୨୦୨୪ ଫେବୃଆରୀରେ ଇଂଲଣ୍ଡ ବିପକ୍ଷରେ ତାଙ୍କର ଶେଷ ଟେଷ୍ଟ ଖେଳିଥିଲେ। ଏହି ସମୟ ମଧ୍ୟରେ, ସେ ମୋଟ ୧୪ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି ଯେଉଁଥିରେ ସେ ୩୬.୮୬ ହାରରେ ୮୧୧ ରନ କରିଛନ୍ତି। ସେ ଏହି ଫର୍ମାଟରେ ଗୋଟିଏ ଶତକ ଏବଂ ୫ଟି ଅର୍ଦ୍ଧଶତକ ହାସଲ କରିଛନ୍ତି।

# ଚୁନରୀ ଚୁନରୀ ରିମେକରେ ଦର୍ଶକ ଖପ୍ପା

## '୯୦ ଦଶକର ଗୀତକୁ ବରବାଦ କରାଯାଉଛି'



ମୁମ୍ବାଇ, ୨୭।୫ (ହି.ସ): ଅପକମିଙ୍ଗ ଫିଲ୍ମ 'ହୈ ଜୱାନି ତୋ ଇଶ୍କ ହୋନା ହୈ'ରେ ନଜର ଆସିବେ ବରୁଣ ଧୱନ। ଫିଲ୍ମରେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିବେ ପୂଜା ହେଡଗେ ଓ ମୃଣାଳ ଠାକୁର। ସୋସିଆଲ ମିଡିଆରେ ଆଜିକାଲି ଏହି ଫିଲ୍ମ ସହ ଜଡ଼ିତ ଅନେକ ଭିଡିଓ ଭାଇରାଲ ହେଉଛି। ଇତିମଧ୍ୟରେ ଆଉ ଏକ ଭିଡିଓ ସାମ୍ନାକୁ ଆସିଛି, ଯେଉଁଥିରେ ବରୁଣ, ପୂଜା ଓ ମୃଣାଳ ଫିଲ୍ମ 'ବିବି ନମ୍ବର-୧'ର ଲୋକପ୍ରିୟ ଗୀତ 'ଚୁନରୀ ଚୁନରୀ'ରେ ନୃତ୍ୟ କରୁଥିବା ନଜର ଆସିଛନ୍ତି। ଭିଡିଓ ଦେଖିବା ପରେ ୟୁଜର୍ ରାଗିଯାଇଛନ୍ତି। ସେମାନଙ୍କ କହିବା ଅନୁସାରେ, ୯୦ ଦଶକର କ୍ଲାସିକ୍ ଗୀତଗୁଡ଼ିକୁ ପୁନଃ ପ୍ରସ୍ତୁତ କରି ବରବାଦ କରାଯାଉଛି। 'ଚୁନରୀ ଚୁନରୀ' ରିମେକ୍ ଗୀତର ଲିକ୍ ହୋଇଥିବା ଦୃଶ୍ୟରେ ବରୁଣ, ମୃଣାଳ ଓ ପୂଜା ନୃତ୍ୟ କରୁଥିବା ନଜର ଆସିଛନ୍ତି। ଭିଡିଓରେ ବରୁଣ ପ୍ରିଣ୍ଟେଡ୍ ସାର୍ଟ ଓ ଲାଲ୍ ପ୍ୟାଣ୍ଟ୍ ପିନ୍ଧିଛନ୍ତି। ମୃଣାଳ ଗୋଲଡେନ୍-ବ୍ଲାକ୍ ଡ୍ରେସରେ ଖୁବ୍ ଷ୍ଟାଇଲିଶ୍ ଦିଶୁଛନ୍ତି। ପୂଜା ବି ଗୋଲଡେନ୍ ପୋଷାକରେ ନଜର ଆସିଛନ୍ତି। 'ହୈ ଜୱାନୀ ତୋ ଇଶ୍କ ହୋନା ହୈ'ର ନିର୍ଦ୍ଦେଶନା ଦେଉଛନ୍ତି ବରୁଣଙ୍କ ବାପା ଡେଭିଡ୍ ଧୱନ୍। ରମେଶ ତୌରାନି ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ଫିଲ୍ମଟି ଆସନ୍ତା ବର୍ଷ ଏପ୍ରିଲ ୧୦ରେ ଥିଏଟରକୁ ଆସିବ। ୧୯୯୯ ମସିହାର ଫିଲ୍ମ 'ବିବି ନମ୍ବର-୧'ର 'ଚୁନରୀ ଚୁନରୀ' ଗୀତ ଗାଇଥିଲେ ଅଭିଜିତ ଭଟ୍ଟାଚାର୍ଯ୍ୟ। ଫିଲ୍ମରେ ସଲମାନ ଖାନ୍ ଓ ସୁସ୍ମିତା ସେନ୍ ମୁଖ୍ୟ କଳାକର ଥିଲେ। ତେବେ ବରୁଣଙ୍କ ଅପକମିଙ୍ଗ ଫିଲ୍ମରେ ଏହି ଗୀତର ରିମେକ୍ ଉପରେ କେବଳ ଦର୍ଶକ ନୁହେଁ, ଗାୟକ ଅଭିଜିତ ମଧ୍ୟ ପ୍ରତିକ୍ରିୟା ଦେଇଛନ୍ତି। ସେ ଏକ ଗଣମାଧ୍ୟମକୁ କହିଛନ୍ତି, ଫିଲ୍ମର ନିର୍ଦ୍ଦେଶକ କିମ୍ବା ମ୍ୟୁଜିକ୍ କମ୍ପୋଜର୍ ତାଙ୍କୁ ଏ ବିଷୟରେ ସୂଚନା ଦେଇନାହାନ୍ତି। ଏ ବିଷୟରେ ଯାଞ୍ଚ କରିବା ପାଇଁ ତାଙ୍କର ସାହାସ ମଧ୍ୟ ନାହିଁ। ବ୍ୟକ୍ତିଗତ ଭାବେ ଏହି ଗୀତ ତାଙ୍କ ପସନ୍ଦର ନ ଥିଲା। ବହୁତ ତରବରରେ ଗୀତ ପ୍ରସ୍ତୁତ ହୋଇଥିଲା ବୋଲି ସେ କହିଛନ୍ତି।

# ଗ୍ରୀଷ୍ମ କାଳୀନ ନିଶୁଳ୍କ କୁସ୍ତି, ଜୁଡୋ, କରାଟେ ଏବଂ ଉଷୁ ଆତ୍ମରକ୍ଷାର ତାଲିମ ଶିବିର ଉଦଘାଟିତ



ସମ୍ବଲପୁର, ୨୭।୫ (ଡିକେ ନ୍ୟୁଜ): ସମ୍ବଲପୁରର ଖ୍ୟାତି ସମ୍ପୂର୍ଣ୍ଣ ୩୩ବର୍ଷର ପୁରାତନ ଅନୁଷ୍ଠାନ ସାଓଲିନ କୁଙ୍ଗ୍ଫୁ ଉଷୁ ଏଶୋଶିଏଶନ ତରଫରୁ ଜୁଡୋ, କୁସ୍ତି, କରାଟେ ଏବଂ ଉଷୁ ଆତ୍ମରକ୍ଷା କୌଶଳ ଗ୍ରୀଷ୍ମ କାଳୀନ ନିଶୁଳ୍କ ତାଲମ ଶିବିର ମଙ୍ଗଳବାର ଭାରତୀୟ ଷ୍ଟେଟ ବ୍ୟାଙ୍କର ଡିଜିଏମ ଶୁନିଲ କୁମାର ଝା ମୁଖ୍ୟଅତିଥି ରୂପେ ଯୋଗଦେଇ ଉଦଘାଟନ କରିଥିଲେ ଏବଂ ଛାତ୍ରଛାତ୍ରୀଙ୍କ ଦିଗଦର୍ଶନ ଶିକ୍ଷା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସୋସିଏସନ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଲକ୍ଷଣ କୁମାର ମେହେର, ସଦସ୍ୟ ବି.ଶଙ୍କର, ଗିରିଧାରିଲାଲ ସବଲାକା ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ଏହା କଚେରୀ ସ୍ଥିତ, ସପ୍ଲାଇ ଅଫିସ ରାସ୍ତାରେ ଥିବା ଜିଲ୍ଲା ଜୁଡୋ ହଲ ଠାରେ ନିଶୁଳ୍କ ତାଲିମ ପ୍ରଶିକ୍ଷଣ ଆରମ୍ଭ ହୋଇଛି। ଏହା ପ୍ରତିଦିନ ସକାଳ ସାଢ଼େ ୬ରୁ ସାଢ଼େ ୮ଟା ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମକୁ ଏସୋସିଏସନର ସମ୍ପାଦକ ସୁବାଷ ଚନ୍ଦ୍ର ବେହେରା, ଗାୟତ୍ରୀ ମିଶ୍ର, ଦିବ୍ୟ କରିସ୍ମା ପୃଷ୍ଟି, ଓ ଦିପେଶ ଦାସ ପରିଚାଳନା କରିଥିଲେ। ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗଦେବା ପାଇଂ ଏସୋସିଏସନ ତରଫରୁ ଅନୁରୋଧ କରାଯାଇଛି। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ପ୍ରଦାନ ଦିଆଯିବ ଏବଂ କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯିବ।

# 'ଡକାୟତ: ଏକ ପ୍ରେମ କଥା'ରେ ଅଦିଭିଙ୍କ ବିପକ୍ଷରେ ମୃଣାଳ



ହାଇଦ୍ରାବାଦ, ୨୭।୫ (ହି.ସ): ଅଭିନେତା ଅଦିଭି ଶେଷ ଏବଂ ଅଭିନେତ୍ରୀ ମୃଣାଳ ଠାକୁରଙ୍କ ଆଗାମୀ ଫିଲ୍ମ 'ଡକାୟତ: ଏକ ପ୍ରେମ କଥା'ର ଟିଜରକୁ ସୋମବାର ଜାରି କରାଯାଇଛି। ଟିଜର ସାମ୍ନାକୁ ଆସିବା ପରେ ଫିଲ୍ମକୁ ନେଇ ଅଦିଭି ଏବଂ ମୃଣାଳଙ୍କ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ୧ ମିନିଟ୍ ୧ ସେକେଣ୍ଡ ଲମ୍ବା ଏହି ଟିଜରର ଏକ ଦୃଶ୍ୟରେ ଫିଲ୍ମ ନିର୍ମାତା ତଥା ଅଭିନେତା ଅନୁରାଗ କଶ୍ୟପଙ୍କ ଝଲକ ମଧ୍ୟ ଦେଖିବାକୁ ମିଳିଛି। ଟିଜରରେ ଅଦିଭିଙ୍କର ଅନେକ ଆକ୍ସନ ଦୃଶ୍ୟ ରହିଥିବାବେଳେ ଏଥିରେ ଅଦିଭି ଏବଂ ମୃଣାଳଙ୍କର ରୋମାନ୍ସକୁ ମଧ୍ୟ ଦେଖିବାକୁ ମିଳିଛି। ଫିଲ୍ମର କାହାଣୀ ପ୍ରେମ ଏବଂ ବିଶ୍ୱାସଘାତକତାକୁ ନେଇ ଆଧାରିତ ରହିଥିବା ନେଇ ଟିଜରରୁ ଜଣାପଡୁଛି। ଆସନ୍ତା ଡିସେମ୍ବର ୨୫ରେ କ୍ରିସମାସ୍ ଅବସରରେ ଉଭୟ ତେଲୁଗୁ ଏବଂ ହିନ୍ଦୀ ଭାଷାରେ ଏହି ଫିଲ୍ମକୁ ରିଲିଜ୍ କରାଯିବ। ଶାନାଲୀ ଦେଓଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ପ୍ରଥମେ ଅଭିନେତ୍ରୀ ଶ୍ରୁତି ହାସନ ଅଦିଭିଙ୍କ ବିପକ୍ଷରେ ନଜରକୁ ଆସିବେ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ପରେ ଶ୍ରୁତି କୌଣସି କାରଣବଶତଃ ଫିଲ୍ମରୁ ଓହରି ଯିବାରୁ ମୃଣାଳଙ୍କୁ ଏହି ଫିଲ୍ମରେ ସୁଯୋଗ ମିଳିଛି। 'ଡକାୟତ' ଫିଲ୍ମରେ ଅଭିନେତା ପ୍ରକାଶ ରାଜ୍ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜରକୁ ଆସିବେ।

କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik
Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com
Phone-0674-2975387
Mob: 9090962011
ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik